ଆମ ଦେଶର

ବଡ଼ ମଣିଷ

ଲେଖକ

ଶ୍ରୀ ବଭୂତଭୂଷଣ ପଟ୍ଟନାୟକ, ବି. ଏ.

ପ୍ରଥମ ସଂସ୍କରଣ

୧୯୫[illegible]

ପ୍ରକାଶକ

ଦାସ ବ୍ରଦର୍ସ

ବ୍ରହ୍ମପୁର : କଟକ : ସମ୍ବଲପୁର

ମୂଲ୍ୟ ଏକ ଟଙ୍କା ଟ ୧ ୮

ସୂଚୀ

ବିଷୟ		ପୃଷ୍ଠା
୧। ଜାତିର ଜନକ	...	
୨। ଭାରତ ରତ୍ନ	...	
୩। ଲୁହାର ମଣିଷ	...	୨.
୪। ନେତାଜୀ	...	୩୪
୫। ଆଦର୍ଶ ଭାରତୀୟ ମହିଳା		[illegible]
୬। ଦାସ ଆପଣେ	...	[illegible]
୭। କୋଟିକ ଭିତରେ ଗୋଟିଏ	...	[illegible]
୮। ଏ ଯୁଗର ମହାନ୍ ବିପ୍ଳବୀ	...	୭
୯। ବିପ୍ଳବୀ ଜୟପ୍ରକାଶ	...	୮



[ମହାତ୍ମା ଗାନ୍ଧୀ]

ଆମ ଦେଶର ବଡ଼ ମଣିଷ

ଜାତିର ଜନକ

ପୃଥିବୀରେ ଅନେକ ଲୋକ ଜନ୍ମ ହୁଅନ୍ତି । ସାମାନ୍ୟ ଜୀବନରେ କିଛିଦିନ ଜୀବନ ଅତିବାହିତ କରନ୍ତି । ତା ପରେ ତାଙ୍କର ମୃତ୍ୟୁ ହୁଏ । ମୃତ୍ୟୁପରେ ଅଳ୍ପ କିଛିଦିନ ପର୍ଯ୍ୟନ୍ତ ସାଙ୍ଗ ସାଥୀ, ଭାଇ ବନ୍ଧୁ, କିମ୍ବା ପରିବାରର ଲୋକେ ତାଙ୍କ ପାଇଁ ମନଦୁଃଖ କରନ୍ତି । କିନ୍ତୁ ସମୟ ଆଗେଇଗଲେ ସେହି ମଣିଷମାନଙ୍କ କଥା ଲୋକଙ୍କ ମନରୁ ଚାଲିଯାଏ । ସେ ଯେ ଜନ୍ମ ହୋଇଥିଲେ ସେ କଥା କିଛିଦିନ ପରେ ଲୋକେ ଭୁଲି ଯାଆନ୍ତି ।

କିନ୍ତୁ କୋଟିଏରେ ଗୋଟିଏ ଗୋଟିଏ ଏମିତି ଭଲ ଲୋକ ଥାଆନ୍ତି ଯେଉଁମାନେ କି ମଲା ପରେ ନିଜ କାମ ପାଇଁ ଜୀଇଁ ଥାଆନ୍ତି । ତାଙ୍କର ସ୍ମୃତି ଲୋକଙ୍କ ନିକଟରେ ଅମର ହୁଅନ୍ତି । ଆଜିକାଲି ଲୋକେ ତାଙ୍କ ନାମ ଶୁଣିଲେ ଭକ୍ତିରେ ମୁଣ୍ଡ ନୁଆଁଇ ଦିଅନ୍ତି । ୧୮୬୯ ମସିହା ଅକ୍ଟୋବର ଦୁଇ ତାରିଖରେ ଆମ

ଦେଶରେ ସେମାନଙ୍କ ଭଳି ଜଣେ ବଡ଼ଲୋକ ଜନ୍ମ ହୋଇଥିଲେ । ବାପା ମା' ତାଙ୍କର ନାମ ଦେଇଥିଲେ ମୋହନ ଦାସ କରମଚାନ୍ଦ ଗାନ୍ଧୀ । କିନ୍ତୁ ମହାତ୍ମା ଗାନ୍ଧି କହିଲେ ଆମେ ତାଙ୍କୁ ଯାହାଙ୍କ ସଙ୍ଗେ ଚିହ୍ନି ନେଉ । ତାଙ୍କରି ଯୋଗୁ ଆମ ଦେଶ ଇଂରେଜ ଶାସନ ଅଧୀନରୁ ମୁକ୍ତ ହୋଇ ସ୍ୱାଧୀନ ହେଲା ।

ଯାହା ଦେଖିଲେ ଗାନ୍ଧି ସେ ସିନା ପରେ ଭାରତର ସବୁ ଲୋକଙ୍କୁ ଆକର୍ଷିତ କରିଥିଲେ; କିନ୍ତୁ ତାଙ୍କ ପ୍ରକୃତ ନିଜ ଘର ଥିଲା କାଠିଆବାଡ଼ର ପୋରବନ୍ଦର । ତାଙ୍କର ତିନି ଭଉଣୀ ଓ ଜଣେ ବଡ଼ ଭାଇ ଥିଲେ । ପିଲାଦିନରୁ ସେ ଲାଜକୁଳା । ସ୍କୁଲରେ ପଢ଼ିଲା-ବେଳେ ଯେତେବେଳେ ଛୁଟି ହୁଏ, ତାଙ୍କ ସାଙ୍ଗ ସାଥୀ ଖେଳିବାକୁ ଯାଆନ୍ତି; କିନ୍ତୁ ସେ ଘରକୁ ଚାଲି ଆସନ୍ତି । ଘରେ ବାପା, ଭାଇ, ମା'ଙ୍କୁ ନ ଦେଖିଲେ ତାଙ୍କୁ ଭାରି ଅନ୍ଧୁଆ ଲାଗେ ।

ପିଲାଦିନ

ସାଧାରଣ ପିଲାଙ୍କ ଭଳି ପିଲାଦିନରୁ ତାଙ୍କର ଅନେକ ଦୋଷ ଥିଲା । ସେ ସାଙ୍ଗ ମେଳରେ ମିଶି ସେ ସିଗାରେଟ୍, ବିଡ଼ି ଲୁଚାଇ ଖାଇବା ଆରମ୍ଭ କରିଥିଲେ । ବିଡ଼ି, ସିଗାରେଟ୍ କିଣିବାକୁ ତାଙ୍କ ପାଖରେ ପଇସା ଆସିବ କୁଆଡ଼ୁ ? ବାପା କିମ୍ବା ଭାଇଙ୍କୁ ମାଗିଲେ ତ ସେ ଏ ଖରାପ ଅଭ୍ୟାସ ପାଇଁ କିଛି ପଇସା ଦେବେ ନାହିଁ, ଓଲଟି ଗାଳି ଦେବେ । ସେଥିପାଇଁ ସେ ଆଉ ଗୋଟିଏ ଖରାପ ଅଭ୍ୟାସ ଆରମ୍ଭ କରିଥିଲେ—ପଇସା ଚୋରି । ବଡ଼ ଭାଇଙ୍କ ଅଜାଣତରେ ତାଙ୍କ ପକେଟରୁ ପଇସା ନେଇ ସେ ବିଡ଼ି ସିଗାରେଟ୍ କିଣି ଖାଉଥିଲେ ।

ବଦଅଭ୍ୟାସ ଛାଡ଼ିଲେ

ପରେ ଏ ସବୁ କଥା ଭାବି ତାଙ୍କ ମନରେ ପରିବର୍ତ୍ତନ ଆସିଲା । ସେ ନିଜ ବଦଅଭ୍ୟାସ ପାଇଁ ଅନୁତାପ କଲେ । ଭାବିଲେ, ବାପାଙ୍କୁ ସବୁ କଥା ଖୋଲି କହି ସେ କ୍ଷମା ମାଗିବେ । କିନ୍ତୁ ସେ ଏତେ ଲାଜକୁଳା, ଭୟାଳୁ ଥିଲେ ଯେ ବାପାଙ୍କୁ ମୁହାଁ ଖୋଲି ଏତିକି କହିବାକୁ ତାଙ୍କର ସାହସ ହେଲା ନାହିଁ । ବାପା ଥରେ ରୋଗ-ଶଯ୍ୟାରେ ଶୋଇଥିବା ବେଳେ ଖଣ୍ଡେ କାଗଜରେ ସେ ନିଜ ଦୋଷ ଦୁର୍ବଳତା କଥା ଲେଖି ତାଙ୍କୁ ବଢ଼ାଇ ଦେଲେ । ସେଥିରେ ସେ ନିଜ ଦୋଷ ଗୋଟିକୁ ଗୋଟି ସବୁ ମାନିଯାଇ କ୍ଷମା ମାଗିଥିଲେ ଏବଂ ଜୀବନରେ ଆଉ ଏମିତି ଅନ୍ୟାୟ କାମ କରିବେ ନାହିଁ ବୋଲି ଲେଖିଥିଲେ । ସେ ଭାବିଥିଲେ ଚିଠିଟି ପଢ଼ିସାରି ବାପା ଭୟଙ୍କର ରାଗିବେ, ତାଙ୍କୁ ମାଡ଼ ଦେବେ । କିନ୍ତୁ ପୁଅର ସ୍ପଷ୍ଟବାଦିତାରେ ମୁଗ୍ଧ ହୋଇ ବାପା ଆନନ୍ଦରେ ବିହ୍ୱଳ ହୋଇ ପଡ଼ିଲେ । ତାଙ୍କ ଆଖିରୁ ଧାର ଧାର ଲୁହ ବୋହି ପଡ଼ିଲା ।

ସେଇଦିନୁଁ ଗାନ୍ଧିଜୀ ଏ ବଦଅଭ୍ୟାସଗୁଡ଼ିକୁ ଛି' କରି ଛାଡ଼ି ଦେଇଥିଲେ । ମଦ, ମାଂସ, ବିଡ଼ି, ସିଗାରେଟ୍ ଆଦି କିଛି ସେ ପରବର୍ତ୍ତୀ ଜୀବନରେ ସ୍ପର୍ଶ କରି ନ ଥିଲେ ।

ପାଠପଢ଼ା ପାଇଁ ବିଲାତ ଯାତ୍ରା

୧୮୮୭ରେ ଗାନ୍ଧିଜୀ ମାଟ୍ରିକୁଲେସନ୍ ପାଶ୍ କରି କଲେଜରେ ପଢ଼ିଲେ; କିନ୍ତୁ କଲେଜରେ ତାଙ୍କ ପଢ଼ାପଢ଼ି ଭଲ ହେଲା ନାହିଁ । ସେଥିପାଇଁ ଉଚ୍ଚ ଶିକ୍ଷା ପାଇଁ ବିଲାତ ପଠାଇବାକୁ କେହି କେହି ପରାମର୍ଶ ଦେଲେ ।

ଗାନ୍ଧିଜୀଙ୍କ ପରିବାର ଅତି ରକ୍ଷଣଶୀଳ । ସେତେବେଳେ ସମସ୍ତଙ୍କର ଧାରଣା ଥିଲା ସମୁଦ୍ର ପାରି ହୋଇ ଲୋକ ବିଦେଶ ଗଲେ ତାର ଧର୍ମ ନଷ୍ଟ ହୋଇଯାଏ । ସେଥିପାଇଁ ଗାନ୍ଧିଜୀଙ୍କ ବାପ ମା' ତାଙ୍କୁ ବିଲାତ ପଠାଇବାକୁ ରାଜି ହେଲେ ନାହିଁ । କିନ୍ତୁ ଗାନ୍ଧିଜୀ ଥରେ ଯାହା ଠିକ୍ ବୋଲି ବୁଝୁଥିଲେ, ସେ କାମ ନିଶ୍ଚୟ ସେ ପୂରଣ କରୁଥିଲେ । ସେ ଜିଦ୍ କଲେ, "ମୁଁ ନିଶ୍ଚୟ ବିଲାତ ଯିବି ।"

ଶେଷକୁ ଗାନ୍ଧିଜୀଙ୍କ କଥା ହିଁ ରହିଲା । ବିଲାତ ଯିବା କଥା ସ୍ଥିର ହୋଇଗଲା । ସେ ଶପଥ କଲେ ଯେ ବିଲାତରେ କେବେ ମଦ, ମାଂସ ଖାଇବେ ନାହିଁ । ପବିତ୍ର ଭାବରେ ଜୀବନ ଯାପନ କରିବେ । ଗାନ୍ଧିଜୀ ନିଜ ଧର୍ମକୁ ସାକ୍ଷୀ ରଖି ଏ ଶପଥ ପାଳନ କରିବେ ବୋଲି ପ୍ରତିଜ୍ଞା କଲେ ।

ଯାହାକୁ ଯାଇ ବିଲାତରେ ମଧ୍ୟ ଗାନ୍ଧିଜୀ ତାଙ୍କ ଶପଥ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ । ବିଦେଶ ରହଣି କାଳରେ ସେ କେବେହେଲେ ମଦ କିମ୍ବା ମାଂସ ଛୁଇଁ ନ ଥିଲେ । ନିଜ ଧର୍ମ ଅନୁସାରେ ପବିତ୍ର ଭାବରେ ଚଳୁଥିଲେ । ସେଥିପାଇଁ ତାଙ୍କୁ ବହୁ କଷ୍ଟ ସ୍ୱୀକାର କରିବାକୁ ହୋଇଥିଲା ।

ବିଲାତର ଜଳବାୟୁ ଆମ ଦେଶର ଜଳବାୟୁଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ସେ ଦେଶରେ ଭୀଷଣ ଥଣ୍ଡା । ଦିନରେ ମଧ୍ୟ ବରଫବୃଷ୍ଟି ହୁଏ । ମଦ, ମାଂସ ନ ଖାଇଲେ ସେ ଥଣ୍ଡା ଜଳବାୟୁରେ ଜୀବନ କାଟିବାର ପାଠ । ସେ ଦେଶର ସାହେବମାନେ ମଧ୍ୟ ଗାନ୍ଧିଜୀଙ୍କୁ ସେ ବିଷୟରେ ସତର୍କ କରି ଦେଇଥିଲେ । କିନ୍ତୁ ଗାନ୍ଧିଜୀ ଧରେ ବାଘ

ମାଆଙ୍କ ଆଗରେ ଯେଉଁ ଶପଥ କରି ଯାଇଥିଲେ, ସେ କଥା ସେ ଭୁଲି ଯାଇ ନ ଥିଲେ । ମାହେବଙ୍କ ସତର୍କବାଣୀ ତେଣୁ ତାଙ୍କୁ ତାଙ୍କ ଲକ୍ଷ୍ୟ ସ୍ଥଳରୁ ଘୁଞ୍ଚାଇ ପାରି ନ ଥିଲା । ସେ ମଦ, ମାଂସ ତ ଛୁଇଁ ନ ଥିଲେ, ତା ଛଡ଼ା ଭାଇଙ୍କ ଟଙ୍କା ଯେପରି ବୃଥାରେ ଖର୍ଚ୍ଚ ନ ହୁଏ, ସେଥିପାଇଁ ଚା’ କଫି ପିଆ ମଧ୍ୟ ଛାଡ଼ି ଦେଇଥିଲେ । ନିଜ ହାତରେ ରୋଷେଇ କରି ଖାଉଥିଲେ ।

ଏତେ କଷ୍ଟରେ ପାଠ ପଢ଼ି ବାରିଷ୍ଟରୀ ପାଶ୍ କରି ସେ ନିଜ ଦେଶକୁ ଫେରି ଆସିଲେ । କିନ୍ତୁ ଦେଶ ମାଟିରେ ପାଦ ଥୋଇ ଥୋଇ ବଡ଼ ଭାଇଙ୍କଠାରୁ ନିଜ ମା’ଙ୍କ ମୃତ୍ୟୁ ଖବର ପାଇଲେ । ଆଖିରୁ ତାଙ୍କର ଧାର ଧାର ଲୁହ ଖସି ପଡ଼ିଲା । କିନ୍ତୁ ସେଥିରେ ସେ ଭାଙ୍ଗି ପଡ଼ିଲେ ନାହିଁ । କୋଟି କୋଟି ଦୁଃଖୀ ଲୋକଙ୍କ ଆଖିରୁ ଲୁହ ପୋଛିବା ଯାହାର କାମ, ସେ କଣ ନିଜ ମା’ଙ୍କ ଦୁଃଖରେ ଦବି ଯାଇପାରେ !

ଦକ୍ଷିଣ ଆଫ୍ରିକା ଆନ୍ଦୋଳନ

ସେ ପ୍ରଥମେ ବମ୍ବେରେ ବାରିଷ୍ଟରୀ କଲେ । କିନ୍ତୁ ସେଠାରେ ତାଙ୍କର ଭଲ ରୋଜଗାର ହେଲା ନାହିଁ । ତାପରେ ରାଜକୋଟରେ ଯାଇ ବାରିଷ୍ଟରୀ କଲାବେଳେ ହଠାତ୍ ଗୋଟିଏ କାମରେ ତାଙ୍କୁ ଦକ୍ଷିଣ ଆଫ୍ରିକାକୁ ଯିବାକୁ ହେଲା । ସେତେବେଳେ ଦକ୍ଷିଣ ଆଫ୍ରିକାର ଗୋରା ଶାସକମାନେ କଳା ଲୋକଙ୍କ ଉପରେ ଭାରି ଅତ୍ୟାଚାର କରୁଥାଆନ୍ତି । କଳା ଲୋକଙ୍କୁ କିଛି ରାଜନୈତିକ ଅଧିକାର ମିଳୁ ନ ଥାଏ । ଭାରତୀୟମାନେ ସେଠାରେ ଭାରି କଷ୍ଟରେ ଥାଆନ୍ତି । ଗାନ୍ଧିଜୀଙ୍କୁ ଏ କଥା ଭାରି ବାଧିଲା । ସେ ସେଠାରେ ଏହି ଅବିଚାର ବିରୁଦ୍ଧରେ ଆନ୍ଦୋଳନ କଲେ ।

ଥରେ ଗାନ୍ଧିଜୀ ଗୋଟିଏ ଗାଡ଼ିରେ ପ୍ରଥମ ଶ୍ରେଣୀ ଟିକେଟ୍ କିଣି ଯାଉଥିଲେ । ବାଟରେ ଜଣେ ଗୋରା ଲୋକ ତାଙ୍କୁ ଗାଡ଼ିର ପ୍ରଥମ ଶ୍ରେଣୀ ଡବାରୁ ଓହ୍ଲାଇ ଯିବାକୁ କହିଲା । କାରଣ ସେତେବେଳେ ମଧ୍ୟ ପ୍ରଥମ ଶ୍ରେଣୀରେ କଳା ଲୋକ ଯିବା ମନା ଥାଏ । ଉପର ଶ୍ରେଣୀରେ କେବଳ ଗୋରାଲୋକଙ୍କର ସ୍ଥାନ । ଗାନ୍ଧିଜୀ କିନ୍ତୁ ଏହି ଅନ୍ୟାୟର ପ୍ରତିରୋଧ କଲେ । ସେ ନିଜ ସ୍ଥାନ ଛାଡ଼ି ଉଠିଲେ ନାହିଁ । ସେଥିରେ ଗୋରା ଲୋକ ଜଣକ ରାଗି ଯାଇ ପୋଲିସକୁ ଖବର ଦେଲା । ପୋଲିସ ଗାନ୍ଧିଜୀଙ୍କୁ ପ୍ରଥମ ଶ୍ରେଣୀରୁ ଓହ୍ଲାଇ ତୃତୀୟ ଶ୍ରେଣୀରେ ବସିବାକୁ ବାଧ୍ୟ କଲା । ଗାନ୍ଧିଜୀ ତାହାର ପ୍ରତିବାଦ କରି ଗାଡ଼ିରୁ ଓହ୍ଲାଇ ଆସିଲେ । କିନ୍ତୁ ତଳ ଶ୍ରେଣୀରେ ଯାଇ ବସିଲେ ନାହିଁ । ତାଙ୍କର ଏହି ନିର୍ଭୀକତା ଓ ସାହସିକତା ଯୋଗୁଁ ପରେ ତାଙ୍କୁ ଗାଡ଼ିର ପ୍ରଥମ ଶ୍ରେଣୀରେ ଯିବାକୁ ଅନୁମତି ମିଳିଥିଲା ।

ଗାନ୍ଧିଜୀଙ୍କ ନେତୃତ୍ୱ ଫଳରେ ଦକ୍ଷିଣ ଆଫ୍ରିକାରେ ଭାରତୀୟମାନଙ୍କର ଅନେକ ସୁବିଧା ହୋଇଗଲା । କିନ୍ତୁ ସେ ତାଙ୍କ ମୋକଦ୍ଦମା କାମ ସରିଯିବାରୁ ସ୍ୱଦେଶ ଭାରତକୁ ଫେରି ଆସିବାକୁ ଚାହାଁଲେ । ସେଠାରେ ଥିବା ଭାରତୀୟମାନେ ଗାନ୍ଧିଜୀଙ୍କୁ ଆଉ କିଛି ଦିନ ସେଠାରେ ରହିବାକୁ ଅନୁରୋଧ କଲେ । ମୋକଦ୍ଦମା କାମ ସରିଯାଇଥିଲେ ମଧ୍ୟ ନିଜ ଦେଶବାସୀଙ୍କ ସେବାପାଇଁ ଗାନ୍ଧିଜୀ ପୁଣି ସେଠାରେ ୩ ବର୍ଷ କାଳ ରହିଲେ । ଏହି ରହଣି ଭିତରେ ତାଙ୍କୁ ଅନେକ ଦୁଃଖ ଓ କଷ୍ଟ ସହିବାକୁ ହୋଇଥିଲା ।

ନିଜ ସ୍ତ୍ରୀ ଓ ପିଲାପିଲିଙ୍କୁ ଗାନ୍ଧିଜୀ ପରେ ଦକ୍ଷିଣ ଆଫ୍ରିକାକୁ ନେଇ ଯାଇଥିଲେ । ଏତେବଡ଼ ବାରିଷ୍ଟର ହୋଇଲେ ବି ତାଙ୍କର

ଠିକଏ ଦେଖିଲେ ଅହଙ୍କାର ନଥିଲା । ନିଜ ହାତରେ ନିଜ ଲୁଗା କାଚୁଥିଲେ । ଲୁଗାରେ ଇସ୍ତ୍ରୀ ଦେଉଥିଲେ ।

ଭାରତୀୟମାନଙ୍କ ଦାବୀ ହାସଲ ପାଇଁ ଦକ୍ଷିଣ-ଆଫ୍ରିକାରେ ଗାନ୍ଧିଜୀ ଯୋଗୀ ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼େଇ କରୁଥିଲେ ମଧ୍ୟ, ଇଂରେଜ ଲୋକଙ୍କ ଉପରେ ତାଙ୍କର ଆଦୌ ହିଂସା ନଥିଲା । ସେତେବେଳେ ଥରେ ଇଂରେଜ ଓ ବୁଅର ଜାତିମାନଙ୍କ ମଧ୍ୟରେ ଲଢ଼େଇ ଲାଗିଥିଲା । ବୁଅରମାନଙ୍କ ହାତରେ ଇଂରେଜମାନେ ବହୁ ସଂଖ୍ୟାରେ ମଲେ । ଅନେକ ଘାଇଆ, ଖାବରା ହୋଇ କଷ୍ଟଭୋଗ କଲେ । ଇଂରେଜମାନଙ୍କ ଏ ଦୁଃଖ, କଷ୍ଟ ଦେଖି ଗାନ୍ଧିଜୀଙ୍କ ହୃଦୟ ତରଳିଗଲା । ସେ ସେଠାରେ ଥିବା ଭାରତୀୟମାନଙ୍କର ଏକ ସେବାଦଳ ଗଠନକରି ଆହତ ଇଂରେଜମାନଙ୍କର ସେବା କରିବାକୁ ଲାଗିଲେ । ସାରାପୃଥିବୀରେ ଏଥିପାଇଁ ଭାରତୀୟମାନଙ୍କର ପ୍ରଶଂସା ହୋଇଥିଲା ।

ସ୍ୱାଧୀନତା ଆନ୍ଦୋଳନର ସାରଥି

୧୯୧୪ ମସିହାରେ ଗାନ୍ଧିଜୀ ଦକ୍ଷିଣ-ଆଫ୍ରିକାରୁ ଭାରତ ଫେରି ଆସିଲେ । ସେତେବେଳକୁ ଭାରତରେ ସ୍ୱାଧୀନତା ପାଇବା ପାଇଁ ଲୋକଙ୍କ ଭିତରେ ଖୁବ୍ ଆନ୍ଦୋଳନ ଚାଲିଥାଏ । ଦକ୍ଷିଣ-ଆଫ୍ରିକାରେ ରହି ଗାନ୍ଧିଜୀ ଇଂରେଜମାନଙ୍କ ବିରୁଦ୍ଧରେ ଯେଉଁ କାର୍ଯ୍ୟ କରିଥିଲେ, ଭାରତରେ ଲୋକମାନେ ସେ ସବୁ କଥା ଜାଣିଥିଲେ । ଗାନ୍ଧିଜୀଙ୍କ ପ୍ରତି ସେମାନଙ୍କର ସମ୍ମାନ ଖୁବ୍ ବଢ଼ିଯାଇଥିଲା ।

ଗାନ୍ଧିଜୀ ଭାରତକୁ ଆସି ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେବାକୁ ସ୍ଥିର କଲେ । ଇଂରେଜମାନେ ବେପାର କରିବାକୁ

ଆସି ଆମ ଦେଶକୁ ଦଖଲକରି ସବୁ ଧନ ନିଜ ଦେଶକୁ ବୁହାଇ ନେଉଥିଲେ । ଏକଥା ଗାନ୍ଧିଜୀ ସହି ପାରିଲେ ନାହିଁ । ଇଂରେଜମାନଙ୍କୁ ତଡ଼ିବା ପାଇଁ ସେ ମନେ ମନେ ପ୍ରତିଜ୍ଞାକରି କଂଗ୍ରେସର ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ ।

ଇଂରେଜ ସେତେବେଳେ କେବଳ ଭାରତ ନୁହେଁ, ପୃଥିବୀର ଅନେକ ଦେଶ ମଧ୍ୟ ଶାସନ କରୁଥିଲା । ଇଂରେଜ ସାମ୍ରାଜ୍ୟରେ ସୂର୍ଯ୍ୟ ଅସ୍ତ ହେଉନଥିଲା । ତାର ସୈନ୍ୟ, ସାମନ୍ତ, ତୋପ, ଗୁଳି, ବନ୍ଧୁକ ଆଗରେ ଭାରତୀୟମାନେ କି ଛାର ! ଇଂରେଜମାନଙ୍କୁ ଦେଶରୁ କେମିତି ତଡ଼ାଯିବ ସେଥିପାଇଁ କେହି କିଛି ବାଟ ପାଉନଥିଲେ ।

ଗାନ୍ଧିଜୀ ଆସି ବାଟ ଦେଖାଇ ଦେଲେ । ସେ ଜାଣିଥିଲେ ଭାରତୀୟମାନଙ୍କ ମଧ୍ୟରେ ଏକତା ନଥିବାରୁ ଇଂରେଜମାନେ ସହଜରେ ଏତେବଡ଼ ଦେଶକୁ ଜିଣି ପାରିଲେ । ପୁଣି ଭାରତୀୟ ଲୋକଙ୍କ ମଧ୍ୟରେ ଏକତା ନଆସିଲେ, ଇଂରେଜମାନଙ୍କ ମଧ୍ୟରେ ଲଢ଼େଇ କରିବା ସହଜ ନୁହେଁ ।

ହରିଜନ ଆନ୍ଦୋଳନ

ଗାନ୍ଧିଜୀ ହିନ୍ଦୁ, ମୁସଲମାନ ସମସ୍ତଙ୍କୁ ଏକାଠି ହୋଇ ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼ିବାକୁ ଆହ୍ୱାନ କଲେ । ହିନ୍ଦୁମାନଙ୍କ ମଧ୍ୟରେ ବାଉରୀ, କଣ୍ଡରା ପ୍ରଭୃତି ଜାତିଙ୍କୁ ଅଛୁଆଁ ଜାତି ବୋଲି କହି ଅଲଗା ରଖା ଯାଉଥିଲା । ଗାନ୍ଧିଜୀ ପ୍ରଥମେ ସେମାନଙ୍କୁ ହରିଜନ ନାମ ଦେଇ ସବର୍ଣ୍ଣ ହିନ୍ଦୁମାନଙ୍କ ଭାଗରେ ସମାନ ଆସନ ଦେବାକୁ ଚେଷ୍ଟା କଲେ । ହରିଜନମାନଙ୍କୁ ଦେବ ମନ୍ଦିରରେ ପ୍ରବେଶ ଅଧିକାର ମଧ୍ୟ ମିଳିଲା ।

ଅସହଯୋଗ ଆନ୍ଦୋଳନ ଓ କଷ୍ଟ

ଗାନ୍ଧିଜୀ ବୁଝିଥିଲେ ଇଂରେଜମାନେ ଏ ଦେଶକୁ ଶାସନ କରିବାକୁ ଆସି ନ ଥିଲେ ସେମାନେ ବେପାର କରିବାକୁ ଆସିଥିଲେ । ବାଣିଜ୍ୟ ସେମାନଙ୍କର ପ୍ରଧାନ ଲକ୍ଷ୍ୟ । ଯଦି ତାଙ୍କ ବାଣିଜ୍ୟକୁ କୌଣସିମତେ ଅଚଳ କରି ଦିଆଯାଇପାରେ ତେବେ ସେମାନେ ଭାରତ ଛାଡ଼ି ପଳାଇବାକୁ ବାଟ ପାଇବେ ନାହିଁ । ସେଥିପାଇଁ ସେ ବିଦେଶୀ ଜିନିଷ ବର୍ଜନ କରିବାକୁ ଦେଶବାସୀଙ୍କୁ ଆହ୍ୱାନ କଲେ । ଇଂରେଜମାନଙ୍କୁ ଅସ୍ତ୍ର, ଶସ୍ତ୍ରରେ ପ୍ରତିରୋଧ କରିହେବ ନାହିଁ ଜାଣି ସେ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଥିଲେ । ହିଂସା ବଦଳରେ ଅହିଂସା ଆନ୍ଦୋଳନ ଥିଲା ତାଙ୍କର ପ୍ରଧାନ ମନ୍ତ୍ର । ଚରଖା ଚଳାଇ ସୂତା କାଟିବାକୁ ସେ ସବୁବେଳେ ପରାମର୍ଶ ଦେଉଥିଲେ । ଦେଶରେ ସମସ୍ତେ ଦେଶୀ ଲୁଗା ପିନ୍ଧନ୍ତୁ, ଏହା ତାଙ୍କର ଇଚ୍ଛା ଥିଲା ।

ଗାନ୍ଧିଜୀଙ୍କ ମନ୍ତ୍ରରେ ଅନୁପ୍ରାଣିତ ହୋଇ ଲକ୍ଷ, ଲକ୍ଷ ଲୋକ ଅହିଂସା ଅସହଯୋଗ ଆନ୍ଦୋଳନରେ ଯୋଗ ଦେଲେ । ଲାଠିମାଡ଼, ଗୁଳିବନ୍ଧୁକ ସହି ଦେଶକୁ ସ୍ୱାଧୀନ କରିବାକୁ ସ୍କୁଲ, କଲେଜ ଛାଡ଼ି ଛାତ୍ର ଛାତ୍ରୀମାନେ ଓ ଚାକିରି ଛାଡ଼ି ସରକାରୀ କର୍ମଚାରୀମାନେ ଆଗେଇ ଆସିଲେ । ଏହି ସ୍ୱାଧୀନତା ଆନ୍ଦୋଳନକୁ ଦବାଇ ଦେବା ପାଇଁ ଇଂରେଜ ସରକାର ବହୁ ଲୋକଙ୍କୁ ଲାଠି, ଗୁଳିରେ ମାରିଲେ । ମୁଖିଆ ମୁଖିଆ ଲୋକଙ୍କୁ ଜେଲ ମଧ୍ୟରେ ବନ୍ଦୀ କରି ରଖିଲେ ।

ଏପରି ଦମନଲୀଳା ସତ୍ତ୍ୱେ ଗାନ୍ଧିଜୀଙ୍କ ଡାକରେ ଅଧିକରୁ ଅଧିକ ଲୋକ ଲଢ଼ାଇ କରିବା ପାଇଁ ଆଗେଇ ଆସିଲେ । ଛୋଟ ଛୋଟ ବାଳକ ଯୁବକ, ସ୍ତ୍ରୀ, ବୃଦ୍ଧ ସମସ୍ତେ ସ୍ୱାଧୀନତା

ଲଟେଡ଼ଇରେ ଆସି ଯୋଗ ଦେଲେ । ଲାଠି, ଗୁଳି ଖାଇଲେ । ହସି ହସି ଜେଲ୍ ଭୋଗିଲେ ।

ଏ ଯୁଦ୍ଧ ଦିନେ ଅଧେ ନୁହେଁ—ପଚିଶ ବର୍ଷ ଚାଲିଲା । ଲୋକେ ହସି ହସି ଦେଶପାଇଁ ମଲେ, ମାଡ଼ ଖାଇଲେ, ଜେଲ୍ ଗଲେ । ଶେଷରେ ଇଂରେଜ ସରକାର ଲୋକଙ୍କ ଦାବୀ ପାଖରେ ମୁଣ୍ଡ ନୁଆଁଇଲା । ୧୯୪୭ ଅଗଷ୍ଟ ପନ୍ଦର ତାରିଖରେ ଭାରତକୁ ସ୍ୱାଧୀନତା ମିଳିଲା ।

ଜାତିର ଜନକ

ଗାନ୍ଧିଜୀ ତାଙ୍କର ଏହି ଅସାଧାରଣ କାର୍ଯ୍ୟଯୋଗୁ ଦେଶରେ ଭାରତର ମହାତ୍ମା ବୋଲି ପୂଜା ପାଇଲେ । ଏତେବଡ଼ ନେତା ହେଲେ ବୋଲି କେବେବି ସେ ଆଡ଼ମ୍ବରରେ ରହୁ ନ ଥିଲେ । ଆଣ୍ଠୁଲୁଚୁ ନଥିବା ଖଦଡ଼ ଲୁଗା ଖଣ୍ଡେ, ଖଦଡ଼ ଚଦର ଖଣ୍ଡେ ତାଙ୍କର ସାଧାରଣ ପୋଷାକ ଥିଲା । ସେ ଇଚ୍ଛା କରିଥିଲେ ସ୍ୱାଧୀନ ଭାରତର ରାଷ୍ଟ୍ରପତି କିମ୍ବା ପ୍ରଧାନ ମନ୍ତ୍ରୀ ଅତି ସହଜରେ ହୋଇ ପାରିଥାନ୍ତେ । କିନ୍ତୁ ସେ ସବୁକୁ ସେ ତୁଚ୍ଛ କରିଦେଇ ସ୍ୱାଧୀନତା ପରେ ଋଷିଙ୍କ ଭଳି ସରଳ, ପବିତ୍ର ଜୀବନଯାପନ କରୁଥିଲେ । ଅରଟରେ ସୂତା କାଟିବା, ଭଗବାନଙ୍କୁ ପ୍ରାର୍ଥନା କରିବା ତାଙ୍କର ପ୍ରଧାନ କାମ ହୋଇ ପଡ଼ିଥିଲା । ଭାରତ ପାକିସ୍ଥାନ ନାମରେ ଭାରତବର୍ଷ ଦୁଇଭାଗ ହୋଇଗଲା ପରେ ହିନ୍ଦୁ, ମୁସଲମାନଙ୍କ ମଧ୍ୟରେ ସଦ୍‌ଭାବ ଫେରାଇ ଆଣିବା ପାଇଁ ସେ ଅନେକ ଥର ଉପବାସ କରିଛନ୍ତି । ତାଙ୍କର ଚେଷ୍ଟା ଫଳରେ ଭାରତରେ ହିନ୍ଦୁ, ମୁସଲମାନମାନଙ୍କ ଏବଂ ସବର୍ଣ୍ଣ ଓ ହରିଜନ ଭାଇ ଭାଇ ଭଳି ଚଳିବାକୁ ଶିଖିଲେ । ଦେଶଦେଶର ଦର

ହୋଇଗଲା । ଦେଶର ସବୁ ଜାତି, ସବୁ ଧର୍ମର ଲୋକେ ତାଙ୍କୁ ଜାତିର ଜନକରୂପେ ସମ୍ମାନ ଦେଖାଇଲେ ।

ଗାନ୍ଧିଜୀ ଦେଶପାଇଁ ନିଜ ଜୀବନର ସୁଖ, ସୁବିଧାକୁ ବଳି ଦେଇଥିଲେ । ଦେଶର ମଙ୍ଗଳ ପାଇଁ ସେ ବିଦେଶୀ ଇଂରେଜମାନଙ୍କୁ ନିଜ ଦେଶରୁ ତଡ଼ିଲେ । କିନ୍ତୁ ଶେଷରେ ନିଜ ଦେଶର ଜଣେ ହିନ୍ଦୁ ଲୋକ ଦ୍ୱାରା ତାଙ୍କ ପ୍ରାଣ ଗଲା । ନାଥୁରାମ ବିନାୟକ ଗଡ଼ସେ ନାମକ ଜଣେ ଲୋକର ଗୁଳିରେ ପ୍ରାର୍ଥନା ସଭାରେ ୧୯୪୮ ଜାନୁୟାରୀ ୩୦ ତାରିଖ ଦିନ ସେ ପ୍ରାଣତ୍ୟାଗ କଲେ ।

ଭାରତ ରତ୍ନ

ଆମ ଦେଶକୁ ଯେଉଁ ଇଂରେଜମାନେ ଦେଢ଼ଶହ ବର୍ଷ ଧରି ଶାସନ କରିଗଲେ, ସେଇମାନଙ୍କ ପ୍ରକୃତ ଦେଶ ହେଉଛି ଇଂଲଣ୍ଡ । ଇଂଲଣ୍ଡରେ ହାରୋ ବୋଲି ଗୋଟିଏ ବଡ଼ ସ୍କୁଲ । ସେଠାରେ ଧନୀ ଘରର ପିଲାମାନେ ପାଠ ପଢ଼ନ୍ତି । ଭାରତରୁ ଯାଇ ଥରେ ଗୋଟିଏ ପିଲା ସେଇ ଇଂରେଜ୍ ସ୍କୁଲରେ ପାଠ ପଢ଼ୁଥିଲା ।

ଇଂଲଣ୍ଡରେ ସେତେବେଳକୁ ନିର୍ବାଚନ ସରି ଯାଇଥାଏ । ମାନାଦଳ ନୂଆ ମନ୍ତ୍ରୀମଣ୍ଡଳ ଗଠନ କରିଥାଏ । ହାରୋ ସ୍କୁଲର ଗୋଟିଏ ଶ୍ରେଣୀରେ ଶିକ୍ଷକ ସେଇ ନୂଆ ମନ୍ତ୍ରୀମଣ୍ଡଳ ଗଠନ ସମ୍ପର୍କରେ ଗୋଟିଏ ପ୍ରଶ୍ନ ପଚାରିଲେ ।

ଶ୍ରେଣୀର ସବୁ ପିଲା ଜାବା ହୋଇଗଲେ । ଏ ଏହା ମୁହଁକୁ ଚାହିଁଲା ତ ସେ ତାହା ମୁହଁକୁ ଚାହିଁଲା । ନିର୍ବାଚନରେ କେଉଁ

ରାଜନୈତିକ ଦଳ ସଂଖ୍ୟାଗରିଷ୍ଠ ହୋଇ କିଏ ମନ୍ତ୍ରୀମଣ୍ଡଳ ଗଢ଼ିଛି ସେ କଥା କୌଣସି ପିଲା କହିପାରିଲେ ନାହିଁ ।

ହଠାତ୍ ଶିକ୍ଷକ ଦେଖିଲେ ଶ୍ରେଣୀର ଗୋଟିଏ ଭାରତୀୟ ଛାତ୍ର ଉତ୍ତର ଦେବାକୁ ଠିଆ ହୋଇଛି । ସେ ପଚାରିଲା କ୍ଷଣି, ପିଲାଟି ଠିକ୍ ଠିକ୍ ସବୁ ଉତ୍ତର ଦେଇଦେଲା । କେବଳ କେଉଁ ରାଜନୈତିକ ଦଳ ମନ୍ତ୍ରୀମଣ୍ଡଳ ଗଢ଼ିଛି ସେତିକି ନୁହେଁ, କିଏ କିଏ ମନ୍ତ୍ରୀ ହୋଇଛନ୍ତି, କେଉଁ କେଉଁ ମନ୍ତ୍ରୀଙ୍କ ଅଧୀନରେ କେଉଁ କେଉଁ ବିଭାଗ ରହିଛି, ସେ ସବୁ ଏକାଥରେ କହିଦେଲା ।

ଶିକ୍ଷକ ଆଶ୍ଚର୍ଯ୍ୟ ହୋଇଗଲେ । ଇଂଲଣ୍ଡ ଦେଶର କଥା ଇଂଲଣ୍ଡର ପିଲାମାନେ କିଛି ଖବର ରଖି ନ ଥିବା ବେଳେ, ଜଣେ ଭାରତୀୟ ପିଲା ସବୁକଥା ଏକାଥରେ କହିଦେବା ଦେଖି ସେ ବିସ୍ମିତ ହୋଇଗଲେ । ପିଲାଟି ସ୍କୁଲର ପାଠ୍ୟପୁସ୍ତକ ବ୍ୟତୀତ ବାହାରର ବହିପତ୍ର ଖବରକାଗଜ ଯେ ନିୟମିତ ପଢ଼େ, ସେ କଥା ସେ ବୁଝିପାରିଲେ । ବଡ଼ ହେଲେ ପିଲାଟି ଦେଶର ଜଣେ ବଡ଼ ଲୋକ ହେବ, ସେ କଥା ତାଙ୍କ ଆଖିକୁ ଜଳ ଜଳ ହୋଇ ଦେଖାଗଲା ।

ପୃଥିବୀ ଭିତରେ ଜଣେ ବଡ଼ ମନୀଷୀ

ସତକୁ ସତ ବଡ଼ ହେଲାକ୍ଷଣି ପିଲାଟି ଜଣେ ବଡ଼ ମନୀଷୀ ହେଲା । ସେ କେବଳ ଭାରତବର୍ଷର ଜଣେ ବଡ଼ ମନୀଷୀ ନୁହେଁ, ସାରା ପୃଥିବୀରେ ବଡ଼ ମନୀଷୀଙ୍କ ଭିତରୁ ସେ ଜଣେ ହେଲା । ୧୫ ବର୍ଷ ବୟସରେ ଇଂଲଣ୍ଡ ହାରୋ ସ୍କୁଲରେ ଯେଉଁ ପିଲାଟି ଶ୍ରେଣୀ-ଶିକ୍ଷକଙ୍କୁ ଉତ୍ତର ଦେଇ କାବା କରିଦେଇଥିଲା, ନିଜ ବିଚକ୍ଷଣ ବୁଦ୍ଧି,

ରାଜନୈତିକ ଗୁଣର ଦ୍ୱାରା ସେ ଆଜି ସାରା ପୃଥିବୀର ଲୋକଙ୍କୁ ଆଶ୍ଚର୍ଯ୍ୟ କରି ଦେଉଛନ୍ତି । ଏହି ପିଲାଟିର ନାମ ହେଉଛି, ପଣ୍ଡିତ ଜବାହରଲାଲ ନେହେରୁ । ସେ ଆମ ପ୍ରିୟ ଭାରତବର୍ଷର ପ୍ରଧାନ ମନ୍ତ୍ରୀ ।

ପଣ୍ଡିତ ନେହେରୁ ଏଲାହାବାଦଠାରେ ୧୮୮୯ ମସିହା ନଭେମ୍ବର ମାସ ୧୪ ତାରିଖ ଦିନ ଜନ୍ମ ହୋଇଥିଲେ । ତାଙ୍କ ବାପାଙ୍କ ନାମ ପଣ୍ଡିତ ମୋତିଲାଲ ନେହେରୁ । ମାଆଙ୍କ ନାମ ସ୍ୱରୂପରାଣୀ ।

ନେହେରୁ ପରିବାର

ନେହେରୁ ପରିବାର ଥିଲେ ଖାଣ୍ଟି କାଶ୍ମୀର ବ୍ରାହ୍ମଣ । ମୋଗଲ ବାଦଶାହାଙ୍କ ଅମଳରେ ଏମାନଙ୍କ ପୂର୍ବ ପୁରୁଷ କାଶ୍ମୀରରୁ ଆସି ଦିଲ୍ଲୀରେ ରହିଥିଲେ । ଏହି ବଂଶରେ ରାଜକୌଲ୍ ନାମକ ଜଣେ ବଡ଼ ପଣ୍ଡିତ ଥିଲେ । ପାର୍ସି ଏବଂ ସଂସ୍କୃତ ଭାଷାରେ ରାଜକୌଲ୍‌ଙ୍କ ଖୁବ୍ ଦକ୍ଷତା ଥିଲା । ସେଥିପାଇଁ ସେତେବେଳର ବାଦଶାହା ତାଙ୍କ ଉପରେ ସନ୍ତୁଷ୍ଟ ହୋଇ ତାଙ୍କୁ କେତେକ ଜମି ଜାଗିର ଦେଇଥିଲେ । ଏହି ଜାଗିର ଜମି 'ନହର' ବା କେନାଲ କୂଳରେ ଅବସ୍ଥିତ ଥିଲା । ସେହିଦିନଠାରୁ ଏମାନଙ୍କ ଉପାଧି ନେହେରୁ ହୋଇଛି । ମୋଗଲ ବାଦଶାହା କ୍ଷମତାରେ ଥିବା ପର୍ଯ୍ୟନ୍ତ ଏମାନେ ସମସ୍ତେ ଦିଲ୍ଲୀରେ ଥିଲେ । ବାଦଶାହାଙ୍କ ପତନ ପରେ ଏଲାହାବାଦକୁ ଏମାନଙ୍କ ଘର ଉଠି ଆସିଲା ।

ଜବାହରଲାଲଙ୍କ ବାପା ମୋତିଲାଲ ଏଲାହାବାଦର ଜଣେ ନାମଜାଦା ଓକିଲ ଥିଲେ । ସାରା ଭାରତବର୍ଷରେ ତାଙ୍କର ସୁଖ୍ୟାତି

ଥିଲା । ଘରରେ ତାଙ୍କର ଅଭାବ ନ ଥିଲା । ପିଲାଦିନୁ ଜବାହରଲାଲଙ୍କୁ ଏକ ବଡ଼ ମଣିଷ କରି ଗଢ଼ିବା ପାଇଁ ସେ ଚେଷ୍ଟା କରିଥିଲେ । ସାଧାରଣ ପିଲଙ୍କ ଭଳି ନିଜ ପୁଅକୁ ସେ କୌଣସି ପ୍ରାଥମିକ ସ୍କୁଲରେ ନ ଛାଡ଼ି ଗୋଟିଏ ମେମ୍ ମାଷ୍ଟରଣୀ ରଖାଇ ଘରେ ପଢ଼ାଉଥିଲେ ।

ରଗୀ ବାପାକୁ ସତ୍ୟବାଦୀ ପୁଅ

ମୋତିଲାଲ ଭାରି କଡ଼ା ଲୋକ । କାହାରି ଦୋଷ କ୍ଷମା କରିବାକୁ ସେ ମୋଟେ ଚାହାନ୍ତି ନାହିଁ । ପୁଅକୁ ଭଲ ଖୁଆଇ ଭଲ ପିନ୍ଧାଇ, ସ୍କୁଲରେ ପଢ଼ିବାକୁ ସେ ଯେତିକି ଟଙ୍କା ପଇସା ଖର୍ଚ୍ଚ କରୁଥିଲେ, ପୁଅର ଦୋଷ ଦେଖିଲେ କଡ଼ା ଦଣ୍ଡ ଦେଇ ଶାସନ କରିବାକୁ ସେ ସିକିଏ ହେଲେ ପଛାଉ ନ ଥିଲେ । ତାଙ୍କର କଡ଼ା ଶାସନ ଯୋଗୁ ଜବାହରଲାଲ ଆଜି ଏତେ ମଣିଷ ହୋଇ ସାରା ପୃଥିବୀରେ ନାମ କମାଇଛନ୍ତି ।

ଥରେ ମୋତିଲାଲଙ୍କ ଅଫିସ ଘର ଟେବୁଲ ଉପରେ ଦୁଇଟି ଫାଉଣ୍ଟେନ୍ କଲମ ଥୁଆ ହୋଇଥାଏ । ଯୋଗକୁ ଜବାହରଲାଲ ସେ ଘରକୁ ସେତେବେଳେ ଯାଇଥିଲେ । ମୋତିଲାଲ ସେ ଘରେ ନ ଥିଲେ । ବାପାଙ୍କ କଲମ ଦୁଇଟି ଦେଖି ତାଙ୍କର ଖୁବ ଲୋଭ ହେଲା । ସେ ମନେ ମନେ ଭାବିଲେ, ବାପା ତ ଦୁଇଟା କଲମରେ ଏକାବେଳକେ ଲେଖିବେ ନାହିଁ । ଗୋଟିଏ କଲମ ହେଲେ ତାଙ୍କର ଚଳିବ । ତେଣୁ ଗୋଟିଏ କଲମ ରଖି ଆର କଲମଟି ଧରି ସେ ମନ ଖୁସିରେ ଚାଲି ଆସିଲେ ।

ମୋତିଲାଲ ଅଫିସଘରକୁ ଫେରି ଦେଖିଲେ ସେ ଦୁଇଟି କଲମରୁ ଗୋଟିଏ କଲମ ନାହିଁ । ତାଙ୍କର ସନ୍ଦେହ ହେଲା ହୁଏତ ଆଉ କଲମଟି କୌଣସି ଚାକର ଚାକରାଣୀ ଚୋରି କରି ନେଇଛନ୍ତି । ସେ ଏକାବେଳେ ରାଗି ପାଟିତୁଣ୍ଡ କଲେ । ଘରେ ଖୁବ୍ ଗୋଟାଏ କୋଳାହଳ ପଡ଼ିଗଲା ।

ଜବାହରଲାଲ ଏ କଥା ଦେଖି ଜାବା । ସେ ଡରରେ ଥରି ଥରି ବାପାଙ୍କୁ କଲମଟି ଦେଇ ଦେଲେ । ସବୁ କଥା ଖୋଲି କହି ଦେଲେ । ତାଙ୍କୁ ନ କହି କରି କଲମଟା ନେଇଥିବାରୁ ମୋତିଲାଲ ଜବାହରଙ୍କ ଉପରେ କିଛି ଉତ୍ତମ ମଧ୍ୟମ ଚଢ଼ାଇ ଦେଲେ ।

ବାପାଙ୍କଠାରୁ ମାଡ଼ ଖାଇ ଜବାହରଲାଲ ଖୁବ୍ କାନ୍ଦିଲେ ସତ; କିନ୍ତୁ ବାପାଙ୍କୁ ସତ କଥା ଖୋଲି କହିଥିବାରୁ ତାଙ୍କ ମନରେ ଖୁବ୍ ସନ୍ତୋଷ ଆସିଥିଲା ।

ଭାରତ ବାହାରେ ପାଠପଢ଼ା

ଜବାହରଲାଲଙ୍କୁ ପ୍ରାଥମିକ ଶିକ୍ଷା ଏକ ଉଚ୍ଚ ଶିକ୍ଷିତା ଇଂରେଜ ଧାଈଙ୍କ ଦ୍ୱାରା ଦିଆଯାଇଥିଲା । ତା ପରେ ଜଣେ ଆଇରିସ୍ ବ୍ୟକ୍ତି ୩ ବର୍ଷ ପାଇଁ ତାଙ୍କର ଗୃହଶିକ୍ଷକ ରୂପେ ନିଯୁକ୍ତ ହୋଇଥିଲେ । ସଂସ୍କୃତ ଓ ହିନ୍ଦି ଶିକ୍ଷା ଦେବା ପାଇଁ ଆଉ ଜଣେ ପଣ୍ଡିତ ତାଙ୍କୁ ପଢ଼ାଉଥିଲେ । ଏହିପରି ଘରର ଚାରି କାନ୍ଥ ମଧ୍ୟରେ ତାଙ୍କ ପ୍ରାଥମିକ ଛାତ୍ର ଜୀବନ ଆବଦ୍ଧ ହୋଇ ରହିଥିଲା ।

୧୫ ବର୍ଷ ବୟସରେ ହାରୋ ସ୍କୁଲରେ ପଢ଼ିବା ପାଇଁ ସେ ଇଂଲଣ୍ଡ ଯାଇଥିଲେ । ୧୭ ବର୍ଷ ବେଳେ ହାରୋ ସ୍କୁଲରେ

ତାଙ୍କ ପଢ଼ା ମଣିଗଲା । ତା ପରେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ଟ୍ରିନିଟି କଲେଜରେ ସେ ୩ ବର୍ଷ ପଢ଼ିଥିଲେ ।

ମହାତ୍ମା ଗାନ୍ଧିଙ୍କ ଭଳି ଜବାହର ପିଲାଦିନୁଁ ଭାରି ଲାଜକୁଳା । ସଭାରେ ପଦେ କହିବା କହିଲାବେଳକୁ ତାଙ୍କ ପାଦ ଥରିଲେଇ ଆସୁଥାଏ । ପାଟି ଖନା ବାଜିଯାଏ । ସେଥିପାଇଁ ସେ ମୋଟେ ପିଲାଦିନେ ବକ୍ତୃତା ଦେବାକୁ ସାହସ କରୁ ନ ଥିଲେ । କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ପଢ଼ିଲା ବେଳେ ଏଥିପାଇଁ ତାଙ୍କୁ ଅନେକ ଥର ଅପଦସ୍ଥ ହେବାକୁ ପଡ଼ିଥିଲା । କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ନିୟମ ଥିଲା ଯେ ଯଦି ଛ'ମାସ ଭିତରେ ଥରେ ଅନ୍ତତଃ କୌଣସି କଲେଜ ଆଲୋଚନା ସଭାରେ ବକ୍ତୃତା ନ ଦିଏ, ତେବେ ତାକୁ ଜୋରିମାନା ଦେବାକୁ ହେବ । ଜବାହରଲାଲଙ୍କୁ ଏଥିପାଇଁ ଅନେକ ଥର ଜୋରିମାନା ଦେବାକୁ ହୋଇଛି । ଆଜି ଯେଉଁ ଜବାହରଲାଲ ବକ୍ତୃତା ଦେଇ ପୃଥିବୀର ଲୋକଙ୍କୁ ଉତ୍ସୁକ କରି ଦେଉଛନ୍ତି, ସେ କଲେଜରେ ପଢ଼ିଲା ବେଳେ ବକ୍ତୃତା ନ ଦେଇ ପାରି ଜୋରିମାନା ଦେଉଥିଲେ; ଏ କଥା ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଛି । କିନ୍ତୁ ଅଭ୍ୟାସ ଦ୍ୱାରା ପରେ ସେ ଭଲ ବକ୍ତୃତା ଦେଇ ଶିଖିଥିଲେ ।

କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ବି. ଏ. ପାଶ୍ କରି ଜବାହରଲାଲ ବାରିଷ୍ଟରୀ ପଢ଼ିଲେ । ବି. ଏ. ପାଶ୍ କଲାବେଳକୁ ତାଙ୍କ ବୟସ ମୋଟେ ୨୦ ବର୍ଷ । ସେ ପିଲାଦିନୁ ବିଳାସ, ବ୍ୟସନରେ ରହିବାକୁ ଯଥେଷ୍ଟ ଟଙ୍କା ପାଉଥିଲେ; କିନ୍ତୁ ସାଧାରଣ ପିଲାଙ୍କ ଭଳି ଏହି ବିଳାସ, ବ୍ୟସନ ତାଙ୍କ ଚରିତ୍ରରେ କୌଣସି ଆଞ୍ଚ ଆଣି ନ ଥିଲା ।



[ପଣ୍ଡିତ ଜବାହରଲାଲ ନେହେରୁ]

କଂଗ୍ରେସ ଆନ୍ଦୋଳନରେ ଯୋଗଦାନ

ତେଇଶି ବର୍ଷ ବୟସରେ ବାରିଷ୍ଟରୀ ପାଶ୍ କରି ସେ ଭାରତ ଫେରି ଆସିଲେ । ଏଲାହାବାଦରେ ସେ କିଛିଦିନ ବାରିଷ୍ଟରୀ ମଧ୍ୟ କରିଥିଲେ । କିନ୍ତୁ ବାରିଷ୍ଟରୀ କରି ଟଙ୍କା କମାଇବାରେ ତାଙ୍କ ମନ ଲାଗିଲା ନାହିଁ । ପିଲାଦିନୁଁ ସେ ଟଙ୍କା ଢେଇମା ଭିତରେ ବଢ଼ି ଆସିଥିଲେ । ତେଣୁ ଟଙ୍କା ପଇସାର ମୋହ ତାଙ୍କୁ ବାନ୍ଧି ରଖି ପାରିଲା ନାହିଁ । ସେତେବେଳେ ଦେଶରେ ସ୍ୱାଧୀନତା ଆଣିବାକୁ କଂଗ୍ରେସ ତରଫରୁ ଆନ୍ଦୋଳନ ଚାଲିଥାଏ । ଦକ୍ଷିଣ ଆଫ୍ରିକାରୁ ଫେରି ମହାତ୍ମା ଗାନ୍ଧି ସେହି ଆନ୍ଦୋଳନରେ ଯୋଗ ଦେଇଥାନ୍ତି । ଜବାହରଲାଲ୍ ଯାଇ ଗାନ୍ଧିଙ୍କ ସାଙ୍ଗରେ ମିଶିଗଲେ । କଥାରେ କହିଲା ଭଳି ମଣି କାଞ୍ଚନର ମିଳନ ହେଲା । କଂଗ୍ରେସ ଭିତରେ ନୂଆ ଜୀବନ ପଶିଲା ।

ସେତିକିବେଳେ ଇଂରେଜ ସରକାରଙ୍କ ରାଓ୍ଲାଟ୍ ଆଇନ ନାମକ ଏକ ଆଇନକୁ ବିରୋଧ କରି ମହାତ୍ମା ଗାନ୍ଧି ଗୋଟିଏ ସତ୍ୟାଗ୍ରହ ଆନ୍ଦୋଳନ କରିବେ ବୋଲି ସ୍ଥିର କରିଥିଲେ । ଜବାହରଲାଲ ଏହି ସତ୍ୟାଗ୍ରହରେ ନିଜେ ଯୋଗ ଦେବେ ବୋଲି ଠିକ୍ କଲେ । କିନ୍ତୁ ଜବାହରଲାଲଙ୍କ ବାପା ମୋତିଲାଲ ପୁଅର ଏ କାମକୁ ପସନ୍ଦ କଲେ ନାହିଁ । ସେତେବେଳେ ପର୍ଯ୍ୟନ୍ତ ମୋତିଲାଲ କଂଗ୍ରେସ ଆନ୍ଦୋଳନରେ ଯୋଗ ଦେଇ ନ ଥାନ୍ତି । ମହାତ୍ମା ଗାନ୍ଧିଙ୍କ ସହ ପରାମର୍ଶ କରି ସେ ଜବାହରଲାଲଙ୍କୁ ସତ୍ୟାଗ୍ରହ କରିବାକୁ ନିବର୍ତ୍ତାଇଲେ ।

ସେଥର ଯଦିଓ ପୁଅକୁ ସତ୍ୟାଗ୍ରହ କରିବାକୁ ମୋତିଲାଲ ବାରଣ କଲେ, ପରେ କିନ୍ତୁ ନିଜେ ସେ ସ୍ୱାଧୀନତା ଆନ୍ଦୋଳନକୁ

ଡ଼େ଼ଲିଂଟନ୍ ଅନେକ ଥର କାରା ବରଣ କଲେ । କେବଳ ସେ ନୁହନ୍ତି, ତାଙ୍କର ସମସ୍ତ ପରିବାର ଭାରତ ସ୍ୱାଧୀନତା ପାଇଁ ଜୀବନ ପଣ କରି ଲଢ଼େଇ କଲେ । ଜେଲ ଗଲେ । ଏଲାହାବାଦରେ ଥିବା ତାଙ୍କର ମୂଲ୍ୟବାନ 'ଆନନ୍ଦଭବନ'କୁ କଂଗ୍ରେସକୁ ଦାନ ଦେଇ ଦେଲେ ।

୯ ଜେଲ ଭିତରେ ଜବାହରଲାଲ

ଏଣେ ପଣ୍ଡିତ ନେହେରୁଙ୍କ ସହଯୋଗ ଫଳରେ ସ୍ୱାଧୀନତା ଆନ୍ଦୋଳନ ଭାରତରେ ଯେତେ ବ୍ୟାପିଲା, ଇଂରେଜ ସରକାର ମଧ୍ୟ ସେତିକି ଜୋର୍‌ରେ ଦମନ ଲୀଳା ଆରମ୍ଭ କରି ଦେଲେ ।

ପଣ୍ଡିତ ଜବାହରଲାଲ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇ ୧୬ ଥର ଜେଲ ଯାଇଥିଲେ । କିନ୍ତୁ ଜେଲ ଯାଇ ତାଙ୍କ ମନରୁ ଜ୍ଞାନ ସେବା ମରି ଯାଇ ନ ଥିଲା । ଜେଲ୍‌ରେ ଥିଲାବେଳେ ସେ ଅନେକ ବଡ଼ ବଡ଼ ଭଲ ବହି ଲେଖିଥିଲେ । 'ଭାରତ ଆବିଷ୍କାର' 'ମୋ ନିଜ କାହାଣୀ' ଏବଂ 'ବିଶ୍ୱ ଇତିହାସ' ସେମାନଙ୍କ ମଧ୍ୟରୁ ପ୍ରଧାନ । ସେ ବହିଗୁଡ଼ିକ ବର୍ତ୍ତମାନ ସାରା ପୃଥିବୀରେ ଆଦର ଲାଭ କରୁଅଛି ।

ଜେଲ୍‌ରେ ଥିଲାବେଳେ ତାଙ୍କ ସ୍ତ୍ରୀ କମଳା ନେହେରୁଙ୍କ ଦେହ ଥରେ ଭୟଙ୍କର ଅସୁସ୍ଥ ହେଲା । ସରକାର ତାଙ୍କୁ କହିଲେ, "ତୁମେ ଯଦି ଖଣ୍ଡେ କାଗଜରେ ଲେଖି ଦେବ ଯେ ବାହାରକୁ ଗଲେ ସରକାରଙ୍କ ବିରୁଦ୍ଧରେ ଆଉ କିଛି ଆନ୍ଦୋଳନ କରିବ ନାହିଁ, ତେବେ ତୁମକୁ ଛାଡ଼ି ଦିଆଯିବ । ତୁମେ ନିଜ ସ୍ତ୍ରୀର ସେବା ଶୁଶ୍ରୂଷା କରି ପାରିବ ।"

ସାଧାରଣ ଲୋକ କେହି ହୋଇଥିଲେ ସାଙ୍ଗେ ସାଙ୍ଗେ ସରକାରଙ୍କ କଥାରେ ରାଜି ହୋଇ ଯାଇଥାନ୍ତା । ନିଜ ସ୍ତ୍ରୀ ବେମାର ପଡ଼ିଥିଲା ବେଳେ ଜେଲରେ ରହିବାକୁ କିଏ ଚାହିଁବ ? କିନ୍ତୁ ଜବାହରଲାଲ ଏଥିରେ ଟଳିବା ଲୋକ ନୁହନ୍ତି । ଦେଶ ପାଇଁ ଯିଏ ଜୀବନକୁ ପଣ କରିଛି, ନିଜ ସ୍ତ୍ରୀର ସ୍ୱାସ୍ଥ୍ୟ କଣ ତା ଆଖିରେ ବଡ଼ କଥା !

ସେ ସିଧା ସିଧା ମନା କରି ଦେଲେ କୌଣସି ଲିଖିତ ପ୍ରତିଶ୍ରୁତି ଦେଇ ଜେଲରୁ ଖଲାସ ହୋଇ ଯିବାକୁ ସେ ଚାହାନ୍ତି ନାହିଁ ବୋଲି ସରକାରଙ୍କୁ ଜଣାଇ ଦେଲେ ।

ଜବାହରଲାଲ୍ ଯେମିତି ନିଜ କଥାରେ ସ୍ଥିର, ସ୍ତ୍ରୀ କମଳା ତାଙ୍କଠାରୁ ବଳି ଆହୁରି ଟାଣ । ସେ ଜବାହରଲାଲ୍‌ଙ୍କ ପ୍ରଭାବରେ ଆସି ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ କେତେଥର ଜେଲ୍ ବରଣ କରିଥିଲେ ।

ଜାତୀୟ କଂଗ୍ରେସର ନେତା

୧୯୨୩ ମସିହାରେ ଜବାହରଲାଲ ପ୍ରଥମେ କଂଗ୍ରେସର ସମ୍ପାଦକ ରୂପେ ନିର୍ବାଚିତ ହୋଇଥିଲେ । ତାପରେ ୧୯୨୯ ମସିହାରେ ସେ କଂଗ୍ରେସର ସଭାପତି ହେଲେ । ଲୋକପ୍ରିୟତା ଓ ଯୋଗ୍ୟତାବଳରେ ତାପରେ ସେ ଅନେକଥର କଂଗ୍ରେସର ସଭାପତି ରୂପେ ନିର୍ବାଚିତ ହୋଇଛନ୍ତି । ତାଙ୍କର ନେତୃତ୍ୱରେ ଭାରତର ସ୍ୱାଧୀନତା ଆନ୍ଦୋଳନ ଚାଲିଥିଲା । ତାଙ୍କ ଭାଷଣ ଶୁଣିବା ପାଇଁ ସେତେବେଳେ ଲକ୍ଷ ଲକ୍ଷ ଲୋକ ଜମା ହେଉଥିଲେ । ଥରେ ଥରେ ଦିନକୁ ବାରଟି ନିଆଁ ସଭାରେ ତାଙ୍କୁ ଭାଷଣ ଦେବାକୁ ପଡ଼ୁଥିଲା ।

ସ୍ୱାଧୀନତା ଯୁଦ୍ଧରେ ଯୋଗଦେଇ ଇଂରେଜ ସରକାର ବିରୁଦ୍ଧରେ ଲଢ଼େଇ କରିବା ଫଳରେ ବାରମ୍ବାର ତାଙ୍କୁ ଚଉଦବର୍ଷ ଜେଲ ଘରରେ କଟାଇବାକୁ ହୋଇଛି । ଜେଲ୍‌ରୁ ସେ ଯେତେବେଳେ ଖଲାସ ହୋଇ ଆସନ୍ତି, ବନ୍ଧନ୍, ଦୂରଦେଶ ଭ୍ରମଣ କରି ଭାରତର ସ୍ୱାଧୀନତା ସପକ୍ଷରେ ଜନମତ ସୃଷ୍ଟି କରନ୍ତି । ନିଜ ଦେଶ ମଧ୍ୟରେ କୃଷକ ଓ ଶ୍ରମିକମାନଙ୍କୁ ଏକାଠି କରି ସେମାନଙ୍କର ଦାବୀ ହାସଲ ପାଇଁ ଲଢ଼େଇ କରାଇଛନ୍ତି । ଏହିପରି ସବୁଆଡ଼ୁ ଇଂରେଜ ସରକାର ବିରୁଦ୍ଧରେ ଲଢ଼େଇ କରିବା ହେତୁ ଇଂରେଜ ସରକାର ଶାସନ ଚଳାଇବା ଅସମ୍ଭବ ମନେ କଲେ । ଭାରତର ସବୁଆଡ଼େ ଇଂରେଜ ଶାସନ ବିରୁଦ୍ଧରେ ଲୋକେ ମତ ପ୍ରକାଶ କଲେ ।

ଜବାହରଲାଲ୍‌ଙ୍କ ଏ ଆନ୍ଦୋଳନ, କଷ୍ଟ ସ୍ୱୀକାର ବୃଥା ହୋଇ ଗଲା ନାହିଁ । ଇଂରେଜ ସରକାର ବାଧ୍ୟ ହୋଇ ୧୯୪୭ ଅଗଷ୍ଟ ପନ୍ଦର ତାରିଖ ଦିନ ଭାରତକୁ ସ୍ୱାଧୀନତା ଦେଇ ନିଜ ଦେଶକୁ ଫେରିଗଲେ ।

ଆମର ପ୍ରିୟ ପ୍ରଧାନ ମନ୍ତ୍ରୀ

ପଣ୍ଡିତ ଜବାହରଲାଲ୍ ନେହେରୁ ହେଲେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ । ସେହିଦିନୁ ସେ ଆଜ ପର୍ଯ୍ୟନ୍ତ ଭାରତର ପ୍ରଧାନମନ୍ତ୍ରୀ ହୋଇ ଦେଶସେବା କରି ଆସୁଛନ୍ତି । ତାଙ୍କର ନେତୃତ୍ୱରେ କଂଗ୍ରେସ ଦଳ ସ୍ୱାଧୀନତା ପାଇବା ପରଠାରୁ ଦେଶରେ ଶାସନ ଚଳାଇ ଆସୁଛି ।

ପଣ୍ଡିତ ଜବାହରଲାଲଙ୍କ ନେତୃତ୍ୱରେ ଦେଶ କ୍ରମେ କ୍ରମେ ଉନ୍ନତିପଥରେ ଆଗେଇ ଚାଲିଛି । ସେ ବର୍ତ୍ତମାନ ଦେଶର

ଅପ୍ରତିଦ୍ୱନ୍ଦୀ ନେତା । ତାଙ୍କ ଭଳି ଲୋକପ୍ରିୟତା ଦେଶରେ ଆଉ କାହାର ନାହିଁ । ପିଲ୍ମାନଙ୍କୁ ସେ ସବୁଠୁଁ ବଳି ବେଶି ଭଲ ପାଆନ୍ତି । ତାଙ୍କ ଜନ୍ମଦିବସରେ 'ଶିଶୁଦିବସ' ଉତ୍ସବ ଏବେ ପାଳିତ ହେଉଛି । ସାରା ଭାରତର ଶ୍ରେଷ୍ଠ ପିଲାମାନେ ସେହିଦିନଟି ପଣ୍ଡିତ ନେହେରୁଙ୍କ ଗୁଣ ସ୍ମରଣ କରି ତାଙ୍କର ଆଦର୍ଶରେ ଜୀବନ ଗଢ଼ିବେ ବୋଲି ପ୍ରେରଣା ଲାଭ କରନ୍ତି ।

ପଣ୍ଡିତ ଜବାହରଲାଲ କେବଳ ଆମରି ଦେଶର ନେତା ନୁହନ୍ତି । ସେ ସମଗ୍ର ପୃଥିବୀର ବଡ଼ ବଡ଼ ନେତାମାନଙ୍କ ମଧ୍ୟରୁ ଜଣେ । ସାରା ପୃଥିବୀର ଲୋକେ ତାଙ୍କୁ ସମ୍ମାନ କରନ୍ତି । ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ପଣ୍ଡିତ ନେହେରୁଙ୍କ 'ପଞ୍ଚଶୀଳ' ନୀତିକୁ ପୃଥିବୀର ବଡ଼ ବଡ଼ ଦେଶମାନେ ମାନି ଚଳୁଛନ୍ତି । ପୃଥିବୀରେ କୌଣସି ସଙ୍କଟମୟ ଅବସ୍ଥା ସୃଷ୍ଟି ହେଲେ ଅନ୍ୟ ଦେଶମାନେ ପଣ୍ଡିତ ନେହେରୁଙ୍କ ସାହାଯ୍ୟ ପାଇଁ ଅନେଇ ବସିଥାନ୍ତି । ସେ ଆମେରିକା, ରୁଷ୍, ଚୀନ୍, ଜାପାନ ପ୍ରଭୃତି ବଡ଼ ବଡ଼ ଦେଶକୁ ଭ୍ରମଣ କରି ଯାଇଥିଲାବେଳେ ସେ ଦେଶର ଲୋକମାନେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଜଣାଇଥିଲେ ।

ବର୍ତ୍ତମାନ ସୁଦ୍ଧା ଜବାହରଲାଲଙ୍କ ବୟସ ସତୁରି ପାଖାପାଖି ହୋଇଗଲାଣି । କିନ୍ତୁ କାମ କଲାବେଳକୁ ସେ ୨୪।୨୫ ବର୍ଷର ଜଣେ ଯୁବକ ଭଳି ଉତ୍ସାହରେ କାମ କରୁଛନ୍ତି । ଦିନରାତି ୨୪ ଘଣ୍ଟାରୁ ସେ ମୋଟେ ୫।୬ ଘଣ୍ଟା ବିଶ୍ରାମ କରନ୍ତି । ଅନ୍ୟବେଳେ ସେ କାର୍ଯ୍ୟବ୍ୟସ୍ତ । ତାଙ୍କର ଦେଶ ସେବା, କର୍ତ୍ତବ୍ୟ ନିଷ୍ଠା ପାଇଁ ଲୋକେ ତାଙ୍କୁ 'ଭାରତରତ୍ନ' ଉପାଧି ଦେଇଛନ୍ତି ।

ତାଙ୍କ ଯୁବକ ଅବସ୍ଥାରେ ସ୍ତ୍ରୀ କମଳା ନେହେରୁ ମରି ଯାଇଥିଲେ । ସେ ଆଉ ତାପରେ ବିବାହ କରି ନାହାନ୍ତି । ତାଙ୍କର ଗୋଟିଏ ବୋଲି ଝିଅ—ଇନ୍ଦିରାଗାନ୍ଧି । କିନ୍ତୁ ସାରା ଭାରତର ପୁଅ ଝିଅମାନଙ୍କୁ ସେ ନିଜର ସନ୍ତାନ ଭଳି ସ୍ନେହ କରି ଆସୁଛନ୍ତି । ତାଙ୍କ ବାପାଙ୍କର ରାଜାଙ୍କର ଭଳି ଧନ ଥିଲା । ଇଚ୍ଛା କରିଥିଲେ ସେ ସେଇ ଧନରେ ସାରା ଜୀବନ ମଉଜରେ କଟେଇ ଦେଇ ପାରିଥାନ୍ତେ । କିନ୍ତୁ ଆଜି ସେ ଧନର ମୋହକୁ ତୁଚ୍ଛ କରିଦେଇ ଦେଶଗଠନ କାମରେ ଲାଗି ପଡ଼ିଛନ୍ତି । ଦେଶର ସେବା ଯାହା ଆଗରେ ବଡ଼ ଦୁଃଖ, ସୁଖ, ସମ୍ପଦ ତାଙ୍କୁ କେଭେ କେବେ ସେଥିରେ ବାନ୍ଧି ରଖିପାରିନି ।

ଲୁହାର ମଣିଷ

ଅହମଦାବାଦ କଚେରୀରେ ଗୋଟିଏ ଫଉଜଦାରୀ ମୋକଦମାର ବିଚାର ଚାଲିଥାଏ । ଆସାମୀ ତରଫର ଓକିଲ ଜଣକ ଭାରି ଟାଣୁଆ । ଟୋକା ଲୋକ । ମନରେ ଜୋର ଥାଏ ଯେ, ସେ ନିଶ୍ଚୟ ତାଙ୍କ ମହକିଲକୁ ଖଲାସ କରିଦେବେ । କାରଣ ସେ ଜାଣିଥିଲେ ତାଙ୍କ ମହକିଲ ନିର୍ଦ୍ଦୋଷ । ତାଙ୍କୁ ମିଛରେ ଫଉଜଦାରୀ ମୋକଦ୍ଦମାରେ ପକାଯାଇଛି । ଫଉଜଦାରୀ ମୋକଦ୍ଦମା ଚଳାଇବାରେ ସେ ଓକିଲଙ୍କର ପୁଣି ନାମ ଡାକ ଥାଏ । ସେ ଆଇନ୍ ବନ୍ଧି ସବୁ ଖେଳାଇ ନିଜ ମହକିଲ ସପକ୍ଷରେ ଯୁକ୍ତି ତର୍କ କରୁଥାନ୍ତି ।

ଠିକ୍ ଏହି ସମୟରେ ଡାକବାଲା ଗୋଟିଏ ଟେଲିଗ୍ରାମ୍ ଆଣି ସେ ଓକିଲଙ୍କୁ ଦେଇଗଲା । ସେ ଟେଲିଗ୍ରାମ୍‌ଟା ଖୋଲି ପଢ଼ିଲେ । ପୁଣି ସେଇ ଖୋଳରେ ପୂରାଇ ପକେଟରେ ରଖିଦେଲେ ।

ତାପରେ ଅପରପକ୍ଷ ସାକ୍ଷୀଙ୍କୁ ଜେରା କରିବା ବେଳ ଆସିଲା । ସେ ଅତି କୌଶଳର ସହ ଜେରା କଲେ । ତାଙ୍କ ଜେରା କରିବାର ଯୁକ୍ତିରୁ ଜଣାପଡ଼ିଗଲା ଯେ, ଆସାମୀ ଖଲାସ ହୋଇଯିବ ।

ମୋକଦ୍ଦମା ବଖୁର ସରିଗଲା । କଚେରୀରୁ ଗହଳ ଭାଙ୍ଗିଲା । ବଖୁର ସରିବା ପରେ ସାଙ୍ଗ ଓକିଲମାନେ ଦେଖିଲେ ଯୁବକ ଓକିଲଙ୍କ ମୁହଁ ଦୁଃଖରେ ଶୁଖି କଳା ପଡ଼ିଯାଇଛି । ସମସ୍ତେ କାବା ହେଲେ । ଜେରାରେ ସେ ନିଜ ଆସାମୀ ସପକ୍ଷରେ ଭଲ ଯୁକ୍ତି କରିଥିବାରୁ ଖୁସି ହେବାର କଥା । ତାଙ୍କ ମୁହଁ କାହିଁକି ଶୁଖିଗଲା ?

ହଠାତ୍ ସେମାନଙ୍କର ସେ ଟେଲିଗ୍ରାମ୍ ଆସିଥିବା କଥା ମନେ ପଡ଼ିଲା । ଟେଲିଗ୍ରାମ୍‌ରେ କଣ ଲେଖାଥିଲା ବୋଲି ସେମାନେ ତାଙ୍କୁ ପଚାରିଲେ ।

ଯୁବକ ଓକିଲ ଜଣକ କିଛି ଉତ୍ତର ନ ଦେଇ ଟେଲିଗ୍ରାମଟି ପକେଟରୁ କାଢ଼ି ସେମାନଙ୍କ ଆଡ଼କୁ ବଢ଼ାଇ ଦେଲେ । ସେ ଟେଲିଗ୍ରାମ୍‌ରେ ଲେଖାଥିଲା ଯେ ଓକିଲଙ୍କ ସ୍ତ୍ରୀଙ୍କର ମୃତ୍ୟୁ ହୋଇ ଯାଇଛି ।

ସମସ୍ତେ ତଟସ୍ଥ ହୋଇଗଲେ । ନିଜ ସ୍ତ୍ରୀର ମୃତ୍ୟୁ ଖବର ପାଇ ସୁଦ୍ଧା କିଛି ବିଚଳିତ ନ ହୋଇ ନିଜ ମହକିଲ ପାଇଁ ହସ ହସ ମୁହଁରେ ଜେରା କରିଥିବାରୁ ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ । ତାଙ୍କ ଭିତରୁ ଅନେକ ମତ ପ୍ରକାଶ କଲେ, "ଲୋକଟାର ହୃଦୟ କଣ ଲୁହାରେ ଗଢ଼ା ! ନିଜ ସ୍ତ୍ରୀର ମୃତ୍ୟୁ ଖବର ପାଇ ମଧ୍ୟ କଚେରୀରେ ଠିଆ ହୋଇ ଜେରା କରି ପାରିଲା !"

ଲୁହା ଭଳି ମନ ତାଙ୍କର ଟାଣ

ନିଜ କର୍ତ୍ତବ୍ୟ ପାଳନରେ ଆପଣାର ସ୍ତ୍ରୀର ମରଣ ଦୁଃଖକୁ ଯେ ହସି ହସି ପାସୋରି ଦେଇଥିଲେ, ସେ ଓକିଲ ହେଉଛନ୍ତି ଭାରତର ଲୁହାର ମଣିଷ—ସର୍ଦ୍ଦାର ପଟେଲ । କର୍ତ୍ତବ୍ୟ ପାଳନରେ ତାଙ୍କ ହୃଦୟ ଲୁହା ଭଳି କଠିନ । କୌଣସି କାର୍ଯ୍ୟ ହାସଲ କରିବା ପାଇଁ ତାଙ୍କ ସାହସ, ଧୈର୍ଯ୍ୟ ଇସ୍ପାତ ଭଳି ଟାଣ । ଆମ ଦେଶର ସ୍ୱାଧୀନତା ଆଣିବା ପାଇଁ ସେ ଇଂରେଜ ସରକାର ବିରୁଦ୍ଧରେ ନାନା ଦୁଃଖ କଷ୍ଟ ସହି ଲଢ଼େଇ କରିଥିଲେ । ସ୍ୱାଧୀନତା ମିଳିଲା ପରେ ସେ ଅଖଣ୍ଡ ଭାରତର ସହକାରୀ ପ୍ରଧାନ ମନ୍ତ୍ରୀ ହୋଇଥିଲେ ।

୧୮୭୫ ମସିହା ଅକ୍ଟୋବର ମାସ ୩୧ ତାରିଖରେ ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ । ବମ୍ବେ ପ୍ରଦେଶର ଖଇରା ଜିଲ୍ଲାରେ ତାଙ୍କ ଘର । ତାଙ୍କ ବାପା ଜବର ଭାଇ ପଟେଲ ଜଣେ ମଧ୍ୟବିତ୍ତ ଲୋକ । ବାପାଙ୍କ ଦେଶପ୍ରୀତି ତାଙ୍କୁ ଦେଶସେବା କରିବା ଲାଗି ପ୍ରେରଣା ଦେଇଥିଲା ।

୧୮୫୭ ମସିହାରେ ଭାରତର ସିପାହୀମାନେ ଇଂରେଜ ସରକାର ବିରୁଦ୍ଧରେ ଯେତେବେଳେ ଲଢ଼େଇ କରୁଥିଲେ, ଜବର ଭାଇ ସେମାନଙ୍କ ସଙ୍ଗରେ ଯୋଗ ଦେଇଥିଲେ । ଇଂରେଜ ଶାସନ ବିରୁଦ୍ଧରେ ଲଢ଼େଇ କରି ଶେଷରେ ସେ ପ୍ରାଣତ୍ୟାଗ କରିଥିଲେ । ନିଜ ବାପାଙ୍କର ଏହି ଆତ୍ମତ୍ୟାଗ ସର୍ଦ୍ଦାର ପଟେଲଙ୍କୁ ଦେଶସେବା ପାଇଁ ସାହସ ଦେଇଥିଲା ।

ତୁଳସୀ ଦୁଇ ପତ୍ରରୁ ବାସ ହୁଏ

ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି, ସର୍ଦ୍ଦାର ପଟେଲଙ୍କ ଗୁଣ ସବୁ ଛୋଟିଆ ବେଳଠୁଁ ଜଣା ପଡ଼ିଥିଲା । ସେ ପିଲାଦିନୁ ଭାରି ଦୁଷ୍ଟ

ଥିଲେ । କିନ୍ତୁ କୌଣସି ଅନ୍ୟାୟ କାମ ଦେଖିଲେ ସେ ଚାହିଁ ରହି ପାରୁ ନ ଥିଲେ । ଅନ୍ୟାୟର ପ୍ରତିବାଦ କରିବାକୁ ଡାକ ଦେଲାକ୍ଷଣି ସ୍କୁଲ ଗୋଟାକଯାକ ପିଲା ତାଙ୍କ ପାଖରେ ବାହାରି ପଡ଼ୁଥିଲେ । ସ୍କୁଲ ବେଳଠାରୁ ତାଙ୍କର ସଂଗଠନ ଶକ୍ତି ଏଥିରୁ ବୁଝା ପଡ଼ୁଥିଲା ।

ସେ ଓକିଲାତି ପାଶ୍ କରି ସାରିଲା ପରେ ଓକିଲ ହେଲେ । କିନ୍ତୁ ବାରିଷ୍ଟରୀ ପଢ଼ିବାକୁ ମନରେ ତାଙ୍କର ଭାରି ଝୁଙ୍କ ଥିଲା । ତାଙ୍କ ଘରର ଆର୍ଥିକ ଅବସ୍ଥା ଆଦୌ ଭଲ ନ ଥିଲା । ତେଣୁ ପ୍ରଥମରୁ ବାରିଷ୍ଟରୀ ପଢ଼ିବାକୁ ଟଙ୍କା ଆସିବ କୁଆଡ଼ୁ ?

ଇଚ୍ଛା ଥିଲେ ବୁଦ୍ଧି ଆପେ ଆପେ ଆସି ଜୁଟିଯାଏ । ସେ ଓକିଲାତି କଲାବେଳଠୁଁ କିଛି କିଛି ଟଙ୍କା ସଞ୍ଚୟ କରି ରଖୁଥିଲେ । ପାଖରେ ଟଙ୍କା ହୋଇଗଲାକ୍ଷଣି ସେ ବାରିଷ୍ଟରୀ ପଢ଼ିବାକୁ ବିଲାତ ଗଲେ । ସେଠାରେ ଯାଇ ମଧ୍ୟ ଆର୍ଥିକ ଅସୁବିଧା ମେଣ୍ଟିଲା ନାହିଁ । ସବୁ ଆଇନ ବହି କିଣି ପଢ଼ିବାକୁ ତାଙ୍କ ପାଖରେ ପଇସା ନ ଥାଏ । ତେଣୁ ସେ ଯେଉଁଠି ରହୁଥିଲେ, ସେଠୁ ଏଗାର ମାଇଲ ଦୂରରେ ଥିବା ଗୋଟିଏ ଲାଇବ୍ରେରୀକୁ ସେ ନିତି ଯିବା ଆସିବା କରି ବହି ପଢ଼ିଲେ । ତାଙ୍କ ପରିଶ୍ରମ ବୃଥା ହୋଇଗଲା ନାହିଁ । ସେ ବାରିଷ୍ଟରୀ ପରୀକ୍ଷାରେ ପ୍ରଥମ ହୋଇ ପ୍ରଥମ ଶ୍ରେଣୀରେ ପାଶ୍ କଲେ । ବିଦେଶରେ ଜଣେ ଭାରତୀୟ ଛାତ୍ରର ଏହିଭଳି ସଫଳତା କମ୍ ଗୌରବର କଥା ନୁହେଁ ।

ବାରିଷ୍ଟରୀ ପାଶ୍ କରି ଆସିବା ପରେ ସେ ଅହମଦାବାଦଠାରେ ବାରିଷ୍ଟରୀ କଲେ । ସେ ସେତେବେଳେ ବହୁତ ପଇସା ରୋଜଗାର କରୁଥିଲେ । ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେବା କଥା ସେ ସେତେବେଳେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ । କିନ୍ତୁ ଏପରି ଏକ

ଘଟଣାରେ ଚୁମ୍ବକ ଲୁହାକୁ ଟାଣିଲା ପରି ରାଜନୀତି ତାଙ୍କ ମନକୁ ଟାଣିନେଲା ।

ଖଜଣା ଛାଡ଼ ଆନ୍ଦୋଳନ

ସେ ଘଟଣାଟି ହେଉଛି, ୧୯୧୧ ମସିହାରେ ଥରେ ଗୁଜୁରାଟରେ ଦୁର୍ଭିକ୍ଷ ପଡ଼ିଲା । ଖାଇବାକୁ ନ ପାଇ ଉପାସରେ ଅନେକ ଲୋକ ମଲେ । ଇଂରେଜ ସରକାର ପ୍ରତିକାର ପାଇଁ କିଛି ବ୍ୟବସ୍ଥା କଲେ ନାହିଁ । ବରଂ ବୋଝ ଉପରେ ନଳିତା ବିଡ଼ା ଲଦି ଦେଲା ଭଳି ଖଜଣା ଆଦାୟ ପାଇଁ ତନାଘନା ତାକିଦ୍ କଲେ । ଲୋକେ ପେଟକୁ ଖାଇବାକୁ ତ ମୁଠାଏ ପାଉ ନାହାନ୍ତି, ଖଜଣା ପାଇବେ କେଉଁଠୁ ଦେବାକୁ ? ପ୍ରଜାମାନେ ଖଜଣା ଛାଡ଼ ପାଇଁ ସେଠାରେ ଆବେଦନ କଲେ, ସରକାର ସେ କଥା କିଛି ଶୁଣିଲେ ନାହିଁ ।

ମହାତ୍ମା ଗାନ୍ଧି ସେତେବେଳକୁ ଦକ୍ଷିଣ ଆଫ୍ରିକାରୁ ଫେରିଥାଆନ୍ତି । ତାଙ୍କୁ ଏ କଥା ବାଧିଲା । ସେ ସତ୍ୟାଗ୍ରହ କରି ଇଂରେଜ ସରକାରଙ୍କ ଅନ୍ୟାୟର ଜୁଲୁମକୁ ବନ୍ଦ କରିବେ ବୋଲି ଭାବିଲେ । କିନ୍ତୁ ତାଙ୍କୁ ଏ ସତ୍ୟାଗ୍ରହ ସଂଗଠନରେ ସାହାଯ୍ୟ କରିବାକୁ କେହି ଲୋକ ନ ଥାନ୍ତି । ଏତିକିବେଳକୁ ବଲ୍ଲଭ ଭାଇ ପଟେଲ ସାହାଯ୍ୟ କରିବାକୁ ଆସି ପହଞ୍ଚିଲେ ।

ବଲ୍ଲଭ ଭାଇ ପଟେଲ ନିଜ ବାରିଷ୍ଟରୀ ଛାଡ଼ିଦେଇ ଗାଁର କୃଷକମାନଙ୍କୁ ସରକାରଙ୍କୁ ଖଜଣା ନ ଦେବାକୁ ବୁଝାଇଲେ । ମହାତ୍ମା ଗାନ୍ଧିଙ୍କ ସମ୍ପର୍କରେ ଆସି ତାଙ୍କ ମନୋଭାବ ସବୁ ବଦଳିଗଲା । ଇଂରେଜ ସରକାରଙ୍କ ଅନ୍ୟାୟ ବିରୁଦ୍ଧରେ ଲଢେଇ

କରିବା ପାଇଁ ସେ ପ୍ରସ୍ତୁତ ହୋଇଗଲେ । ତାଙ୍କ ପ୍ରଚ୍ଚର ଅଦେଶର ନାଆଁ ଭଲ ସାରା ଗୁଜୁରାଟରେ ଖେଳିଗଲା । କୌଣସି ପ୍ରଜା ସରକାରଙ୍କୁ ଖଜଣା ଦେଲେ ନାହିଁ । ସରକାର ଯେତେ ଧମକ, ଚମକ ଦେଲେ ସବୁ ବୃଥା ହେଲା । ଲୋକଙ୍କର ବିଜୟ ହେଲା । ସରକାର ଖଜଣା ଛାଡ଼ି କରିଦେବାକୁ ବାଧ୍ୟ ହେଲେ । ଏଥିରେ ବଲ୍ଲଭ ଭାଇ ପଟେଲଙ୍କ ସୁଖ୍ୟାତି ଗୁଜରାଟରେ ବ୍ୟାପିଗଲା ।

ତା ପରେ ଯେତେବେଳେ ଆହମଦାବାଦରେ କଂଗ୍ରେସ ଅଧିବେଶନ ବସିଲା, ପଟେଲ ସେ ଅଧିବେଶନର ଅଭ୍ୟର୍ଥନା ସମିତିର ସଭାପତି ହେଲେ । ସେହି ସମ୍ମିଳନୀରେ ସ୍ଥିର ହେଲା ଯେ ଦେଶରୁ ଇଂରେଜ ଶାସନ ହଟାଇବା ପାଇଁ ଗୁଜରାଟରେ ସତ୍ୟାଗ୍ରହ ଆନ୍ଦୋଳନ କରାଯିବ । ଏହି ଆନ୍ଦୋଳନ ଚଳାଇବା ଦାୟିତ୍ୱ ପଟେଲଙ୍କ ଉପରେ ଦିଆଯାଇଥିଲା ।

ବଲ୍ଲଭ ଭାଇ ପଟେଲ ଅହମ୍ମଦାବାଦ ମ୍ୟୁନିସିପାଲିଟିର ଚେୟାରମ୍ୟାନ୍ ରୂପେ ମଧ୍ୟ ନିର୍ବାଚିତ ହୋଇଥିଲେ । ସେ ମ୍ୟୁନିସିପାଲିଟି ଚେୟାରମ୍ୟାନ୍ ଥିବାବେଳେ ଗୁଜୁରାଟରେ ଥରେ ଭୟଙ୍କର ବନ୍ୟା ହେଲା । ଲୋକଙ୍କ ଘର ଦ୍ୱାର ଭାସିଗଲା । କିଏ କୁଆଡ଼େ ଗଲେ କିଛି ପତ୍ତା ମିଳିଲା ନାହିଁ । ସରକାର କଣ କରିବେ କିଛି ସ୍ଥିର କରି ପାରିଲେ ନାହିଁ । ବଲ୍ଲଭଭାଇ ପଟେଲ ଏତିକି ବେଳେ ଦୁଇ ହଜାର ସ୍ୱେଚ୍ଛାସେବକ ସଂଗ୍ରହ କରି ବନ୍ୟାଅଞ୍ଚଳ ଲୋକଙ୍କୁ ଉଦ୍ଧାର କରିବାରେ ଲାଗି ପଡ଼ିଲେ । ତାଙ୍କ ଯୋଗୁ ଅନେକ ଲୋକ ମରଣ ମୁହଁରୁ ବଞ୍ଚିଗଲେ । ଗୁଜୁରାଟ ପ୍ରତି ଘରେ ଘରେ ଏଥିପାଇଁ ପଟେଲଙ୍କ ପ୍ରଶଂସା ଶୁଣାଗଲା ।

ବର୍ଦ୍ଦୋଲି ସତ୍ୟାଗ୍ରହର ସର୍ଦ୍ଦାର

ଏହି ସମୟରେ ବର୍ଦ୍ଦୋଲିଠାରେ ସରକାର ଲୋକଙ୍କ ଉପରେ ଜୁଲୁମ୍ ଆରମ୍ଭ କଲେ । ସେଠି ଲୋକଙ୍କ ଉପରେ ଅଧିକା ଖଜଣା ବସାଇଲେ । ଆଗରୁ ଲୋକେ ଖଜଣା ଯାହା ଦେଉଥିଲେ ତାର ଚଉଠେ ଅଧିକା ଖଜଣା ଲୋକଙ୍କ ଉପରେ ଦାବୀ କଲେ । ଫସଲ ଉତ୍ପାଦନ ବଢ଼ିଲେ ଖଜଣା ବଢ଼ିବ। ସେତେବେଳେ ଇଂରେଜ ସରକାର ନିୟମ କରିଥିଲେ । କିନ୍ତୁ ବର୍ଦ୍ଦୋଲିରେ ଫସଲ ଆମଦାନୀ ନ ବଢ଼ିଥିଲେ ବି ସରକାର ଖଜଣା ବେଶୀ କରିଦେଲେ ।

ପଟେଲ ସେଠାରେ ପହଞ୍ଚି ଏହାର ପ୍ରତିବାଦ କଲେ । ସରକାରଙ୍କୁ ଚିଠି ଲେଖି ଜଣାଇଲେ, "ପ୍ରକୃତ ଫସଲ ଆମଦାନୀ ବଢ଼ିଛି କି ନାହିଁ ପ୍ରଥମେ ଦେଖ । ଯଦି ବଢ଼ିଛି ଲୋକେ ଅଧିକା ଖଜଣା ଦେବେ । ଯଦି ଫସଲ ଆମଦାନୀ ନ ବଢ଼ିଛି ତେବେ ଏ ଅନ୍ୟାୟ ବୃଦ୍ଧି ଖଜଣା ଉଠାଇ ଦିଅ" । ସରକାର ଏଥିରେ କାନ ଦେଲେ ନାହିଁ । ବରଂ ଢେଙ୍କୁରା ଦେଇ ଲୋକଙ୍କୁ ଜଣାଇ ଦେଲେ ଯେ ଗୋଟିଏ ଦିନରେ ଖଜଣା ସବୁ ଆଦାୟ କରାଯିବ ।

ପଟେଲଙ୍କୁ ସରକାରଙ୍କ ଏ ନୀତି ଘୋର ଅନ୍ୟାୟ ମନେ ହେଲା । ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନ କରିବା ପାଇଁ ସେ ସ୍ଥିର କଲେ । ବଢ଼ିଥିବା ଖଜଣା ନ ଦେବାକୁ ସେ ଲୋକଙ୍କୁ ମତାଇଲେ । ଲୋକଙ୍କୁ ସତରେ ସେ ଖଜଣା ଭାରି ବାଧୁଥିଲା । ତେଣୁ ସେମାନେ ସମସ୍ତେ ପଟେଲଙ୍କ କଥାରେ ମାତିଗଲେ । କେହି ଖଜଣା ଦେଲେ ନାହିଁ ।

ପଟେଲଙ୍କ ବିରୋଧ ସାଙ୍ଗକୁ ସରକାରଙ୍କ ଜିଦ୍ ବି ବଢ଼ିଲା । ଯେଉଁମାନେ ଖଜଣା ନ ଦେଲେ, ସେ ସେମାନଙ୍କ ଜମି ବାଜ୍ୟାପ୍ତି କରିନେଲେ । ଯେଉଁମାନେ ଖଜଣା ନ ଦେବାକୁ ଲୋକଙ୍କୁ ମତାଉଥିଲେ, ସେମାନଙ୍କୁ ନେଇ ଜେଲରେ ପୂରାଇଥିଲେ ।

ପଟେଲ କିନ୍ତୁ ଏଇ ଧମକରେ ଭାଙ୍ଗି ପଡ଼ିବା ଲୋକ ନୁହନ୍ତି । ସରକାର ଯେତେ ଦମନ କରିବାକୁ ଚେଷ୍ଟା କଲେ, ଲୋକେ ପଟେଲଙ୍କ କଥାରେ ସେତେ ବେଶୀ କଷ୍ଟ ସହି ନିଜ ମାଟିରେ ଠାଣି ରହିବାକୁ ପଣ କଲେ । ସରକାର ହଜାର ହଜାର ଗୋରୁ, ଗାଈ ମଇଁଷିଙ୍କୁ ସଂକୀର୍ଣ୍ଣ ସ୍ଥାନରେ ଅଟକ କରି ରଖିଲେ । ଫଳେ ଜଳବାୟୁ ଦୂଷିତ ହୋଇ ନାନାପ୍ରକାର ରୋଗ ବ୍ୟାପିଲା । ଏଥିରେ ଅନେକ ଲୋକ ମଲେ । କିନ୍ତୁ ଆନ୍ଦୋଳନ ଦବିଲା ନାହିଁ ।

ଶେଷରେ ସରକାରଙ୍କ ଅଣ୍ଟା ନଇଁଲା । ସେ ଦୁର୍ବଳ ହୋଇପଡ଼ିଲେ । ମହାତ୍ମା ଗାନ୍ଧିଙ୍କ ପରାମର୍ଶ ଅନୁସାରେ ପଟେଲ ଓ ସରକାରଙ୍କ ଭିତରେ ଗୋଟିଏ ରାଜିନାମା ହେଲା । ବନ୍ଦୀ ହୋଇଥିବା ଲୋକେ ଖଲାସ ହେଲେ । ବାଜ୍ୟାପ୍ତି କରି ନେଇଥିବା ସମ୍ପତ୍ତି ସରକାର ଲୋକଙ୍କୁ ଫେରାଇ ଦେଲେ ।

ଏଇ ବର୍ଦ୍ଦୋଲି ସତ୍ୟାଗ୍ରହରେ ପଟେଲଙ୍କ ଦମ୍ଭ, ସାହାସ ଭାରତର ସବୁଲୋକେ ଜାଣିନେଲେ । ମହାତ୍ମା ଗାନ୍ଧି ନିଜେ ପଟେଲଙ୍କ ଗାରିମାରେ ଖୁସି ହୋଇ ତାଙ୍କୁ 'ସର୍ଦ୍ଦାର' ଉପାଧି ଦେଲେ । ସେଇଦିନୁ ବଲ୍ଲଭ-ଭାଇ ପଟେଲଙ୍କୁ ଲୋକେ ଡାକିଲେ 'ସର୍ଦ୍ଦାର ପଟେଲ' ।

ବର୍ଦ୍ଦୋଲି ସତ୍ୟାଗ୍ରହ ପରେ ପଟେଲଙ୍କୁ ଆଉ ଗୋଟିଏ ସତ୍ୟାଗ୍ରହର ଡାକରା ସାଙ୍ଗେ ସାଙ୍ଗେ ମିଳିଗଲା । ସେ ହେଉଛି ଲବଣ ସତ୍ୟାଗ୍ରହ

ଆନ୍ଦୋଳନ । ଭାତ ହାଣ୍ଡିକୁ ଯେଉଁ ଲୁଣ ଦରକାର, ସମୁଦ୍ର ପାଣିକୁ ସିଝାଇକରି ସେ ଲୁଣ ଆମଦାନୀ କରାଯାଏ । କିନ୍ତୁ ଇଂରେଜ ସରକାର ଆଇନ କରିଥାନ୍ତି ଯେ ଲୁଣ କେହି ସମୁଦ୍ରରୁ ମାରି ପାରିବେ ନାହିଁ । ୧୯୩୦ରେ ମହାତ୍ମାଗାନ୍ଧି ଇଂରେଜ ସରକାରଙ୍କ ଏହି ଆଇନ୍‌କୁ ଭାଙ୍ଗି ଲୁଣ ମାରିବାକୁ ଠିକ୍ କଲେ । ଗୁଜୁରାଟରେ ଏହି ଲୁଣ ମାରିବା ଦାୟିତ୍ୱ ପଡ଼ିଥିଲା ପଟେଲଙ୍କ ଉପରେ ।

ଇଂରେଜ ସରକାରଙ୍କ ବିରୁଦ୍ଧରେ ଲଢ଼େଇ

ପଟେଲଙ୍କ ଭାଷଣ ଶୁଣି ଗୁଜୁରାଟ ଲୋକେ ଇଂରେଜ ସରକାରଙ୍କ ଉପରେ ତାତିଗଲେ । ଖୁବ୍ ଜୋର୍ ସୋରରେ ଲୁଣମରା ଆନ୍ଦୋଳନ ଚାଲିଲା । ଏହାଦେଖି ଇଂରେଜ ସରକାର ପଟେଲଙ୍କୁ ଗିରଫ କରିନେଲେ । ସେ ଭାବିଥିଲେ; ନେତାଙ୍କୁ ଜେଲରେ ପୁରାଇ ଦେଲେ ଆନ୍ଦୋଳନ ଆପେ ଆପେ ଭାଙ୍ଗିଯିବ । କିନ୍ତୁ ପଟେଲ ଗିରଫ ହୋଇଯିବା ଫଳରେ ନିଆଁ ରେ ପେଟ୍ରୋଲ ଢାଳିଲା ଭଳି ଆନ୍ଦୋଳନ ଜୋରରେ ତେଜି ଉଠିଥିଲା । ଲୋକେ ପଟେଲ୍‌ଙ୍କ ମୁକ୍ତି ଦାବୀକରି ଆନ୍ଦୋଳନ କଲେ । ସରକାର ବାଧହୋଇ ପଟେଲଙ୍କୁ ଜେଲ୍‌ରୁ ମୁକୁଳାଇ ଦେଲା । କିନ୍ତୁ ସେଥିରେ ଆନ୍ଦୋଳନ ଆହୁରି ବେଶୀ ହେବାରୁ ପୁଣି ସେ ପଟେଲଙ୍କୁ ଜେଲରେ ପୁରାଇ ଦେଲେ ।

କେବଳ ପଟେଲଙ୍କୁ ନୁହେଁ ତାଙ୍କ ପରିବାର ଉପରେ ମଧ୍ୟ ଇଂରେଜ ସରକାର ଅତ୍ୟାଚାର କଲେ । ପଟେଲଙ୍କ ଝିଅ ମଣିବେନ୍‌ଙ୍କୁ ନଜର ବନ୍ଦୀରେ ରଖାଗଲା । ପଟେଲଙ୍କ ବୁଢ଼ୀମାଆ ଯେବେ ଭାତ ରାନ୍ଧୁଛନ୍ତି, ପୋଲିସ ଘରେ ପଶି ଭାତହାଣ୍ଡି ଭାଙ୍ଗି ଦେଲା ।

କିନ୍ତୁ ପଟେଲ ଏଥିରେ ଦବିଗଲେ ନାହିଁ । କିଛିଦିନ ପରେ ଗାନ୍ଧି-ଇର୍‌ୱଇନ୍ ଚୁକ୍ତି ଫଳରେ ସତ୍ୟାଗ୍ରହ ବନ୍ଦ ରହିଲା । ସତ୍ୟାଗ୍ରହୀମାନେ ଖଲାସ ହୋଇଗଲେ ।

୧୯୩୧ ମସିହାରେ କରାଚୀଠାରେ କଂଗ୍ରେସ ମହାସଭାର ଯେଉଁ ସମ୍ମିଳନୀ ବସିଲା, ସେଇ ସମ୍ମିଳନୀରେ ସର୍ଦ୍ଦାର ପଟେଲ କଂଗ୍ରେସ ସଭାପତି ରୂପେ ନିର୍ବାଚିତ ହେଲେ ।

ତାହାର କିଛିଦିନ ପରେ ନିର୍ବାଚନରେ ଜୟଲାଭ କରି ପ୍ରଦେଶମାନଙ୍କରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ କଲେ । ଏହି ମନ୍ତ୍ରୀମାନଙ୍କ କାମ ତନଖି କରିବାକୁ କଂଗ୍ରେସ ତରଫରୁ ଗୋଟିଏ କମିଟି ଗଢ଼ାଗଲା । ସର୍ଦ୍ଦାର ପଟେଲ ହେଲେ ଏଇ କମିଟିର ସଭାପତି । ତାଙ୍କର ନିର୍ଦ୍ଦେଶରେ ଭାରତର ସବୁ ପ୍ରଦେଶର ମନ୍ତ୍ରୀମାନେ କାମ କଲେ ।

୧୯୩୯ ରେ ଯେତେବେଳେ ପୃଥିବୀରେ ୨ୟ ମହାଯୁଦ୍ଧ ଲାଗିଲା, ସେତେବେଳେ ଇଂରେଜ ଓ କଂଗ୍ରେସ ଭିତରେ ଅମେଳ ହେଲା । ସର୍ଦ୍ଦାର ପଟେଲ ସବୁ ପ୍ରଦେଶରୁ ମନ୍ତ୍ରୀମାନଙ୍କୁ ଗାଦି ଛାଡ଼ିଦେବାକୁ ଆଦେଶ ଦେଲେ । କଂଗ୍ରେସ ମନ୍ତ୍ରୀମାନେ ଗାଦି ଛାଡ଼ିଦେଲେ । ସରକାର ସମସ୍ତଙ୍କୁ ଗୋଟି ଗୋଟି କରି ନେଇ ଜେଲ୍ ଦେଲେ । ପଟେଲ ମଧ୍ୟ ଜେଲ୍ ଗଲେ । ଏ ଜେଲ ବର୍ଷେ ଦୁଇ ବର୍ଷ ନୁହେଁ—ପାଞ୍ଚ ଗୁଟିବର୍ଷ ।

ଦ୍ୱିତୀୟ ମହାଯୁଦ୍ଧ ସରିଲା । ଇଂରେଜମାନେ ଜିଣିଲେ । କିନ୍ତୁ ତାଙ୍କର ଆଗରୁ ଯେଉଁ ପ୍ରତିପତ୍ତି ଥିଲା, ସେ ସବୁ ଯୁଦ୍ଧରେ ନଷ୍ଟ ହୋଇଗଲା । ତାପରେ ମହାତ୍ମା ଗାନ୍ଧି, ସର୍ଦ୍ଦାର ପଟେଲ, ପଣ୍ଡିତ

ନେହେରୁ ପ୍ରମୁଖଙ୍କ ନେତୃତ୍ୱରେ ସାରା ଭାରତରେ ଅହିଂସା ଆନ୍ଦୋଳନ ଚାଲିଲା । ଇଂରେଜ ସରକାରଙ୍କୁ ତଡ଼ିବା ପାଇଁ ଭାରତର ସବୁ ଲୋକଙ୍କ ମନରେ ଜିଦ୍ ହେଲା । ସରକାର ଯେତେ ଦଣ୍ଡ ଦେଲେ ସମସ୍ତେ ତାହା ହସି ହସି ସହିଲେ ।

ଏତିକିବେଳେ ଇଂଲଣ୍ଡ ନିର୍ବାଚନରେ ଜାତିଦଳ ହାରି ଶ୍ରମିକ ଦଳ ଶାସନକୁ ଆସିଲେ । ଶ୍ରମିକ ଦଳର ନେତାମାନେ ଭାରତକୁ ସ୍ୱାଧୀନତା ଦେବାପାଇଁ ସ୍ଥିର କଲେ । ଶ୍ରମିକ ଦଳର ପ୍ରଧାନ ମନ୍ତ୍ରୀ ଆଟ୍ଲି ସାହେବ ସେତେବେଳେ ବିଲାତ ପାର୍ଲିଆମେଣ୍ଟରେ ଏ କଥା ଘୋଷଣା କଲେ । ଜାତିଦଳର ନେତା ଚର୍ଚ୍ଚିଲ ସାହେବ ତାହା ପ୍ରତିବାଦ କରି କହିଥିଲେ "ଆମେ ଖଣ୍ଡାରେ ଭାରତକୁ ଜୟ କରିଥିଲେ ; ଭାରତବାସୀ ଖଣ୍ଡାର ଜୋରରେ ଆମଠୁଁ ତାଙ୍କ ସ୍ୱାଧୀନତା ଛଡ଼ାଇ ନେଉନ୍ତୁ । ଆମେ ଆପେ ଆପେ ସେମାନଙ୍କୁ ସ୍ୱାଧୀନତା ଦାନ କରି ଦେବା କାହିଁକି ?"

ଆଟ୍ଲି ସାହେବ ତାଙ୍କୁ ଉତ୍ତର ଦେଇଥିଲେ, 'ଆମେ ଯେଉଁ ଖଣ୍ଡାରେ ଭାରତକୁ ଜୟ କରିଥିଲୁ, ସେ ଖଣ୍ଡା ଏହା ଭିତରେ ଭାଙ୍ଗି ଗଲାଣି ।"

ବାସ୍ତବିକ୍ ଇଂରେଜ ସରକାରଙ୍କ ସେ ଶକ୍ତିର ଖଣ୍ଡା ଦ୍ୱିତୀୟ ମହାଯୁଦ୍ଧରେ ଫମ୍ପା ହୋଇ ଯାଇଥିଲା । ଭାରତର ଅହିଂସା ଆନ୍ଦୋଳନ ଫଳରେ ତାହା ଭାଙ୍ଗିଗଲା । ଶେଷକୁ ୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହେଲା ।

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ହେଲେ ସ୍ୱାଧୀନ ଭାରତର ପ୍ରଥମ ଉପକାର୍ଯ୍ୟ ପ୍ରଧାନ ମନ୍ତ୍ରୀ ।



[ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ]



[ନେତାଜୀ ସୁଭାଷଚନ୍ଦ୍ର]

ଦେଶୀୟ ରାଜ୍ୟର ମିଶ୍ରଣ କଲେ

ଭାରତ ସ୍ୱାଧୀନତା ପାଇଲା ପରେ ମଧ୍ୟ ଭାରତରେ ଥିବା ୫୬୦ଟି ଦେଶୀୟ ରାଜ୍ୟକୁ ରାଜା ମହାରାଜାମାନେ ଶାସନ କରୁଥିଲେ । ପଟେଲ ଭାବିଲେ, ତାଙ୍କୁ ଭାରତ ସହିତ ନ ମିଶାଇଲେ ଭାରତର ସ୍ୱାଧୀନତା ସମ୍ପୂର୍ଣ୍ଣ ହେବ ନାହିଁ । ସେଥିପାଇଁ ସେ ରାଜାମାନଙ୍କୁ ଗାଦି ଛାଡ଼ିଦେବାକୁ ଆହ୍ୱାନ ଦେଲେ । ଭାରତର ସହକାରୀ ପ୍ରଧାନ ମନ୍ତ୍ରୀ ଲୌହ ମଣିଷ ପଟେଲଙ୍କ କଥା ଅମାନ୍ୟ କରନ୍ତା କିଏ ? କେବଳ ହାଇଦ୍ରାବାଦ ନିଜାମଙ୍କ ଛଡ଼ା ଆଉ ସବୁ ରାଜା, ମହାରାଜାମାନେ ରାଜ୍ୟ ଛାଡ଼ିଦେବାକୁ ରାଜି ହେଲେ ।

ହାଇଦ୍ରାବାଦ ନିଜାମ ପ୍ରଥମେ ରାଜ୍ୟ ଛାଡ଼ିଦେବାକୁ ଅମଙ୍ଗ ହେଉଥିଲେ । କିନ୍ତୁ ସର୍ଦ୍ଦାର ପଟେଲ ଏଥିରେ ଡରିଯିବା ଲୋକ ନୁହନ୍ତି । ସେ ସଙ୍ଗେ ସଙ୍ଗେ ହାଇଦ୍ରାବାଦ ବିରୁଦ୍ଧରେ ପୁଲିସପଠାଣ କରିଦେଲେ । ହାଇଦ୍ରାବାଦ ଆପେ ଆପେ ଭାରତ ସହିତ ମିଶିଗଲା । ମାତ୍ର ଭାରତ ଗୋଟିଏ ହୋଇଗଲା ।

ସର୍ଦ୍ଦାର ପଟେଲ କେବେ ନିଜର ପ୍ରଶଂସାକୁ ଖାତିର କରୁ ନ ଥିଲେ । ଯାହା କରିବା ଉଚିତ ବୋଲି ସେ ଭାବୁଥିଲେ, ମନ ପ୍ରାଣ ଦେଇ ତାହା ଶେଷ କରୁଥିଲେ ।

୧୯୫୦ ଡିସେମ୍ବର ୧୫ ତାରିଖରେ ହଠାତ୍ ତାଙ୍କର ପରଲୋକ ହୋଇଗଲା । ସେ ସ୍ୱାଧୀନ ଭାରତରେ ରାମରାଜ୍ୟ ପ୍ରତିଷ୍ଠା କରିବେ ବୋଲି ଯେଉଁ ସ୍ୱପ୍ନ ଦେଖୁଥିଲେ, ତାହା ଅଧାରେ ରହିଗଲା ।

କିନ୍ତୁ ନିଜର କର୍ତ୍ତବ୍ୟନିଷ୍ଠା, ସେବା, ତ୍ୟାଗ, ସାହସ ବଳରେ ଦେଶକୁ ସେ ଯେଉଁ ପଥ ଦେଖାଇ ଯାଇଛନ୍ତି, ସେହି ପଥକୁ ଅନୁସରଣ କରି ଭାରତ ଯେ ତାଙ୍କର ଆଶାପୂର୍ଣ୍ଣ କାମନା ପୂର୍ଣ୍ଣ କରିବ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

ନେତାଜୀ

୧୯୨୧ ମସିହା ଡିସେମ୍ବର ୨୫ ତାରିଖ । ବ୍ରିଟିଶ୍ ଯୁବରାଜ ସେଦିନ କଲିକତା ମାଟିରେ ପାଦଦେବାର କଥା । ଯାହା ରାଜ୍ୟରେ ସୂର୍ଯ୍ୟ ଅସ୍ତ ହୁଏ ନାହିଁ, ତାଙ୍କ ଯୁବରାଜ ଆସୁଥାନ୍ତି କଲିକତା । ଭାରତ ତାଙ୍କ ଅଧୀନସ୍ଥ ଦେଶ । ତେଣୁ ଯୁବରାଜଙ୍କ ଆଗମନ ଭାରତ ପକ୍ଷରେ ଏକ ଗୌରବର କଥା । ସମସ୍ତେ ଭାବୁଥାଆନ୍ତି, ସେଦିନ ସାରା କଲିକତା ସହର ପଡ଼ିବ ଉଠିବ । କେତେ ରଙ୍ଗର ଝଣ୍ଡା, ବାଣରେ ଗଗନ ପବନ କମ୍ପମାନ ହେବ । ଅଭ୍ୟର୍ଥନା ଉତ୍ସବରେ କଲିକତା ନଗରୀର ଲୋକେ ମେଦିନୀ ବିଦୀର୍ଣ୍ଣ କରିବେ ।

କିନ୍ତୁ ଯୁବରାଜ ଯେତେବେଳେ ଆସି କଲିକତାରେ ପହଞ୍ଚିଗଲେ, ତାଙ୍କ ଆଖି ବୁଜି ହୋଇଗଲା । ଇଂରେଜ ହାକିମମାନଙ୍କ ମୁହଁରୁ ନିଆଁ ଝସି ପଡ଼ିଲା । ଦେଖିଲାବେଳକୁ ନଗରବାସୀଙ୍କ ତରଫରୁ ଅଭ୍ୟର୍ଥନା ଉତ୍ସବରେ ସ୍ୱର ଶବ୍ଦ ନାହିଁ । ଯୁବରାଜଙ୍କୁ ଅଭ୍ୟର୍ଥନା ଜଣାଇବାକୁ କେହି ଜଣେ ହେଲେ ଆସୁନାହାନ୍ତି । ଦୋକାନ ବଜାର ସବୁ ବନ୍ଦ । ରାସ୍ତାଘାଟ ନିସ୍ତବ୍ଧ । ବ୍ରିଟିଶ ପତାକା ବଦଳରେ ଘରେ ଘରେ ଫର ଫର ହୋଇ ଉଡ଼ୁଛି ଜାତୀୟ ପତାକା । ସାରା କଲିକତା ନଗର ମଶାଣି ଭଳି ଜଣାପଡ଼ୁଛି । ବ୍ରିଟିଶ

ଯୁବରାଜଙ୍କ ଆଗମନ ଉତ୍ସବ ପ୍ରତି ସହଯୋଗ ନ କରିବା ପାଇଁ ସତେ ଯେମିତି ଏତେବଡ କଲିକତା ନଗରୀର ଛୁଆ ପିଲା, ସମସ୍ତେ ପ୍ରତିଜ୍ଞା କରିଛନ୍ତି !

ବ୍ରିଟିଶ୍ ସରକାରଙ୍କୁ ଏ କମ୍ ଅପମାନର କଥା ନୁହେଁ । କିଏ ଏଭଳି ଲୋକଙ୍କୁ ମତାଇ ବ୍ରିଟିଶ ସରକାରଙ୍କୁ ଅପମାନ ଦେଇଛନ୍ତି, ସେଥିପାଇଁ ଗୁପ୍ତରେ ଧମାଧମ ଅନୁସନ୍ଧାନ ଚାଲିଲା । କଥାଟା ଅଜଣା ରହିଲା ନାହିଁ । ସରକାର ଜାଣିପାରିଲେ ସୁଭାଷଚନ୍ଦ୍ର ବୋଷ ଏଭଳି ସଙ୍ଗଠନ କରି ଇଂରେଜ ଯୁବରାଜଙ୍କୁ ଅପମାନିତ କରିଛନ୍ତି । ତାଙ୍କୁ ଧରି ଅଣାଗଲା । ସରକାରୀ ବିରୋଧୀ କାମ କରିଥିବା ଅପରାଧରେ ତାଙ୍କୁ ଛଅମାସ ଜେଲ୍ ଦଣ୍ଡ ମିଳିଲା ।

ଯୁବକ ସୁଭାଷ ବୋଷ କିନ୍ତୁ ଏ ଦଣ୍ଡରେ ଦବିଗଲେ ନାହିଁ । ସେ ଏହାଠୁଁ ବେଶୀ ଦଣ୍ଡ ପାଇବେ ବୋଲି ପ୍ରସ୍ତୁତ ହୋଇ ଏଭଳି କାମ କରିଥିଲେ । ଛଅମାସ ଜେଲଦଣ୍ଡ ହେବାରୁ ଥଟ୍ଟାରେ ସେ କହିଲେ, "ମୁଁ କଅଣ କୁକୁଡ଼ା ମାରିଛି ଯେ ମତେ ଏତେ କମ୍ ଦଣ୍ଡ ଦିଆଗଲା !" ସୁଭାଷ ସେତେବେଳେ ମୋଟେ ୨୪ ବର୍ଷର ଯୁବକ ।

କେବଳ ଯେ ଇଂରେଜ ସରକାରଙ୍କୁ ଅପମାନ ଦେଇ ସୁଭାଷଚନ୍ଦ୍ର ସନ୍ତୁଷ୍ଟ ରହିଥିଲେ, ତାହା ନୁହେଁ । ଇଂରେଜମାନଙ୍କୁ ତଡ଼ି ଭାରତକୁ ସ୍ୱାଧୀନ କରିବା ତାଙ୍କ ଜୀବନର ବ୍ରତ ଥିଲା । ନାନା ଦୁଃସାହସିକ କାର୍ଯ୍ୟଦ୍ୱାରା ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଚେଷ୍ଟା କରି ଭାରତର ସବୁଠି ସେ ନେତାଜୀରୂପେ ପରିଚିତ ହୋଇଥିଲେ ।

ଏହି ଓଡ଼ିଶାରେ ଜନ୍ମ

ନେତାଜୀ ବଙ୍ଗାଳୀ ହେଲେହେଁ ତାଙ୍କର ଜନ୍ମ ଏହି ଆମ କଟକ ସହରରେ । ୧୮୯୭ ମସିହା ଜାନୁୟାରୀ ୨୩ ତାରିଖରେ ସେ ଜନ୍ମ ହୋଇଥିଲେ । ତାଙ୍କ ବାପା ଜାନକୀନାଥ ବୋଷ ଥିଲେ କଟକର ପ୍ରସିଦ୍ଧ ସରକାରୀ ଓକିଲ । ତାଙ୍କର ଆଠ ଜଣ ଭାଇ ଓ ଛଅଜଣ ଭଉଣୀ ଥିଲେ । ସେ ନିଜେ ଥିଲେ ବାପାଙ୍କର ଷଷ୍ଠ ସନ୍ତାନ ।

ପୋଷାକ ପିନ୍ଧା ଏବଂ ଘୁଲିମିଳନ ନେଇ ସୁଭାଷ ଓ ତାଙ୍କ ବାପାଙ୍କ ଭିତରେ ସବୁବେଳେ ଅପଟ୍ଟ । ବାପା ଜାନକୀନାଥଙ୍କ ଇଚ୍ଛା, ପୁଅ ସାହେବଙ୍କ ଭଳି ପୋଷାକପତ୍ର ପିନ୍ଧିବ । ସାଧାରଣ ଲୋକଙ୍କ ସାଙ୍ଗରେ ମିଶିବ ନାହିଁ । ହାକିମ ହେବ ।

କିନ୍ତୁ ସୁଭାଷଙ୍କର ଠିକ୍ ଓଲଟା କଥା । ସାହେବୀ ପୋଷାକପତ୍ର ପିନ୍ଧିବାକୁ ତାଙ୍କର ପିଲାଦିନୁ ଘୃଣା । ସାଧାରଣ ଲୋକଙ୍କ ସାଙ୍ଗରେ ମିଶି ତାଙ୍କ ସୁଖ ଦୁଃଖରେ ଭାଗୀଦାର ହେବା ପାଇଁ ତାଙ୍କର ପିଲାଦିନୁଁ ଆଗ୍ରହ ।

ଜାନକୀନାଥ ସୁଭାଷଙ୍କ ନାମ ଗୋଟିଏ ସାହେବୀ ସ୍କୁଲରେ ଲେଖାଇ ଦେଇଥିଲେ । କିନ୍ତୁ ସୁଭାଷଙ୍କ ଜିଦ୍ ଫଳରେ ସେ ସ୍କୁଲରୁ ତାଙ୍କ ନାମ କଟାହୋଇ କଟକ କଲେଜିଏଟ୍ ସ୍କୁଲରେ ଲେଖା ହେଲା । କଲେଜିଏଟ୍ ସ୍କୁଲରେ ପଢ଼ିଲାବେଳେ ସୁଭାଷ ସବୁ ସାହେବୀ ପୋଷାକ ବଦଳାଇଦେଇ ଧୋତି, ଚଦର ବ୍ୟବହାର କଲେ । ବାପା ଏଥିରେ ଆପତ୍ତି କରିବାରୁ ସେ ବୁଝାଇଦେଲେ ଯେ ଧୋତି, ଚଦର ହେଉଛି ଭାରତୀୟ ପୋଷାକ । ଭାରତୀୟ

ଲୋକ ହୋଇ ସେ ଇଂରେଜ ଦେଶର ମହାତ୍ମାଙ୍କ ପିଛିବେ ନାହିଁ । ଘରେ ଯୁକ୍ତି ଶୁଣି ବାପାଙ୍କ ମୁହଁ ବନ୍ଦ । ସେ ଆଉ କିଛି ଆପତ୍ତି କଲେ ନାହିଁ ।

ସେବକ ସୁଭାଷ

କେବଳ ପୋଷାକ ବଦଳାଇ ସୁଭାଷ ସ୍ଥିର ହୋଇ ବସିରହି ନ ଥିଲେ । ଦୁଃଖ ଦୁର୍ଦ୍ଦଶାରେ ପଡ଼ିଥିବା ନିଜ ଦେଶବାସୀଙ୍କର ସେବା କରିବା ପାଇଁ ନିଜ ସ୍କୁଲରେ ଗୋଟିଏ ସେବାଦଳ ଗଢ଼ି ସେ ତାର ଅଗ୍ରଣୀ ହୋଇଥିଲେ । କଲିକତାରେ ଯାଁ ଗଙ୍ଗା ସ୍ନାନ ପର୍ବ ହେଲେ ସେଠାରେ ଯାଇ ବହୁତ ଲୋକଙ୍କୁ ସାହାଯ୍ୟ କରିବା ଏବଂ ହଇଜା, ବସନ୍ତରେ ପଡ଼ି କଷ୍ଟ ପାଉଥିବା ଲୋକଙ୍କ ଉପକାର କରିବା ସେହି ସେବାଦଳର ପ୍ରଧାନ କାମ ଥିଲା ।

ହଇଜା, ବସନ୍ତ ପ୍ରଭୃତି ସଂକ୍ରାମକ ରୋଗୀଙ୍କର ସେବା କରୁଥିବାରୁ ସୁଭାଷଙ୍କ ପ୍ରତି ତାଙ୍କ ବାପ, ମା ଅସନ୍ତୁଷ୍ଟ ଥିଲେ । ସୁଭାଷ ନିଜେ କାଳେ ସେଇ ସଂକ୍ରାମକ ରୋଗ ଦ୍ୱାରା ଆକ୍ରାନ୍ତ ହୋଇ ପଡ଼ିବେ ବୋଲି ତାଙ୍କର ଆଶଙ୍କା ହେଉଥିଲା । ସୁଭାଷଙ୍କୁ ମନା କଲେ ମଧ୍ୟ ସେ ସହଜରେ ମାନିବା ପିଲା ନୁହନ୍ତି । ସେଥିପାଇଁ ତାଙ୍କ ବାପା ଜଣେ ଇଂରେଜ ଶିକ୍ଷକ ଆଣି ତାଙ୍କ ପାଇଁ ନିଯୁକ୍ତ କଲେ । ସ୍କୁଲରୁ ଫେରିଲା ପରେ ସନ୍ଧ୍ୟାବେଳେ ସେ ସୁଭାଷଙ୍କୁ ପଢ଼ାଇଲେ । ଫଳରେ ସୁଭାଷ ଆଉ ବାହାରକୁ ଯାଇ ରୋଗୀସେବା କରିବାକୁ ସମୟ ପାଇଲେ ନାହିଁ । ସେ କଲିକତା ବିଶ୍ୱବିଦ୍ୟାଳୟରେ ୨ୟ ସ୍ଥାନ ଅଧିକାର କରି ମ୍ୟାଟ୍ରିକ୍ ପାଶ୍ କରିଥିଲେ । ସେତେବେଳେ ତାଙ୍କର ବୟସ ଷୋହଳ ।

କଲେଜରେ ପଢ଼ିଲାବେଳେ ସୁଭାଷଙ୍କ ମନରେ ଆଉ ଗୋଟିଏ ପ୍ରକାର ନୂଆ ଚିନ୍ତା ପଶିଲା । ସେ ମନେ ମନେ ଭାବିଲେ, ସମସ୍ତେ ତ ପାଠ ପଢ଼ି ଚାକିରି କରୁଛନ୍ତି । ଟଙ୍କା ରୋଜଗାର କରୁଛନ୍ତି । ପାଠ ପଢ଼ି ସେ ଆଉ ସମସ୍ତଙ୍କଠାରୁ ଅଧିକା କଣ କରିବେ !

ଏମିତି ଅନେକ କଥା ଭାବି ଭାବି ସେ ଦିନେ ଘର ଛାଡ଼ି ପଳାଇଲେ । ହିମାଳୟରେ ବୁଲି ବାବାଜୀ ହେବାକୁ ଜଣେ ଗୁରୁ ଖୋଜିଲେ । କିନ୍ତୁ ତାଙ୍କୁ ଶିକ୍ଷା ଦେବାପାଇଁ ସେମିତି ମନଲାଖି କେହି ଗୁରୁ ମିଳିଲେ ନାହିଁ । ମନରେ ସୁଭାଷ ହତାଶ ହୋଇ ସେଠୁ ଘରକୁ ଫେରି ଆସିଲେ । ତାଙ୍କର ବାବାଜୀ ହେବା ହେଲାନି । ସେ ବାବାଜୀ ହୋଇଥିଲେ, ସାରା ଦେଶର ନେତା ହୋଇ ଇଂରେଜ ସରକାରର ମୂଳଦୁଆ କିଏ ଦୋହଲାଇ ଦେଇଥାନ୍ତା !!

ପାଠ ପଢ଼ିଲାବେଳେ ପାଠ୍ୟପୁସ୍ତକ ଛଡ଼ା ବାହାର ବହି ପଢ଼ିବାରେ ତାଙ୍କର ଭାରି ଝୁଙ୍କ୍ ଥିଲା । ସେ ନିଜେ ବାହାର ବହି ପଢ଼ିବା ସଙ୍ଗେ ସଙ୍ଗେ ଅନ୍ୟ ପିଲାମାନେ କେମିତି ସେ ବହି ସବୁ ପଢ଼ିବାକୁ ସୁବିଧା ପାଇବେ, ସେଥିପାଇଁ ଗୋଟିଏ ଲାଇବ୍ରେରୀ ବସାଇଥିଲେ । ସେହି ଲାଇବ୍ରେରୀ ଘରେ ନିରକ୍ଷର ପ୍ରୌଢ଼ମାନଙ୍କୁ ରାତିରେ ପଢ଼ାଇବା ପାଇଁ ସେ ଗୋଟିଏ ନୈଶବିଦ୍ୟାଳୟ ବସାଇଥିଲେ ।

ପାଠ ପଢ଼ିବାକୁ ବିଲାତ ଯାତ୍ରା

ସୁଭାଷଙ୍କ ବାପା ଜାନକୀନାଥଙ୍କର ଇଚ୍ଛା ଥିଲା, ତାଙ୍କପୁଅ କେମିତି ଭାରତୀୟ ଶାସନ ବିଭାଗରେ ଗୋଟିଏ ଖୁବ୍ ବଡ଼ ଚାକିରି

ପାଇବ । ସେଥିପାଇଁ ସୁଭାଷ ବି. ଏ. ପାଶ୍ କରିସାରିବା ପରେ ତାଙ୍କ ବାପା ତାଙ୍କୁ ବିଲାତ ପଠାଇବାକୁ ସ୍ଥିର କଲେ । ତାଙ୍କର ଇଚ୍ଛା ଥିଲା, ସୁଭାଷ ସେଠାରେ ଆଇ. ସି. ଏସ୍. ପରୀକ୍ଷାରେ ପାଶ୍ କରି ଗୋଟାଏ ବଡ଼ ହାକିମ ହୋଇ ଫେରିବ । କିନ୍ତୁ ବିଲାତ ଯାଇ ଆଇ. ସି. ଏସ୍. ଅଫିସର ହେବାକୁ ସୁଭାଷଙ୍କର ଆଦୌ ମନ ନ ଥିଲା । ସେ ସେଥିପାଇଁ ବିଲାତ ଯିବାକୁ ପ୍ରଥମେ ଅମଙ୍ଗ ହେଉଥିଲେ । କିନ୍ତୁ ଗୁରୁଜନମାନେ ବାଧ୍ୟ କରିବାରୁ ତାଙ୍କୁ ବିଲାତ ଯିବାକୁ ପଡ଼ିଲା ।

ବିଲାତରେ ଆଇ. ସି. ଏସ୍. ପରୀକ୍ଷାରେ ସୁଭାଷ ଚତୁର୍ଥ ସ୍ଥାନ ଅଧିକାର କରି କୃତିତ୍ୱର ସହ ପାଶ୍ କଲେ । କିନ୍ତୁ ଆଇ. ସି. ଏସ୍. ହାକିମ ଚାକିରି ତାଙ୍କୁ ଭଲ ଲାଗିଲା ନାହିଁ ।

ସୁଭାଷଙ୍କ ବାପା ଭାବିଥିଲେ ବିଲାତ ଗଲେ ପୁଅ ମନ ବଦଳିଯିବ । ଆଇ. ସି. ଏସ୍. ଅଫିସରଙ୍କୁ ଲୋକେ ଯେମିତି ଡରିବା ସହ ମାନନ୍ତି, ସେଥିରେ ସେ ମଜ୍ଜି ଯିବେ । କିନ୍ତୁ ସୁଭାଷ ଏ କଥାକୁ ଅନ୍ୟ ପ୍ରକାର ଭାବିଲେ । ତାଙ୍କର ଚିନ୍ତା ହେଲା ଦେଶର ଅଗଣିତ ଲୋକ ଇଂରେଜ ଶାସନ ଅଧୀନରେ ରହି ଦୁଃଖ କଷ୍ଟରେ ମରୁଥିବାବେଳେ ସେ ମୋଟା ଦରମା ଖାଇ ହାକିମ ହେବା ଭଲ କଥା ନିଶ୍ଚିତ ନୁହେଁ । ସେଥିପାଇଁ ସେ ଆଇ. ସି. ଏସ୍. ଚାକିରି ଲୋଭକୁ ଦୂରରେ ପକାଇଦେଇ ନିଜ ଦେଶକୁ ଫେରି ଆସିଲେ । ଟଙ୍କା, ପଇସା, କ୍ଷମତାର ମୋହ ତାଙ୍କୁ ବାନ୍ଧି ରଖି ପାରିଲା ନାହିଁ ।

ଇଂରେଜ ସରକାରଙ୍କ ବିରୁଦ୍ଧରେ ଲଢ଼େଇ

ବିଲାତରୁ ଫେରି ସୁଭାଷ ସିଧା ଗାନ୍ଧିଜୀଙ୍କ ପାଖକୁ ଗଲେ । ଦେଶକୁ ସ୍ୱାଧୀନ କରିବା ପାଇଁ ଗାନ୍ଧିଜୀ ଆନ୍ଦୋଳନକୁ ଅଗ୍ରସର

ଆନ୍ଦୋଳନ ଆରମ୍ଭ କରିଥାନ୍ତି । ସୁଭାଷ ଘୋଷଙ୍କ ଭଳି ଲଢୁଆ ଲୋକଙ୍କୁ ପାଇ ଗାନ୍ଧୀଙ୍କ ମନ କୁଣ୍ଢେମୋଟ ହୋଇଗଲା । ସେତେବେଳକୁ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ବଙ୍ଗଳାରେ ରହି ଅସହଯୋଗ ଆନ୍ଦୋଳନ ଚଳାଉଥାନ୍ତି । ଚିତ୍ତରଞ୍ଜନଙ୍କ ପାଖକୁ ଗାନ୍ଧୀଜୀ ସୁଭାଷଙ୍କୁ ପଠାଇଦେଲେ ।

ଚିତ୍ତରଞ୍ଜନଙ୍କ ମନକୁ ସୁଭାଷଚନ୍ଦ୍ରଙ୍କ ଭଳି ଜଣେ ଦାଣ୍ଡୁଆ କର୍ମୀ ମିଳିଯିବାରୁ ବଙ୍ଗଳାରେ ଅସହଯୋଗ ଆନ୍ଦୋଳନ ଅରଣ୍ୟର ନିଆଁ ଭଳି ବହୁଆଡ଼େ ବ୍ୟାପିଗଲା । ସୁଭାଷଙ୍କ ଆହ୍ୱାନରେ କଲେଜ ଛାତ୍ରମାନେ ପାଠପଢ଼ା ଛାଡ଼ିଦେଇ ଏହି ଆନ୍ଦୋଳନରେ ଯୋଗ ଦେଲେ । ସେମାନଙ୍କୁ ନେଇ ସୁଭାଷ ଗୋଟିଏ ସ୍ୱେଚ୍ଛାସେବକ ବାହିନୀ ଗଢ଼ିଦେଲେ । ବିଦେଶୀ ଲୁଗା ଦୋକାନ, ମଦ ଦୋକାନ ଆଗରେ ଏହି ସ୍ୱେଚ୍ଛାସେବକମାନେ ସତ୍ୟାଗ୍ରହ କଲେ । ଫଳରେ ବିଦେଶୀ ଲୁଗା କିଣା ବନ୍ଦ ହୋଇଗଲା । ମଦ ସବୁ ଦୋକାନରେ ରହି ରହି ସଢ଼ିଗଲା । କେହି କିଣିଲେ ନାହିଁ ।

ଏଭଳି କାମ କରିବା ଦ୍ୱାରା ସୁଭାଷ ସରକାରଙ୍କ କୁଦୃଷ୍ଟିରେ ପଡ଼ିଲେ । ସରକାର ସୁଭାଷଙ୍କ ସ୍ୱେଚ୍ଛାସେବକ ବାହିନୀକୁ ଭାଙ୍ଗିଦେଲେ ଓ ତାଙ୍କୁ ନେଇ ଜେଲରେ ଭର୍ତ୍ତି କରିଦେଲେ ।

ସୁଭାଷ ଜେଲରେ ରହି ଦୁଃଖକଷ୍ଟ ସହୁଥିଲେ ସିନା, ତାଙ୍କ ନାମ କିନ୍ତୁ ଚାରିଆଡ଼େ ପ୍ରଚାର ହୋଇଗଲା । ଲୋକମାନେ ତାଙ୍କ କାମକୁ ପ୍ରଶଂସା କରିବାକୁ ଲାଗିଲେ । କର୍ମୀ ସୁଭାଷ କ୍ରମେ କ୍ରମେ ନେତା ରୂପରେ ପରିଚିତ ହେଲେ ।

କଲିକତା କର୍ପୋରେସନରେ ପ୍ରଧାନ କର୍ମକର୍ତ୍ତା

ଜେଲରୁ ଖଲାସ ହେବାପରେ ସବୁଠାରୁ ଅଧିକ ଲୋକସମର୍ଥନ ପାଇ ସୁଭାଷ କଲିକତା କର୍ପୋରେସନର ପ୍ରଧାନ କର୍ମକର୍ତ୍ତା ହେଲେ । ଏହା ୧୯୨୪ ମସିହାର କଥା । କର୍ପୋରେସନର କର୍ତ୍ତା ହିସାବରେ ସେ ତିନିହଜାର ଟଙ୍କା ଦରମା ପାଇବାର କଥା; କିନ୍ତୁ ସେ ମୋଟେ ପନ୍ଦରଶହ ଟଙ୍କା ଏଥିପାଇଁ ନେଉଥିଲେ । ଏ ଟଙ୍କାରୁ ମଧ୍ୟ ସେ ଗୋଟିଏ ପଇସା ନିଜପାଇଁ ଖର୍ଚ୍ଚ କରୁ ନ ଥିଲେ । ଦୁଃଖୀ, ଦରିଦ୍ରଙ୍କ ସେବାରେ ଏହି ଟଙ୍କା ଖର୍ଚ୍ଚ ହେଉଥିଲା ।

କଲିକତା କର୍ପୋରେସନ ସୁଭାଷଙ୍କ ହାତକୁ ଆସିଲା ପରେ ତାର ରୂପ ବଦଳିବାକୁ ଆରମ୍ଭ କଲା । କର୍ପୋରେସନର କର୍ମୀମାନେ ସ୍ୱଦେଶୀ ଲୁଗା ବର୍ଜନ କରି ଖଦଡ଼ ପିନ୍ଧିଲେ । ଦେଶର ବଡ଼ ବଡ଼ ଜାତୀୟ ନେତାଙ୍କ ନାମ ଅନୁସାରେ ରାସ୍ତା, ଘାଟର ନାମକରଣ ହେଲା । ବଡ଼ ବଡ଼ ଇଂରେଜ ହାକିମଙ୍କ ବଦଳରେ ଦେଶର ସ୍ୱାଧୀନତାକାମୀ ନେତୃବୃନ୍ଦଙ୍କୁ କର୍ପୋରେସନ୍ ତରଫରୁ ଅଭିନନ୍ଦନ କରାଗଲା । ମାଗଣାରେ ସବୁ ପିଲାଙ୍କୁ ବାଧ୍ୟତାମୂଳକ ଭାବରେ ପ୍ରାଥମିକ ଶିକ୍ଷା ଦିଆଯିବା ବନ୍ଦୋବସ୍ତ କରାଗଲା । ଫଳରେ କଲିକତା ନଗରୀରେ ଆନନ୍ଦର ସ୍ରୋତ ବହିବାକୁ ଲାଗିଲା ।

ଇଂରେଜ ସରକାରଙ୍କୁ ଏକଥା ସବୁ ଭଲ ଲାଗିଲା ନାହିଁ । ସେ ଏହାକୁ ଦେଶଦ୍ରୋହୀ କାମ ବୋଲି ବିବେଚନା କଲେ । ସେଥିପାଇଁ ଦୁଇ ବର୍ଷ ସୁଭାଷଙ୍କୁ ଧରିନେଇ ସେମାନେ ଜେଲ୍‌ରେ ଭର୍ତ୍ତି କରିଦେଲେ । ଏହି ଜେଲ୍‌ରେ ଥିବା ବେଳେ ସୁଭାଷଙ୍କର ସ୍ୱାସ୍ଥ୍ୟ ଭାଙ୍ଗି ପଡ଼ିଲା । ତାଙ୍କ ଓଜନ ପ୍ରାୟ ୪୦ ପାଉଣ୍ଡ କମିଗଲା ।

କିନ୍ତୁ ମନର ଜୋର ଭାଙ୍ଗିଲା ନାହିଁ । ଦେଶ ପାଇଁ ସ୍ୱାମୀ-ସ୍ତ୍ରୀ ଏହି ଦୁଃଖ କଷ୍ଟ ସେ ସହିଗଲେ ।

ସୁଭାଷଙ୍କ ସ୍ୱାସ୍ଥ୍ୟ ଖରାପ ହୋଇ ପଡ଼ିବାରୁ ସରକାର ବାଧ୍ୟହୋଇ ତାଙ୍କୁ ଜେଲ୍‌ରୁ ମୁକୁଳାଇ ଦେଲେ । ସେତେବେଳକୁ ଦେଶବନ୍ଧୁ ଚିତ୍ତରଞ୍ଜନଙ୍କ ମୃତ୍ୟୁ ହୋଇଯାଇଥାଏ । ସୁଭାଷ ମୁକ୍ତି ପାଇବାକ୍ଷଣି ଲୋକେ ତାଙ୍କୁ ନେତା ବୋଲି ମାନିଲେ । ତାଙ୍କର ନେତୃତ୍ୱରେ ସ୍ୱାଧୀନତା ଆନ୍ଦୋଳନ ଚାଲିଲା ।

ଜାତୀୟ କଂଗ୍ରେସ ସହ ମତଭେଦ

ସୁଭାଷ ଚାହିଁଲେ ଇଂରେଜମାନଙ୍କୁ ଦେଶରୁ ତଡ଼ି ଭାରତବର୍ଷକୁ ସ୍ୱାଧୀନ କରିବା ପାଇଁ ଦୃଢ଼ ଥିଲେ । ଏଥିପାଇଁ ଅନ୍ୟ କଂଗ୍ରେସ ନେତାମାନଙ୍କ ସହ ତାଙ୍କର ମତଭେଦ ହେଲା । ଅନ୍ୟ ବଡ଼ ବଡ଼ କଂଗ୍ରେସ ନେତାମାନେ ଚାହୁଁଥିଲେ, ଏତେ ତରତର ହେଲେ ଇଂରେଜମାନଙ୍କୁ ଦେଶରୁ ତଡ଼ିଦେବା ସମ୍ଭବ ହେବ ନାହିଁ । ଧୀରପାଣି ପଥର କାଟେ । ଆସ୍ତେ ଆସ୍ତେ ଦେଶର ସ୍ୱାଧୀନତା ଆନ୍ଦୋଳନ ଗଢ଼ିଉଠିଲେ ଇଂରେଜ ସରକାର ଭାରତ ଛାଡ଼ିଦେବାକୁ ବାଧ୍ୟ ହେବେ ।

ସେତେବେଳେ ସୁଭାଷ କଂଗ୍ରେସର ସଭାପତି ନିର୍ବାଚିତ ହୋଇଥାନ୍ତି । କିନ୍ତୁ ଶୀଘ୍ର ସ୍ୱାଧୀନତା କିପରି ଆସିବ, ସେଇ କଥା ନେଇ ଅନ୍ୟ କଂଗ୍ରେସ ନେତାଙ୍କ ସହ ତାଙ୍କର ମତଭେଦ ହେଲା । ଏପରିକି ଗାନ୍ଧିଜୀ ମଧ୍ୟ ତାଙ୍କ ମତକୁ ବିରୋଧ କଲେ । ତେଣୁ ସୁଭାଷ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇଦେଲେ ।

କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇ ସୁଭାଷ କିନ୍ତୁ ଚୁପ ହୋଇ ବସି ରହିଲେ ନାହିଁ । ଦେଶକୁ ସ୍ୱାଧୀନ କରିବାକୁ ତାଙ୍କ

ମନ ଭିତରେ ବିପ୍ଳବର ନିଆଁ ଦାଉ ଦାଉ ହୋଇ ଜଳୁଥିଲା । ସେଥିପାଇଁ ସେ "ଫରୱାର୍ଡ ବ୍ଲକ୍" ବୋଲି ଆଉ ଗୋଟିଏ ରାଜନୈତିକ ଦଳ ଗଠନ କଲେ । କଳେ ବଳେ କୌଶଳେ ଅତି ଶୀଘ୍ର କେମିତି ଇଂରେଜମାନଙ୍କୁ ଦେଶରୁ ତଡ଼ିବା ଏହା ଥିଲା ଏ ଦଳର ଲକ୍ଷ୍ୟ ।

ଏଥିରେ ଇଂରେଜ ସରକାରଙ୍କ ମନ ରାଗରେ ଜଳିଗଲା । ସେ ସୁଭାଷ ବୋଷଙ୍କ କାର୍ଯ୍ୟକୁ ସହି ପାରିଲେ ନାହିଁ । ତାଙ୍କୁ ନେଇ ଜେଲ୍ ଭିତରେ ପୂରାଇ ଦେଲେ । ଏଥର କିନ୍ତୁ ସୁଭାଷଙ୍କ ଦେହ ଜେଲ ଭିତରେ ବେଶୀ ଖରାପ ହୋଇଗଲା । ଲୋକମାନେ ତାଙ୍କ ଦେହ ଖରାପ କଥା ଶୁଣି ତାଙ୍କୁ ଖଲାସ କରିଦେବାକୁ ଚାରିଆଡ଼ୁ ଦାବୀ କଲେ । ତେଣୁ ସରକାର ତାଙ୍କୁ ଖଲାସ କରିଦେଲେ ।

ସରକାରଙ୍କ ଆଖିରେ ଧୂଳି ଦେଇ ଭାରତ ତ୍ୟାଗ

ସରକାର ତାଙ୍କୁ ସିନା ଜେଲରୁ ଖଲାସ କରିଦେଲେ, କିନ୍ତୁ ତାଙ୍କ ନିଜ ଘରେ ତାଙ୍କୁ ବନ୍ଦ କରି ରଖିଲେ । ତାଙ୍କ ଘର ଚାରିପାଖେ କଡ଼ା ପୋଲିସ ପହରା ରଖାଗଲା । ସୁଭାଷ ଯେମିତି ବାହାରକୁ ନ ଯାଇ ପାରିବେ, ସେଥିପାଇଁ କଡ଼ା ଦୃଷ୍ଟି ଦିଆଗଲା । ତାଙ୍କ ସାଙ୍ଗରେ ଯିଏ ଦେଖା ସାକ୍ଷାତ କରିବାକୁ ଗଲା ତାକୁ ମଧ୍ୟ ତଦାରଖ କରାଗଲା । କିନ୍ତୁ ଏତେ ବଡ଼ ଦେଶକୁ ସ୍ୱାଧୀନ କରିବା ପାଇଁ ଯାହା ମନରେ ନିଆଁ ଜଳୁଛି, ଗୋଟାଏ ଘରେ ତାଙ୍କୁ ବନ୍ଦ କରି ରଖିବା କଅଣ ସହଜ କଥା !

ସୁଭାଷ ବୋଷଙ୍କୁ ଦେଖା କରିବାକୁ ଦୁଇଜଣ ଦାଢ଼ିଆ ବାବାଜୀ ନିତି ବାହାରୁ ଆସୁଥିଲେ । ପୋଲିସ ତାଙ୍କୁ ଅନେକ ଥର ତଦାରଖ କରି ସନ୍ଦେହଜନକ କିଛି ସନ୍ଧ ପାଇଲେ ନାହିଁ । ପାଞ୍ଚସାତ ଥର ତଦାରଖ

କଲା ପରେ ଅଳ୍ପ ଟିକେ ସନ୍ଦେହ କରାଗଲା ନାହିଁ । ଏବେ ସେଇ ବାବାଜୀ ପୁଲିସଙ୍କ ଭିତରୁ ଜଣେ ସୁଭାଷଙ୍କ ଘର ଭିତରେ ରହିଲେ । ସୁଭାଷ ସେ ସାଧାରଣ ବେଶରେ ଦାଢ଼ି ଲମ୍ବା କରି ରଖି ଆସିଲେ । ଘର ଭିତରେ ନିଜ କୋଠରୀରେ ରହି ତାଙ୍କ ଦେଖା ଦୁଇ ଜଣ ଲୋକ ଆସୁଥିଲେ । ସେହି ନଜର ଦେବାରୁ ପୁଲିସ ତାଙ୍କୁ ଜଗି ପାରିଲେ ନାହିଁ । ସେ ଏମିତି ବାହାରକୁ ଚାଲିଗଲେ । ଭିତରେ ମଉନୀ ବାବାଜୀ ରହିଲେ । ସେ ମଧ୍ୟ ପ୍ରକୃତ ବାବାଜୀ ନୁହନ୍ତି । ସେ ମିଛ ଦାଢ଼ି ଲଗାଇଥିଲେ । ସେ ନିଜର ଦାଢ଼ି କାଢ଼ିଦେଲା ପରେ ଆଉ ବାବାଙ୍କ ଦେଖା ତାଙ୍କୁ ମିଳିଲା ନାହିଁ । ସୁଭାଷଙ୍କ ଘରେ ଥିବା ଲୋକଙ୍କ ସଙ୍ଗେ ସେ ମିଶିଗଲେ ।

ପୁଲିସ ଘର ବାହାରେ ଦିନରାତି ପହରା ଦେଉଥାଏ । ସୁଭାଷଙ୍କୁ ଜଗିଥାଏ । କିନ୍ତୁ ବିଚିତ୍ର ଭାବରେ ସୁଭାଷ ଏପରି ଘର ଛାଡ଼ି ଚାଲିଗଲେ । ୧୯୪୧ ମସିହା ଜାନୁଆରୀ ୨୬ ତାରିଖ ଦିନ ହଠାତ୍ ଜଣା ପଡ଼ିଲା, ସୁଭାଷ ଘରେ ନାହାନ୍ତି । ପୋଲିସ ଆଖିରେ ଧୂଳି ଦେଇ ସେ କୁଆଡ଼େ ଚାଲି ଯାଇଛନ୍ତି । ଚାରିଆଡ଼େ ହଇଚଇ ପଡ଼ିଗଲା । ଖୋଜା ଚାଲିଲା । କିନ୍ତୁ ସୁଭାଷଙ୍କର ପତ୍ତା ମିଳିଲା ନାହିଁ ।

ଭାରତ ବାହାରେ

ସୁଭାଷ ଛଦ୍ମବେଶରେ ସୀମାପାର ଆସି ପହଞ୍ଚ ଆଫଗାନିସ୍ଥାନରେ ପହଞ୍ଚିଲେ । ସେ ନିଜ ନାମ ବଦଳାଇ ରଖିଥିଲେ ଜିଆଉଦ୍ଦିନ । ବେଶଭୂଷା ମଧ୍ୟ ତାଙ୍କର ସେମିତି ପଠାଣଙ୍କ ଭଳି । ତାଙ୍କୁ ଚିହ୍ନି ହେବା କଠିନ କଥା ।

ଆଫଗାନିସ୍ଥାନର ରାଜଧାନୀ କାବୁଲରେ କିଛିଦିନ ରହିବା ପରେ ସେ ଜର୍ମାନୀ ଚାଲିଗଲେ । ହିଟଲର ସେତେବେଳେ ଜର୍ମାନୀର

ବନ୍ଦୀ ଥିଲେ । ସେ ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼େଇ କରୁଥାନ୍ତି । ସୁଭାଷ ତାଙ୍କୁ ଯାଇ ଦେଖାକଲେ । ହିଟ୍‌ଲର ସୁଭାଷଙ୍କ ଭଳି ନେତାଙ୍କୁ ପାଖରେ ପାଇ ଖୁସି ହୋଇ ଗଲେ ।

ଆଜାଦ୍ ହିନ୍ଦ୍ ଫୌଜ ଗଠନ

ସୁଭାଷ ହିଟ୍‌ଲରଙ୍କୁ ମନ କଥା ସବୁ ଖୋଲି କହିଲେ ଏବଂ ଭାରତରୁ ଇଂରେଜମାନଙ୍କୁ ତଡ଼ିବା ପାଇଁ ସାହାଯ୍ୟ ମାଗିଲେ । ଇଂରେଜମାନଙ୍କ ତରଫରୁ ଲଢ଼େଇ କରି ଧରାଯାଇ ଜର୍ମାନୀରେ ବହୁ ଭାରତୀୟ ସୈନ୍ୟ ବନ୍ଦୀ ହୋଇ ରହିଥିଲେ । ହିଟ୍‌ଲର ସେମାନଙ୍କୁ ସବୁ ଖଲାସ କରିଦେଲେ । ସେହି ସୈନ୍ୟମାନଙ୍କୁ ନେଇ ସୁଭାଷ ଆଜାଦ୍ ହିନ୍ଦ୍ ଫୌଜ ନାମରେ ଏକ ସୈନ୍ୟବାହିନୀ ଗଢ଼ିଲେ ।

ଠିକ୍ ସେତିକବେଳକୁ ମଧ୍ୟ ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼ିବା ପାଇଁ ଜାପାନ ଜର୍ମାନୀ ସହିତ ମିଶିଗଲା । ଜାପାନ ଶ୍ୟାମ, ସିଙ୍ଗାପୁର, ବ୍ରହ୍ମଦେଶରେ ଇଂରେଜମାନଙ୍କୁ ଲଢ଼େଇରେ ହରେଇ ଦେବା ଫଳରେ ଇଂରେଜମାନେ ସେ ଦେଶ ଛାଡ଼ି ପଳାଇ ଆସିଲେ । ସେହି ଦେଶରେ ଅନେକ ଭାରତୀୟ ଲୋକ ଥିଲେ । ତାଛଡ଼ା ଅନେକ ଭାରତୀୟ ସୈନ୍ୟ ଜାପାନ ହାତରେ ବନ୍ଦୀ ହୋଇଥିଲେ । ସୁଭାଷ ଜର୍ମାନୀରୁ ଜାପାନ ପଳାଇ ଆସି ସିଙ୍ଗାପୁର ପାଖରେ ଏହି ଭାରତୀୟ ସୈନ୍ୟଙ୍କୁ ଏକାଠି କଲେ । ଆଜାଦ୍ ହିନ୍ଦ୍ ଫୌଜ ଗଢ଼ି ଉଠିଲା । ସେ ସୈନ୍ୟବାହିନୀର ନେତା ହେଲେ ନିଜେ ସୁଭାଷ ।

ଦିଲ୍ଲୀ ଦଖଲ କରି ଭାରତକୁ ସ୍ୱାଧୀନ କରିବା ଏହି ସୈନ୍ୟବାହିନୀର ପ୍ରଧାନ ଲକ୍ଷ୍ୟ ହେଲା । ଭାରତୀୟ ସୈନ୍ୟମାନେ ସୁଭାଷଙ୍କ ନେତୃତ୍ୱରେ ନିଜ ଜନ୍ମଭୂମିକୁ ସ୍ୱାଧୀନ କରିବାପାଇଁ ପାଗଳ ହୋଇ-

ଉଠିଲେ । ଭାରତୀୟମାନେ ଲୋକମାନେ ଧନ, ଜୀବନ ଦେଇ ଆଜାଦ୍ ହିନ୍ଦ୍ ଫୌଜକୁ ସାହାଯ୍ୟ କଲେ ।

ଦେଶକୁ ସ୍ୱାଧୀନ କରିବା ଚେଷ୍ଟା

୧୯୪୩ ମସିହା ଅକ୍ଟୋବର ୨୩ ତାରିଖରେ ସାରା ପୃଥିବୀରେ ଚହଳ ସୃଷ୍ଟି କରି ଭାରତକୁ ସ୍ୱାଧୀନ କରିବା ପାଇଁ ଇଂରେଜ, ଆମେରିକା ସୈନ୍ୟବାହିନୀ ବିରୁଦ୍ଧରେ ସୁଭାଷ ଆଜାଦ୍ ହିନ୍ଦ୍ ଫୌଜ ତରଫରୁ ଯୁଦ୍ଧ ଘୋଷଣା କଲେ । 'ଦିଲ୍ଲୀ ଚଲୋ' ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇ ଉଠିଲା । ଦେଶ ସ୍ୱାଧୀନ ହେବ ବୋଲି ଭାରତର ଜନସାଧାରଣ ମଧ୍ୟ ଉତ୍ସାହିତ ହୋଇ ଉଠିଲେ ।

ଆଜାଦ୍ ହିନ୍ଦ୍ ଫୌଜ ଫିଲିପାଇନ୍ ଓ ଆଣ୍ଡାମାନ ଦ୍ୱୀପ ନିଜ ଅଧିକାରକୁ ନେଲେ । ସେଠାରେ ସୁଭାଷ ନିଜ ତରଫରୁ ଶାସନକର୍ତ୍ତା ମଧ୍ୟ ନିଯୁକ୍ତ କଲେ । ତାପରେ ଆସାମର ସୀମା ମଣିପୁରରେ ଇଂରେଜ ସୈନ୍ୟମାନଙ୍କ ସହିତ ସୁଭାଷଙ୍କ ଲଢ଼େଇ ହେଲା । ମଣିପୁରର ରାଜଧାନୀ ଇମ୍ଫାଲ ଅନେକ ଦିନ ପର୍ଯ୍ୟନ୍ତ ଆଜାଦ୍ ହିନ୍ଦ୍ ଫୌଜ ଅଧୀନରେ ରହିଲା ।

କିନ୍ତୁ ହଠାତ୍ ପରିବର୍ତ୍ତନର ଚକ ଘୂରିଗଲା । ଯୁଦ୍ଧରେ ଇଂରେଜମାନଙ୍କ ମିତ୍ରଶକ୍ତି ପାଖରେ ଜର୍ମାନୀ, ଜାପାନ ହାରିଗଲେ । ସୁଭାଷଙ୍କୁ ସାହାଯ୍ୟ କରିବାକୁ କେହି ରହିଲେ ନାହିଁ । ତାଙ୍କ ପାଖରୁ ଅସ୍ତ୍ର, ଶସ୍ତ୍ର ସବୁ ସରି ଆସିଲା । କେବଳ ଭାରତୀୟ ସୈନ୍ୟମାନଙ୍କ ଉତ୍ସାହକୁ ନେଇ ଆଉ ଅଧିକ ଦିନ ଲଢ଼େଇ କରିବା ସମ୍ଭବ ହେଲା ନାହିଁ । ମଣିପୁରରୁ ଆଜାଦ୍ ହିନ୍ଦ୍ ଫୌଜ ପଛକୁ ଫେରି ଆସିଲେ ।

ଇଂରେଜମାନଙ୍କ ହାତରେ ଜାପାନ, ଜର୍ମାନୀ, ଇଟାଲି ପ୍ରଭୃତି ଦେଶ ହାରିଗଲା ପରେ ଅବସ୍ଥା ଭିନ୍ନ ଆକାର ଧାରଣ କଲା । ଇଂରେଜମାନେ ଶକ୍ତିଶାଳୀ ହୋଇ ଉଠିଲେ । କିଛି ଉପାୟ ନ ପାଇ ସୁଭାଷ ଆଜାଦ୍ ହିନ୍ଦ୍ ଫୌଜକୁ ଭାଙ୍ଗିଦେଲେ ।

ଭବିଷ୍ୟତ କହିବ

ତାପରେ ସୁଭାଷ କୁଆଡ଼େ ଗଲେ, କଅଣ ହେଲା କିଛି ଜଣା ପଡ଼ୁନାହିଁ । କେତେକେ କହୁଛନ୍ତି ୧୯୪୫ ଅଗଷ୍ଟ ୧୮ ତାରିଖ ଦିନ ସେ ଜାପାନର ରାଜଧାନୀ ଟୋକିଓକୁ ଯାଉ ଯାଉ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ମାତ୍ର ଏହା କେହି ସ୍ୱଚକ୍ଷୁରେ ଦେଖି ନାହାନ୍ତି । ଆଜି ତାଙ୍କର କେତେକ ସହକର୍ମୀ କହନ୍ତି, ସୁଭାଷ ବଞ୍ଚିଛନ୍ତି । ସେ ପୁଣି ଭାରତକୁ ଫେରି ଆସିବେ ।

ଭାରତ ସରକାର ସୁଭାଷଙ୍କ ବିଷୟରେ ଅନୁସନ୍ଧାନ କରିବା ପାଇଁ ଏକ କମିଟି ମଧ୍ୟ ବସାଇଥିଲେ । ସେମାନେ ସୁଭାଷ ବଞ୍ଚିଥିବାର କିଛି ପ୍ରମାଣ ପାଇଲେ ନାହିଁ ।

ସୁଭାଷ ଯଦି ଭଗବାନଙ୍କ କୃପାରୁ ବଞ୍ଚି ଥାଆନ୍ତି, ତେବେ ଭାରତ ପକ୍ଷରେ ଏହା ସୌଭାଗ୍ୟର କଥା । ଯଦି ବିମାନ ଦୁର୍ଘଟଣା କଥା ସତ ହୋଇଥାଏ ତେବେ ମଧ୍ୟ ମରିକରି ସେ ନିଜ କାମ ପାଇଁ ଲୋକଙ୍କ ମନରେ ସବୁଦିନ ପାଇଁ ଅମର ହୋଇ ରହିବେ ।

ଆଦର୍ଶ ଭାରତୀୟ ମହିଳା

୧୧ ବର୍ଷର ଝିଅ ପିଲାଟିଏ ।

ତାକୁ ଖାତାରେ ଅଙ୍କ କଷିବାକୁ ଦିଆ ଯାଇଥାଏ । କିନ୍ତୁ ଅଙ୍କ ଖଣ୍ଡିକ ମୋଟେ ହେଉ ନ ଥାଏ । [illegible] ଖାଲି ଅଙ୍କ କଷି ପୃଷ୍ଠା ତାକୁ ସେ କାଟୁଥାଏ । ଅଙ୍କ ନ ହେଉଛି ବୋଲି ସହଜରେ ତାକୁ ଛାଡ଼ିବା ପିଲା ସେ ନୁହେଁ ।

ଏମିତି ଅନେକ ସମୟ ଗଲା ।

ତାପରେ ଖାତା ଦେଖିଲା ବେଳକୁ ଦେଖାଗଲା, ଅଙ୍କ ବଦଳରେ ସେଥିରେ ଗୋଟିଏ ସୁନ୍ଦର କବିତା ଲେଖା ହୋଇଛି । ଏଥିରୁ ଜଣା ପଡ଼ିଗଲା କବିତା ଲେଖିବାରେ ମନ ଥିବାରୁ ଝିଅଟି ଅଙ୍କ ଖଣ୍ଡିକ ଠିକ୍ କରି ପାରୁ ନ ଥିଲା ।

ପିଲାଦିନୁ ଅଙ୍କ କଷିବା ବଦଳରେ କବିତା ଲେଖିବାରେ ଯାହାର ଏତେ ଆଗ୍ରହ ଥିଲା, ବଡ଼ ଦିନକୁ ସେ ସରୋଜିନୀ ନାଇଡୁ ନାମରେ ସାରା ଭାରତରେ ପରିଚିତ ହୋଇଥିଲେ ।

କିନ୍ତୁ ପ୍ରଥମେ ତାଙ୍କ ନାମ ସରୋଜିନୀ ନାଇଡୁ ନ ଥିଲା । ତାଙ୍କ ନାମ ହେଉଛି ସରୋଜିନୀ ଚଟ୍ଟୋପାଧ୍ୟାୟ । ଦକ୍ଷିଣ ଭାରତର ହାଇଦ୍ରାବାଦ ରାଜ୍ୟରେ ତାଙ୍କ ଘର । ୧୮୭୯ ମସିହା ଫେବୃୟାରୀ ୧୩ ତାରିଖରେ ସେ ଜନ୍ମ ହୋଇଥିଲେ ।

ବାପା ମାଆଙ୍କ ପ୍ରଭାବ

ସରୋଜିନୀଙ୍କ ବାପାଙ୍କ ନାମ ଅଘୋରନାଥ ଚଟ୍ଟୋପାଧ୍ୟାୟ । ମାଆଙ୍କ ନାମ ବରଦା ସୁନ୍ଦରୀ ଦେବୀ । ଅଘୋରନାଥ ଜଣେ

ପଣ୍ଡିତ ଥିଲେ । ତାଙ୍କ ମନ ଉଦାର, ହୃଦୟ ଦାନଶୀଳ ଥିଲା । ସେ ଉଚ୍ଚଶିକ୍ଷା ପାଇଁ ବିଲାତ ଯାଇଥିଲେ ଏବଂ ସେଠାରୁ ଫେରି ହାଇଦ୍ରାବାଦ ନିଜାମଙ୍କ ଅଧୀନରେ ଚାକିରି କରିଥିଲେ ।

ମାଆ ବରଦା ସୁନ୍ଦରୀ ମଧ୍ୟ ଜଣେ ଆଦର୍ଶ ମହିଳା ଥିଲେ । ପିଲାମାନଙ୍କ ଶିକ୍ଷାପ୍ରତି ତାଙ୍କର କଡ଼ା ଦୃଷ୍ଟି ଥିଲା । ଯେଉଁ ପିଲାମାନଙ୍କ ଭିତରୁ ଯିଏ ଯେଉଁ ବିଷୟରେ ପଢ଼ିବାକୁ ଆଗ୍ରହୀ, ସେ ତାଙ୍କୁ ସେଇ ବିଷୟରେ ଶିକ୍ଷା ଦେବାର ବନ୍ଦୋବସ୍ତ କରୁଥିଲେ । ପିଲାଦିନେ ସେ ଖୁବ୍ ସୁନ୍ଦର କବିତା ମଧ୍ୟ ରଚନା କରୁଥିଲେ । ମାଆଙ୍କର ଏହି ପ୍ରଭାବ ସରୋଜିନୀଙ୍କ ଉପରେ ପଡ଼ିଥିଲା । ବଡ଼ଦିନକୁ ସେ ଜଣେ ବଡ଼ ମଣିଷ ହେବେ ବୋଲି ଏଥିରୁ ଜଣାପଡ଼ି ଯାଇଥିଲା ।

ବହିପାଠ ବଦଳରେ କବିତା ଲେଖା

ବାପା ଅଘୋରନାଥଙ୍କ ଇଚ୍ଛା ଥାଏ ଯେ ଝିଅ ଅଙ୍କ ଓ ବିଜ୍ଞାନ ବିଷୟରେ ଜ୍ଞାନ ଅର୍ଜ୍ଜନ କରୁ । କିନ୍ତୁ ସରୋଜିନୀଙ୍କର ଏ ଦୁଇଟି ବିଷୟ ପ୍ରତି ଖୁବ୍ କମ ଆଗ୍ରହ । କବିତା ଲେଖିବାଠିରେ ତାଙ୍କର ଝୁଙ୍କ୍ । ସେଥିପାଇଁ ସ୍କୁଲର ବହିପାଠ କୌଣସିମତେ ପଢ଼ିଦେଇ ସେ କବିତା ଲେଖିବାରେ ଲାଗି ପଡ଼ୁଥିଲେ ।

ସ୍କୁଲ ପାଠପଢ଼ା ସଙ୍ଗେ ସଙ୍ଗେ କବିତା ଲେଖିବାରେ ବହୁ ସମୟ ଦେବା ଫଳରେ ମଝିରେ ସରୋଜିନୀଙ୍କ ସ୍ୱାସ୍ଥ୍ୟ ଭାଙ୍ଗିପଡ଼ିଲା । ସେଥିପାଇଁ ଅଘୋରନାଥ ତାଙ୍କ ସ୍କୁଲ ପଢ଼ା ବନ୍ଦ କରିଦେଲେ । ସ୍କୁଲ ପଢ଼ା ବନ୍ଦ ହେବାରୁ ସରୋଜିନୀଙ୍କୁ ଅଧିକ ସମୟ ମିଳିଲା ।

ସେ ମାତ୍ର ସମୟରେ କବିତା ଲେଖା ସାଙ୍ଗେ ସାଙ୍ଗେ ନାଟକ ଲେଖା ମଧ୍ୟ ଆରମ୍ଭ କରିଦେଲେ ।

ଏମିତି ନାନା ଅସୁବିଧା ମଧ୍ୟରେ ପଢ଼ାପଢ଼ି କରି ସରୋଜିନୀ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରୁ ମାଟ୍ରିକ୍ୟୁଲେସନ ପାଶ୍ କଲେ । ଝିଅଟିଏ ମ୍ୟାଟ୍ରିକ୍ ପାଶ୍ କରିବା ସେତେବେଳେ କିଛି ସାଧାରଣ କଥା ନୁହେଁ । ସରୋଜିନୀ ବିଶ୍ୱବିଦ୍ୟାଳୟରୁ ମ୍ୟାଟ୍ରିକ୍ ପାଶ୍ କରିଛନ୍ତି ବୋଲି ଜଣା ପଡ଼ିବା ସଙ୍ଗେ ସଙ୍ଗେ ହୁଲୁସ୍ଥୁଲୁ ଆରମ୍ଭ ହୋଇ ପଡ଼ି-ଯାଇଥିଲା । ସେତେବେଳେ ତାଙ୍କୁ ବୟସ ମୋଟେ ବାର ବର୍ଷ ।

ପାଠପଢ଼ା ପାଇଁ ବିଲାତ ଯାତ୍ରା

ମ୍ୟାଟ୍ରିକ୍ ପାଶ୍ କରି ସାରିବା ପରେ ସରୋଜିନୀଙ୍କୁ ଗୋଟିଏ ସରକାରୀ ବୃତ୍ତି ମିଳିଲା । ସେ ଉଚ୍ଚଶିକ୍ଷା ପାଇଁ ବିଲାତ ଗଲେ । ତାଙ୍କର ସରଳ ସ୍ୱଭାବ, ମଧୁର କଥାବାର୍ତ୍ତା ଯୋଗୁଁ ସମସ୍ତେ ତାଙ୍କୁ ଭଲ ପାଉଥିଲେ । ବିଲାତରେ ସେ ମନଦେଇ ଜ୍ଞାନ ଅର୍ଜନ କରିବାକୁ ଲାଗିପଡ଼ିଲେ । ଅଧିକ ପରିଶ୍ରମ କରିବା ଫଳରେ ତାଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପଡ଼ିଲା । ମାତ୍ର ସେଥିପ୍ରତି ଦୃଷ୍ଟି ନ ଦେଇ ସରୋଜିନୀ ପାଠପଢ଼ାରେ ଲାଗିପଡ଼ିଲେ ।

ବିଲାତରେ ପାଠ ପଢ଼ିଲାବେଳେ ବିଲାତର ଜଣେ ପ୍ରସିଦ୍ଧ ଲେଖକଙ୍କ ସାଥିରେ ତାଙ୍କର ପରିଚୟ ହେଲା । ସେ ଲେଖକଙ୍କ ନାମ ହେଉଛି ଏଡ୍‌ମଣ୍ଡ ଗସ୍ । ତାଙ୍କର ପ୍ରଭାବ ଫଳରେ ସରୋଜିନୀଙ୍କ କବିତା ଲେଖିବାର ଢଙ୍ଗ ବଦଳିଗଲା । ଫଳରେ ସେ ଜଣେ ପ୍ରସିଦ୍ଧ ନାମୀ କବିରୂପେ ପରିଚିତ ହେଲେ ।

ବିଲାତରେ ପଢୁଥିବାବେଳେ ସେ ମଧ୍ୟ ଇଟାଲି ଯାଇଥିଲେ । ଏହିପରି ଭାବରେ ବିଦେଶରେ ନାନା ଅଭିଜ୍ଞତା ହାସଲ କରି ସେ ୧୮୯୮ ମସିହାରେ ନିଜ ଦେଶକୁ ଆସିଥିଲେ ।

ଜାତିଭେଦ ନ ମାନି ବିବାହ

ବିଲାତ ଯିବା ଆଗରୁ ସରୋଜିନୀ ଡାକ୍ତର ନାଇଡୁଙ୍କୁ ବିବାହ କରିବାକୁ ସ୍ଥିର କରିଥିଲେ । ସରୋଜିନୀ ଜାତିରେ କୁଳୀନ ବ୍ରାହ୍ମଣ । ଡାକ୍ତର ନାଇଡୁ ମୂଳରୁ ବ୍ରାହ୍ମଣ ନୁହନ୍ତି । ସେତେବେଳେ ଜାତିଭେଦ ବଡ଼ କଡ଼ା ଥିଲା । ଅନ୍ୟ ଜାତିର ଗୋଟିଏ ଝିଅ ଆଉ ଗୋଟିଏ ଜାତିର ପୁଅକୁ ବିବାହ କରିବା ପ୍ରଚଳନ ହିନ୍ଦୁ ସମାଜରେ ନ ଥିଲା । ଏହି ସାମାଜିକ କଟକଣା ଯୋଗୁଁ ବିଲାତରୁ ଫେରି ସରୋଜିନୀ ବଡ଼ ଅସୁବିଧାରେ ପଡ଼ିଲେ ।

କିନ୍ତୁ ସରୋଜିନୀଙ୍କର ଗୋଟିଏ ଗୁଣ ଥିଲା । ସେ ଯାହା ସ୍ଥିର କରୁଥିଲେ, ସେ ଲକ୍ଷ୍ୟ ହାସଲ କରିବା ପାଇଁ ସେ ମନପ୍ରାଣ ଦେଇ ଲାଗି ପଡ଼ୁଥିଲେ ।

ସେହି ସାମାଜିକ କଟକଣା ବିରୁଦ୍ଧରେ ସରୋଜିନୀ ସେତେବେଳେ ଲଢ଼େଇ କଲେ । ତାଙ୍କର ଯୁକ୍ତି ଶୁଣି ଅନ୍ୟ କେହି ତାଙ୍କ ବିବାହରେ ବାଧା ଦେଇ ପାରିଲେ ନାହିଁ । ଜାତିଭେଦ ନ ମାନି ସରୋଜିନୀ ଡାକ୍ତର ନାଇଡୁଙ୍କୁ ବିବାହ କଲେ ।

କବିରୁ ଦେଶସେବକ

ସେତେବେଳେ ସରୋଜିନୀ ଜଣେ ବଡ଼ କବି ହିସାବରେ ଦେଶ-ବିଦେଶରେ ପରିଚିତ ହୋଇ ପାରିଥିଲେ । ତାଙ୍କୁ ଲଣ୍ଡନ ରାଜକୀୟ

ସାହିତ୍ୟ ପରିଷଦର ଜଣେ ସଭ୍ୟା ରୂପେ ନିର୍ବାଚିତ କରାଯାଇଥିଲା। ପୃଥିବୀର ବିଶିଷ୍ଟ ଲେଖକମାନେ ଏହି ପରିଷଦର ସଭ୍ୟ ହୁଅନ୍ତି। ସେହି ପରିଷଦର ସଭ୍ୟା ହେବା ଫଳରେ ତାଙ୍କର କବିପ୍ରତିଭା ବହିଆଲୋକରେ ଜଣାଶୁଣା ହୋଇ ଯାଇଥିଲା।

କିନ୍ତୁ କେବଳ କବିତା ଲେଖି ସରୋଜିନୀ ସନ୍ତୁଷ୍ଟ ହୋଇ ନ ଥିଲେ। ଦେଶର ସ୍ୱାଧୀନତା ହାସଲ କରିବା ପାଇଁ ତାଙ୍କ ମନ ବଳିଲା। ଏଣିକି ସେ ମହାତ୍ମା ଗାନ୍ଧିଙ୍କ ନିର୍ଦ୍ଦେଶ ମାନି ସେ ଆନନ୍ଦରେ କାମ କରୁଥିଲେ। ସାରା ଜୀବନ ସମଗ୍ର ଭାରତବର୍ଷର ସେବା କରିବା ପାଇଁ ସେ ଇଚ୍ଛା କଲେ। କବିତା ଲେଖା ତାଙ୍କର ବନ୍ଦ ରହିଲା।

ଜାତୀୟ କଂଗ୍ରେସର ସଭାନେତ୍ରୀ

ଆଗରୁ ସେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ମାତ୍ର ସେଥିପାଇଁ ବେଶି କାମ କରିବାର ସୁବିଧା ତାଙ୍କର ନ ଥିଲା। ସତ୍ୟାଗ୍ରହରେ ଯୋଗଦେବା ଜାତିକୁ ମନେ ମନେ ସେ ସେତେବେଳେ ସ୍ଥିର କଲେ, ଜାତୀୟ କଂଗ୍ରେସର ଲକ୍ଷ୍ୟ ହାସଲ ପାଇଁ ସେ ବାହାରି ପଡ଼ିଲେ। ପୁରୁଷମାନଙ୍କ ସହ ସ୍ତ୍ରୀଲୋକମାନେ କାନ୍ଧକୁ କାନ୍ଧ ମିଳାଇ କାମ କରନ୍ତୁ, ଏହା ହିଁ ଥିଲା ତାଙ୍କର ଲକ୍ଷ୍ୟ। ଫଳରେ ତାଙ୍କର ନେତୃତ୍ୱରେ ଭାରତୀୟ ନାରୀ ଆନ୍ଦୋଳନ ଗଢ଼ି-ଉଠିଲା। ଦେଶ ପାଇଁ ନିଃସ୍ୱାର୍ଥପର ଭାବରେ ସେ ବହୁ ତ୍ୟାଗ, କଷ୍ଟ ସ୍ୱୀକାର କରିଥିଲେ। ଦେଶରେ ତାଙ୍କର ପ୍ରତିଷ୍ଠା ବଢ଼ିବାକୁ ଲାଗିଲା। ଶେଷକୁ ୧୯୨୫ ମସିହାରେ ସେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ରୂପେ ନିର୍ବାଚିତ ହେଲେ। ସରୋଜିନୀଙ୍କ ପୂର୍ବରୁ ଆଉ ଜଣେମାତ୍ର ମହିଳା ଜାତୀୟ କଂଗ୍ରେସର ସଭାନେତ୍ରୀ ହୋଇ ଯାଇଥିଲେ,—ତାଙ୍କର ନାମ ହେଉଛି ଆନିବେଶାନ୍ତ।

ସରୋଜିନୀ ନାଇଡ଼ୁ କଂଗ୍ରେସର ସଭାନେତ୍ରୀ ହେଲାବେଳକୁ ଦେଶରେ ଅସହଯୋଗ ଆନ୍ଦୋଳନ ପ୍ରବଳ ଭାବରେ ଚାଲିଥାଏ । ଇଂରେଜ ସରକାର ମହାତ୍ମା ଗାନ୍ଧି ପ୍ରମୁଖ ନେତାମାନଙ୍କୁ ନେଇ ଜେଲ୍‌ରେ ପୂରାଇ ଦେଇଥାଏ । ଫଳରେ ସରୋଜିନୀଙ୍କୁ ଏହି ଆନ୍ଦୋଳନ ଚଳାଇବାକୁ ହେଲା । ସେଥିପାଇଁ ତାଙ୍କୁ ଜେଲଦଣ୍ଡ ଭୋଗ କରିବାକୁ ପଡ଼ିଥିଲା ।

୧୯୨୧ ମସିହାରେ ବିଲାତରେ ହେଉଥିବା ଗୋଲଟେବୁଲ ବୈଠକରେ ମହାତ୍ମା ଗାନ୍ଧିଙ୍କ ସହ ସରୋଜିନୀ ମଧ୍ୟ ଯୋଗ ଦେବା ପାଇଁ ଯାଇଥିଲେ । ସେହି ବୈଠକରେ ଭାରତର ଦାବିକୁ ପ୍ରାଞ୍ଜଳ ଭାବରେ ସେ ବୁଝାଇ ଦେଇଥିଲେ । ତାଙ୍କ ପ୍ରାଞ୍ଜଳ ଭାଷଣ ଦ୍ୱାରା ୟୁରୋପ, ଆଫ୍ରିକା, ଆମେରିକା, ଏସିଆ ପ୍ରଭୃତି ମହାଦେଶର ପ୍ରତିନିଧିମାନେ ପ୍ରଭାବିତ ହୋଇଥିଲେ ।

ସରୋଜିନୀଙ୍କର ଆଉ ଗୋଟିଏ ବଡ଼ ଗୁଣ ଥିଲା । ତାହା ହେଉଛି ତାଙ୍କର ଅସାଧାରଣ କହିବା ଶକ୍ତି । ତାଙ୍କ ଭାଷଣ ଶୁଣି ଭାରତର ଲକ୍ଷ ଲକ୍ଷ ଲୋକ ମାତିଯାଇ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଉଥିଲେ । ଇଂରେଜୀ ଭାଷାର ବକ୍ତୃତା ତାଙ୍କର ସବୁଠାରୁ ବେଶି ଭଲ ହେଉଥିଲା ।

ଆଦର୍ଶ ଭାରତୀୟ ମହିଳା

ଭାରତୀୟ ନାରୀସମାଜକୁ ଉପରକୁ ଉଠାଇବା ସରୋଜିନୀଙ୍କର ପ୍ରଧାନ ଲକ୍ଷ୍ୟ ଥିଲା । ନାରୀଶିକ୍ଷା ପାଇଁ ସେ ସବୁବେଳେ ଜୋର ଦେଉଥିଲେ । ପାଶ୍ଚାତ୍ୟ ଶିକ୍ଷାର ସ୍ରୋତରେ ଭାସି ନ ଯାଇ ସୀତା, ସାବିତ୍ରୀଙ୍କ ପରି ପତିପରାୟଣା ହେବା ପ୍ରତ୍ୟେକ ନାରୀର ଧର୍ମ ବୋଲି

ସେ ବୁଝୁଥିଲେ । ଭାରତୀୟ ନାରୀର ଆଦର୍ଶ ଏବଂ ପାଶ୍ଚାତ୍ୟ ଶିକ୍ଷା ସମ୍ମିଶ୍ରଣରେ ଏକ ନୂତନ ନାରୀସମାଜ ଗଠନ କରିବା ତାଙ୍କର ଲକ୍ଷ୍ୟ ଥିଲା । ଆଜିକାଲି ସାମାଜିକ, ରାଜନୈତିକ ତଥା ସରକାରୀ ଚାକିରୀ କ୍ଷେତ୍ରରେ ନାରୀମାନେ ଯେଉଁ ଅଧିକାର ପାଇଛନ୍ତି, ତା'ର ମୂଳରେ ସରୋଜିନୀଙ୍କ ପ୍ରଚେଷ୍ଟା ନିହିତ ଅଛି ।

ସରୋଜିନୀ ନିଜେ ଜଣେ ଆଦର୍ଶ ମହିଳା ଥିଲେ । ତାଙ୍କ ପାରିବାରିକ ଜୀବନ ନିର୍ମଳ ଓ ପବିତ୍ର ଥିଲା । ସେ ନିଜେ ଧନୀ ଥିଲେ ମଧ୍ୟ ଗରିବ ଲୋକଙ୍କ ପାଇଁ ତାଙ୍କ ହୃଦୟରେ ଅସୀମ ସହାନୁଭୂତି ପୂରି ରହିଥିଲା । ଦକ୍ଷିଣ ଆଫ୍ରିକାରେ ଭାରତୀୟ ଶ୍ରମିକମାନଙ୍କ ଦୁଃଖ-କଷ୍ଟ ଦେଖି ତାଙ୍କ ମନ ତରଳି ଯାଇଥିଲା । ସେମାନେ ଯେପରି ପ୍ରକୃତ ନାଗରିକ ରୂପେ ସେଠାରେ ବାସ କରିପାରିବେ, ସେଥିପାଇଁ ଦୃଢ଼ ବ୍ୟବସ୍ଥା କରିବା ସକାଶେ ଭାରତ ସରକାରଙ୍କ ନିକଟରେ ସେ ଦାବୀ କରିଥିଲେ ।

ଶେଷ ଜୀବନ

ସ୍ୱାଧୀନତା ପୂର୍ବରୁ ଇଂରେଜମାନଙ୍କୁ ତଡ଼ିବା ପାଇଁ ନାନା ଦୁଃଖ କଷ୍ଟ ଭିତରେ ସେ ଲଢ଼େଇ କରିଥିଲେ । ସ୍ୱାଧୀନତା ପରେ ସେ ଯୁକ୍ତପ୍ରଦେଶର ଲାଟ୍‌ରୂପେ ନିଯୁକ୍ତ ହୋଇଥିଲେ । ୧୯୪୯ ମସିହା ମାର୍ଚ୍ଚ ୨ ତାରିଖରେ ତାଙ୍କର ପରଲୋକ ହୋଇଗଲା ।

ଦାସ ଆପଟେ

ପୁଅ ବେମାର ପଡ଼ିଛି । ମାରାତ୍ମକ ବେମାର । ଜଣେ କିଏ ଆସି ଖବର ଦେଲା, କୁଶଭଦ୍ରା ନଦୀବନ୍ଧ ଭାଙ୍ଗିଯିବାରୁ ଗାଁ ଗଣ୍ଡା ସବୁ ବୁଡ଼ିଯାଉଛି । ଲୋକେ ଜୀବନବିକଳରେ ଡାକ ପକାଉଛନ୍ତି । ସାହାଯ୍ୟ କରିବାକୁ କେହି ନାହାଁନ୍ତି । ଗାଈ, ଗୋରୁ ସବୁ ସୁଅ-ମୁହଁରେ ଭାସି ଯାଉଛନ୍ତି ।

ଏକଥା ଶୁଣିଲାକ୍ଷଣି ଭଦ୍ରବ୍ୟକ୍ତିଙ୍କ ଆଖିରୁ ଥପ ଥପ ଲୁହ ଗଡ଼ି ପଡ଼ିଲା । ବାମ ହାତ ନେଫଡ଼ରେ ଲୁହତକ ପୋଛିନେଇ ସେ ଉଠି ପଡ଼ିଲେ । କହିଲେ, "ଚାଲ; ଲୋକଙ୍କ ପାଖକୁ ଯିବା ।"

ଘରଲୋକେ କାବା । ପୁଅ ଶକ୍ତ ବେମାର । ବଞ୍ଚିବା, ମରିବା କିଛି ଠିକ୍ ନାହିଁ । ପାଖରେ ରହିବାକୁ ସେମିତି କେହି ଲୋକ ନାହାନ୍ତି । ଏମିତି ବିପଦରେ କୋଉ ବାପା ପୁଅକୁ ଛାଡ଼ି ବଢ଼ି ଅଞ୍ଚଳକୁ ଦେଖାସେବା କରିଯାଏ !

ସେକଥା କେହି ଜଣେ ମନେ ପକାଇ ଦେବାରୁ ଭଦ୍ରବ୍ୟକ୍ତି କେବଳ ଉପରକୁ ମୁହଁ ହାତ ଠାରିଦେଲେ—ଭଗବାନଙ୍କ ଇଚ୍ଛା !

ବଢ଼ି ଅଞ୍ଚଳ କାମ ସାରି ଫେରିଲା ବେଳକୁ ସତକୁ ସତ ପୁଅ ଆରପାରିକୁ ଚାଲି ଯାଇଥିଲା । ମଲାବେଳେ ସେ ପୁଅକୁ ଟିକିଏ ଦେଖି ପାରିଲେ ନାହିଁ । କିନ୍ତୁ ସେଥିପାଇଁ ତାଙ୍କ ମୁହଁରେ କୌଣସି ଦୁଃଖର ଛାଇ ଟିକିଏ ଦେଖି ନାହିଁ । ଜଣେ କିଏ ସେକଥା କହିଲାରୁ ସେ ଓଲଟି ଉତ୍ତର ଦେଲେ, "ଗୋଟିଏ ପୁଅ ସିନା ମୋର ଚାଲିଗଲା; କିନ୍ତୁ ମୁଁ ସେ ବଢ଼ି ଅଞ୍ଚଳକୁ ଯାଇ ଶହ ଶହ ପୁଅଙ୍କୁ ମରଣମୁହଁରୁ ରଖି ପାରିଲି । ଏଇ ମୋର ଯଥେଷ୍ଟ ।"

ଯିଏ ପ୍ରଥମେ ସେ କଥା କହିଥିଲେ, ଉତ୍ତର ଶୁଣି ତାଙ୍କ ମୁହଁ ଲଜ୍ଜାରେ ନାଲି ପଡ଼ିଗଲା ।

ଯିଏ ନିଜ ପୁଅକୁ ଜାଣି ଜାଣି ମରଣମୁହଁରେ ଛାଡ଼ିଦେଇ ସାରା ଦେଶର ଦୁଃଖୀ, ଦରିଦ୍ର ଲୋକଙ୍କୁ ନିଜର ପୁଅ ଭଳି ଆପଣାର କରିଥିଲେ, ତାଙ୍କ ନାମ ହେଉଛି ଗୋପବନ୍ଧୁ ଦାଶ । ତାଙ୍କୁ ସମସ୍ତେ "ଦାସ ଆପଣେ" ବୋଲି ଡାକୁଥିଲେ ।

ପିଲାଦିନ କଥା

ପୁରୀ ଜିଲ୍ଲା ଭାର୍ଗବୀ ନଦୀ କୂଳରେ ସୁଆଣ୍ଡୋ ବୋଲି ଗୋଟେ ସୁନ୍ଦର ଗାଆଁଟିଏ ଅଛି । ସେଇ ସୁଆଣ୍ଡୋ ଗାଆଁରେ ୧୮୭୭ ମସିହା ଅକ୍ଟୋବର ମାସ ୯ତାରିଖ ଦିନ ଗୋପବନ୍ଧୁ ଜନ୍ମ ହୋଇଥିଲେ । ତାଙ୍କ ବାପା ଦୈତ୍ୟାରି ଦାଶ ସେ କାଳରେ ଜଣେ ମୁକ୍ତିଆର ଥିଲେ । ମାଆ ସ୍ୱର୍ଣ୍ଣମୟୀ ଦେବୀ ଦୈତ୍ୟାରି ଦାଶଙ୍କ ତୃତୀୟପତ୍ନୀ ।

ପିଲାଦିନୁ ଗୋପବନ୍ଧୁଙ୍କର ଧର୍ମ ଆଡ଼କୁ ମନ । ସେ ଭାଗବତ ବହି ବରାବର ପଢୁଥିଲେ । ସେଥିରୁ ଅନେକ ପଦ ମୁଖସ୍ଥ କରି ଗାଉଥିଲେ । ତାଙ୍କ ପାଠପଢ଼ା ପ୍ରଥମେ ଗାଁ ଚାଟଶାଳୀରୁ ଆରମ୍ଭ ହୋଇଥିଲା । ପୁଅକୁ ପଢ଼ାଇବା ପାଇଁ ଦୈତ୍ୟାରି ଦାଶ ଗାଁରେ ଗୋଟିଏ ପ୍ରାଇମେରୀ ସ୍କୁଲ ବସାଇଥିଲେ । ସେଇ ପ୍ରାଇମେରୀ ସ୍କୁଲରୁ ପାଶ୍ କରି ସାରିବା ପରେ ନିଜ ଗାଆଁରୁ ପାଞ୍ଚ ମାଇଲ ଦୂରରେ ଥିବା ରୂପଦେଈପୁର ଭର୍ଣ୍ଣାକୁଲାର ସ୍କୁଲରେ ଗୋପବନ୍ଧୁ ନାମ ଲେଖାଇଥିଲେ । ଏ ପାଞ୍ଚ ମାଇଲ ବାଟ ତାଙ୍କୁ ଚାଲି ଚାଲି ଯିବାକୁ ହେଉଥିଲା ।

ଛୋଟ ପିଲାବେଳେ ପାଠ ପଢ଼ିଲାବେଳକୁ ଗୋପବନ୍ଧୁ ଭଲ ଗୀତ ଲେଖୁଥିଲେ । ଏଥିରୁ ଜଣା ପଡୁଥିଲା ଯେ ବଡ଼ ହେଲେ ସେ

ଜଣେ ବଡ଼ କବି ହେବେ । ସତକୁ ସତ ପରବର୍ତ୍ତୀ କାଳରେ ସେ ଜଣେ ବଡ଼ କବି ଭାବରେ ସାରା ଓଡ଼ିଶାରେ ନାମ କମାଇ ଥିଲେ ।

ତାଙ୍କ ପିଲାବେଳେ ମାଆ ସ୍ୱର୍ଣ୍ଣମୟୀ ଦେବୀ ପ୍ରାଣତ୍ୟାଗ କଲେ । ଏହା ଗୋପବନ୍ଧୁଙ୍କୁ ଖୁବ୍ ବାଧିଲା । କାରଣ ମାଆ ଛଡ଼ା ସାହା ନାହିଁ । ପିଲାଦିନର ସୁଖ, ଶରଧା, ଅଳି, ଅଲଦାଳ ସବୁ ମାଆଙ୍କ ପାଖରେ କରାଯାଏ । ଗୋପବନ୍ଧୁ କିନ୍ତୁ ସେ ସୁଯୋଗରୁ ପିଲାଦିନୁ ବଞ୍ଚିତ ହୋଇଥିଲେ ।

ନିଜ ଜନ୍ମଦାତ୍ରୀ ମାଆ ମରିଯିବା ପରେ ଗୋପବନ୍ଧୁ ନିଜ ଜନ୍ମଭୂମିକୁ ମାଆରୂପେ ମାନି ନେଇଥିଲେ । ସେଇ ମାତୃଭୂମିର ସେବାରେ ତାଙ୍କର ସାରା ଜୀବନ କଟି ଯାଇଥିଲା ।

ଥରେ ନଈକୂଳରେ ଏକୁଟିଆ ଗୋପବନ୍ଧୁ ବୁଲୁଥାନ୍ତି । ଗୋଟିଏ ହାତରେ ଗୋଟିଏ ଆଖିକୁ ଚପିଧରି ଆଉ ଗୋଟିଏ ଆଖି ମେଲି କରି ଗଛଆଡ଼କୁ ଚାହୁଁ ଥାଆନ୍ତି । ହଠାତ୍ ଜଣେ ଶିକ୍ଷକଙ୍କ ଆଖି ଗୋପବନ୍ଧୁଙ୍କ ଉପରେ ପଡ଼ିଗଲା । ସେ ତାଙ୍କ ପାଖକୁ ଆସି ପଚାରିଲେ, "ଆଖି ବନ୍ଦ କରି ଏମିତି ବୁଲୁଛୁ କାହିଁକି ଗୋପ ! ତୋ ଆଖି କଅଣ ଖରାପ ହୋଇଛି !"

ଶିକ୍ଷକଙ୍କ କଥା ଶୁଣି ଗୋପବନ୍ଧୁଙ୍କ ମୁହଁ ଲାଜରେ ଟିକିଏ ହୋଇଗଲା । ସେ କହିଲେ, "ନାହିଁ ଆଜ୍ଞା ! ମୋ ଆଖିର କିଛି ହୋଇ ନାହିଁ । ଖାଲି ଗୋଟାଏ ଆଖିରେ ଏ ପୃଥିବୀକୁ ଦେଖିଲେ ତାହା କେମିତି ଦିଶିବ, ସେ କଥା ପରୀକ୍ଷା କରି ଦେଖୁଥିଲି ।"

ପିଲାଦିନୁ ପୃଥିବୀକୁ ଏମିତି ନାନା ଭାବରେ ଦେଖିବା ପାଇଁ ଗୋପବନ୍ଧୁ ଚେଷ୍ଟା କରିଥିବାରୁ ବଡ଼ଦିନେ ସେ ଏକାଧାରରେ

କବି, ସାମ୍ବାଦିକ, ଦେଶସେବକ, ଓକିଲ—ସବୁ କିଛି ହୋଇ ପାରିଥିଲେ ।

ତାଙ୍କ ବାପା ଦୈତାରି ଦାଶଙ୍କର ଗୋପବନ୍ଧୁଙ୍କୁ ସଂସ୍କୃତ ପାଠ ପଢ଼େଇବା ପାଇଁ ଭାରି ଇଚ୍ଛା ଥାଏ । ତେଣୁ ଗୋପବନ୍ଧୁ ଯେମିତି ରୂପଦେଈପୁର ମଧ୍ୟବିଦ୍ୟାଳୟରୁ ପାସ୍ କରି ସାରିଲେ, ପୁରୀ ଜିଲ୍ଲା ସ୍କୁଲରେ ସେ ତାଙ୍କ ନାମ ଲେଖାଇ ଦେଲେ । ଏହି ହାଇସ୍କୁଲରେ ପଢ଼ିଲାବେଳେ ଗୋପବନ୍ଧୁଙ୍କଠାରେ ଆଉ ଗୋଟିଏ ଭଲ ଗୁଣ ଦେଖାଗଲା । ଆଗରୁ ସେ କବିତା ଲେଖି ପାରୁଥିଲେ; ସାହିତ୍ୟ ଚର୍ଚ୍ଚା କରି ପାରୁଥିଲେ । ଏଥର ସେ ଭଲ ବକ୍ତୃତା ଦେଇ ଜାଣିଲେ; ଆଲୋଚନାରେ ଭାଗ ନେଲେ ।

ସ୍ପଷ୍ଟବାଦୀ ଗୋପବନ୍ଧୁ

ଗୋପବନ୍ଧୁ ଯାହା ଠିକ୍ ବୋଲି ଭାବୁଥିଲେ, ତାକୁ ପ୍ରକାଶ କରିବାକୁ ସେ ଆଦୌ ଭୟ କରୁ ନ ଥିଲେ । ଏହି ସ୍ପଷ୍ଟବାଦିତା ପାଇଁ କବିବର ରାଧାନାଥ ରାୟଙ୍କ ସାଙ୍ଗରେ ଥରେ ତାଙ୍କର କଜିଆ ଲାଗିଥିଲା । ସେତେବେଳେ ଗୋପବନ୍ଧୁ ହାଇସ୍କୁଲ ଛାତ୍ର । ରାଧାନାଥ ରାୟ ସ୍କୁଲ ବିଭାଗର ଇନ୍‌ସପେକ୍ଟର । ରାଧାନାଥ ରାୟ ସେତେବେଳେ ଆଧୁନିକ ଧରଣର କବିତା ଲେଖି ଭାରି ନାମ କମାଇଥାନ୍ତି । ଗୋପବନ୍ଧୁଙ୍କୁ ପୁରୁଣାକାଳିଆ ଉପେନ୍ଦ୍ରଭଞ୍ଜ, ଜଗନ୍ନାଥ ଦାସଙ୍କ ଲେଖା ପ୍ରଭୃତି ଭଲ ଲାଗୁଥାଏ । ସେ ରାଧାନାଥ ରାୟଙ୍କ କବିତାକୁ ସମାଲୋଚନା କରି 'ଇନ୍ଦ୍ରଧନୁ' ସାହିତ୍ୟ ପତ୍ରିକାରେ ଗୋଟିଏ ଲେଖା ପ୍ରକାଶ କରିଥିଲେ । ଗୋଟିଏ ସ୍କୁଲଛାତ୍ର ତାଙ୍କ କବିତାକୁ ସମାଲୋଚନା କରୁଛି ଜାଣି ରାଧାନାଥ ରାୟ ଭାରି ରାଗିଗଲେ । ସେ

ଗୋପବନ୍ଧୁଙ୍କୁ ଧମକାଇଲେ । ନିଜ ଲେଖାର ପ୍ରତିବାଦ କରିବାକୁ ପ୍ରବର୍ତ୍ତାଇଲେ । ଗୋପବନ୍ଧୁ କିନ୍ତୁ ନିଜ ମତରୁ ଟିକିଏ ହେଲେ ଟଳିଲେ ନାହିଁ । ଫଳରେ ସେ ଯେଉଁ ବୃତ୍ତି ପାଉଥିଲେ, ସେଥିରୁ ବର୍ଷକର ବୃତ୍ତି କଟିଗଲା । କିନ୍ତୁ ଗୋପବନ୍ଧୁଙ୍କ ଏ ସାହାସ, ଦମ୍ଭ ଦେଖି ଅନ୍ୟମାନେ ତାଙ୍କୁ ବେଶୀ ଭଲ ପାଇଲେ । ତାଙ୍କ ସମ୍ମାନ ବୃଦ୍ଧିଆଡ଼େ ବଢ଼ିଗଲା ।

ସେବା କରିବାପାଇଁ ଆଗ୍ରହ

ଗୋପବନ୍ଧୁ ଯେତେବେଳେ ପୁରୀ ଜିଲ୍ଲାସ୍କୁଲରେ ପଢ଼ୁଥିଲେ, ସେତେବେଳେ ଭଲ ପିଇବା ପାଣି ଅଭାବରୁ ଝାଡ଼ା ହାଇଜା ହେଉଥିଲା । ପୁରୀ ଜଗନ୍ନାଥ ଧାମ; ଭାରତର ଚାରିଆଡ଼ୁ ଧର୍ମପରାୟଣ ଲୋକେ ଆସି ସେଠାରେ ରୁଣ୍ଡ ହୁଅନ୍ତି । ହାଇଜା ହେଲେ ଅବସ୍ଥା ବଡ଼ ଶୋଚନୀୟ ହୁଏ । ଲୋକେ ପୋକ, ମାଛିପରି ପଡ଼ି ସେବା ଅଭାବରୁ ମରିଯାଆନ୍ତି । ଏପ୍ରକାର ଦୃଶ୍ୟ ଦେଖି ଗୋପବନ୍ଧୁଙ୍କ ଦେହ ସହୁ ନ ଥିଲା । ସେ ନିଜ ସାଙ୍ଗପିଲାମାନଙ୍କୁ ମିଳାଇ ଗୋଟିଏ ସେବାଦଳ ଗଢ଼ି ସେହି ରୋଗୀଲୋକଙ୍କ ସେବା କରୁଥିଲେ । ସେବା କରିବାର ମନୋବୃତ୍ତି ତାଙ୍କର ଏଇ ପିଲାଦିନୁ ଦେଖା ଯାଇଥିଲା ।

ପାଠ ପଢ଼ି ଚାକିରି କରିବା ପାଇଁ ଗୋପବନ୍ଧୁଙ୍କର ଆଦୌ ଇଚ୍ଛା ନ ଥିଲା । ନିଜ ଗୋଡ଼ରେ ଠିଆହୋଇ ସ୍ୱାଧୀନ ହେବାକୁ ସେ ପିଲାଦିନୁ ମନେ ମନେ ସ୍ଥିର କରିଥିଲେ । ସେଥିପାଇଁ ବି. ଏ. ପାଶ କଲାପରେ ସେ ଓକିଲାତି ପଢ଼ିବା ପାଇଁ ଆଇନ୍ କଲେଜରେ ନାମ ଲେଖାଇଲେ ।

୧୯୦୬ ମସିହାରେ ସେ ଓକିଲାତି ପାଶ୍ କଲେ । କିନ୍ତୁ ତାଙ୍କର ଦୁର୍ଭାଗ୍ୟ ଯେ, ଯେଉଁଦିନ ଓକିଲାତି ପାଶ୍ କରିଥିବା ଖବର ମିଳିଲା,

ଦେଖିଥିଲେ । ତାଙ୍କ ପୁଅ ମରିଯାଇଥିବା ସମ୍ବାଦ ମଧ୍ୟ ସେ ପାଇଲେ । ପିଲାଙ୍କୁ ସେ ନିଜ ମାଆଙ୍କୁ ଦେଇଥିଲେ । କଲେଜରେ ପଢ଼ିବା ପୁଅଙ୍କୁ ସେମାନଙ୍କର ଗୋଟା ଦିଆ ଯାଉଥିଲା । ଏବେ ଉତ୍କଳ ପାଣ [illegible] । [illegible] ଦୁଃଖ ଭିତରେ କିନ୍ତୁ [illegible] ନାହିଁ । ନିଜ ଦୁର୍ଭାଗ୍ୟ ବିଷୟରେ [illegible] ତାଙ୍କ ମନ ଭିତରେ ଏକ ଅଦ୍ଭୁତ [illegible] ଆସିଲା । ନିଜ ପ୍ରାଣ ପରିବାର ଓ [illegible] ଅପେକ୍ଷା ଅଧିକ ମୁକ୍ତ [illegible] ସେମାନଙ୍କୁ ସେ ନିଜ [illegible] ।

ମହାରାଜା ରାମଚନ୍ଦ୍ରଭଞ୍ଜ ଦେବ ମୟୂରଭଞ୍ଜର ରାଜା ଥିଲାବେଳେ [illegible] ମହାରାଜା "କାଳି" ହୋଇଥିଲେ । କିନ୍ତୁ ମିଛ [illegible] ତାଙ୍କ ଘାଟକୁ ଭେଟି ଆସିଲେ, ସେ [illegible] ଅବସରରେ ମିଳାମିଶା [illegible] ।

ଥରେ [illegible] ଗୋଟିଏ ଡାକବଙ୍ଗଳାରୁ [illegible] ଯାଉଥିବା ଅବସରରେ ଜଣେ ଚୌକିଦାରଙ୍କୁ [illegible] । ରାଜ [illegible] ତାହାପରୁ ଚୌକିଦାର ବିରୁଦ୍ଧରେ ମୋକଦ୍ଦମା ଚଳାଇବା କଥା । [illegible] ଅନୁସନ୍ଧାନ ଦ୍ୱାରା ଜାଣିପାରିଲେ ଯେ ହାକିମ ଚୌକିଦାରଟି [illegible] । [illegible] ତାକୁ [illegible] କରିବା ପାଇଁ ସେ [illegible] ମୋକଦ୍ଦମା [illegible] । [illegible] ଚୌକିଦାର [illegible] ଲାଗିଲେ । ଚୌକିଦାର [illegible] ହୋଇଗଲା । ନିଜ [illegible] ଚୌକିଦାର- [illegible] ନେଲେ ନାହିଁ ।

ନିଜ ପାଠପଢ଼ାରୁ ତାଙ୍କର ଧାରଣା ହୋଇଥିଲା ଯେ ସ୍କୁଲ, କଲେଜର ଶିକ୍ଷା ପିଲାମାନଙ୍କୁ କ୍ରମେ କ୍ରମେ ଇଂରେଜ ସଭ୍ୟତା ଆଡ଼କୁ ଟାଣି ନେଉଛି । ତାଙ୍କୁ ନକମା କରି ଦେଉଛି । ଦେଶର ଶିକ୍ଷାପଦ୍ଧତି ଏମିତି ଚାଲିଲେ ଏବଂ ପିଲାମାନେ କେବଳ ସରକାରୀ ଚାକିରି କରିବା ପାଇଁ ପାଠ ପଢ଼ନ୍ତି, ତେବେ ଦେଶର ଉନ୍ନତି କୌଣସିମତେ ସମ୍ଭବ ନୁହେଁ ।

ସତ୍ୟବାଦୀ ସ୍କୁଲ ସ୍ଥାପନ

ସେଥିପାଇଁ ସେ ସତ୍ୟବାଦୀଠାରେ ନିଜେ ଗୋଟିଏ ବିଦ୍ୟାଳୟ ବସାଇଥିଲେ । ଝୁଡ଼ାଥଳା ଗାଁର ବଣ ଭିତରେ ଏକ ବନ-ବିଦ୍ୟାଳୟଟି ସ୍ଥାପିତ ହୋଇଥିଲା । ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, ଆଚାର୍ଯ୍ୟ ହରିହର ପ୍ରମୁଖ ଉଚ୍ଚଶିକ୍ଷିତ, ସ୍ୱାର୍ଥତ୍ୟାଗୀ ପଣ୍ଡିତ ଲୋକମାନେ ଏଠାରେ ବିଦ୍ୟାଶିକ୍ଷା ଦେଉଥିଲେ । ପାଠପଢ଼ିବା ସଙ୍ଗେ ସଙ୍ଗେ ଚରିତ୍ରଗଠନ, ଲୁଗାବୁଣା, କୃଷିକାମ ଇତ୍ୟାଦି ସବୁ କାର୍ଯ୍ୟ ଏଠାରେ ପିଲାମାନଙ୍କୁ ଶିକ୍ଷା ଦିଆଯାଉଥିଲା । ବର୍ଷା ଦିନମାନ ଛଡ଼ା ଅନ୍ୟଦିନେ ଝୁଡ଼ିଆଥଳା ବଣରେ ପାଠପଢ଼ା ହେଉଥିଲା । ସେତେବେଳେ ଏହି ବିଦ୍ୟାଳୟଟି ଉତ୍କଳରେ ଏକ ପ୍ରଧାନ ଶିକ୍ଷାପୀଠ ରୂପେ ବିବେଚିତ ହେଉଥିଲା । ଓଡ଼ିଶାର ବିଭିନ୍ନ ଅଞ୍ଚଳର ଲୋକେ ଆସି ଏଠାରେ ଶିକ୍ଷା ଗ୍ରହଣ କରୁଥିଲେ ।

କେବଳ ଗୋଟିଏ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରିଦେଇ ଗୋପବନ୍ଧୁ ତୃପ୍ତ ହୋଇ ବସି ନ ଥିଲେ । ନିଜର ନିର୍ଭୀକ ମତ ପ୍ରକାଶ କରିବା ପାଇଁ ଗୋଟିଏ ଖବରକାଗଜ ପ୍ରକାଶ କରିବାକୁ ସେ ମନେ ମନେ ଭାବୁଥିଲେ । ସେଥିପାଇଁ 'ସତ୍ୟବାଦୀ ପ୍ରେସ' ନାମରେ ଏକ ଛାପାଖାନା ସେ ବସାଇଥିଲେ । ସେହି ପ୍ରେସରୁ

୧୯୧୯ ମସିହାରେ ସାପ୍ତାହିକ 'ସମାଜ' କାଗଜ ପ୍ରକାଶ ପାଇଲା । ସେ ନିଜେ ଏହି କାଗଜର ସମ୍ପାଦକ ଥିଲେ । ଓଡ଼ିଆ ସାହିତ୍ୟର ଉନ୍ନତି ପାଇଁ ସେ ମାସିକ 'ସତ୍ୟବାଦୀ' ସାହିତ୍ୟ ପତ୍ରିକା ମଧ୍ୟ ପ୍ରକାଶ କରିଥିଲେ ।

ଆଇନ ସଭା ଭିତରେ ଗୋପବନ୍ଧୁ

ଗୋପବନ୍ଧୁ ବହୁଦିନ ଧରି ବିହାର ଓଡ଼ିଶା ଆସେମ୍ବ୍ଲିର ସଭ୍ୟ ଥିଲେ । ଏହି ଆସେମ୍ବ୍ଲିରେ ସେ ଓଡ଼ିଆଲୋକଙ୍କ ଦାବୀ ନିଜ ବକ୍ତୃତା ଦ୍ୱାରା ଖୁବ୍ ଭଲଭାବରେ ଉପସ୍ଥାପିତ କରିପାରୁଥିଲେ । ଏହି ଆସେମ୍ବ୍ଲିରେ ବିହାର ସଭ୍ୟଙ୍କ ତୁଳନାରେ ଓଡ଼ିଆ ସଭ୍ୟ ଅଳ୍ପ ଥିଲେମଧ୍ୟ ନିଜର ବିଚକ୍ଷଣ ବକ୍ତୃତା ଦ୍ୱାରା ସେ ସରକାରଙ୍କୁ ପ୍ରଭାବିତ କରି ପାରୁଥିଲେ । ଓଡ଼ିଶାର ଦାବୀ ହାସଲ କରିପାରୁଥିଲେ ।

୧୯୧୮ ମସିହାରେ ଥରେ ଓଡ଼ିଶାରେ ଅନାବୃଷ୍ଟି ହେତୁ ଦୁର୍ଭିକ୍ଷ ହେଲା । ଲୋକେ ଖାଇବାକୁ ନ ପାଇ ବହୁ ସଂଖ୍ୟାରେ ମରିବାକୁ ଲାଗିଲେ । ସରକାର ଦୁର୍ଭିକ୍ଷ ପଡ଼ିଛି ବୋଲି ମୋଟେ ମାନୁ ନ ଥିଲେ । ଗୋପବନ୍ଧୁ ଲୋକଙ୍କର ଏହି ଦୁର୍ଦ୍ଦଶା ଆସେମ୍ବ୍ଲିରେ ଏମିତି କରୁଣ ଭାବରେ ବର୍ଣ୍ଣନା କଲେ ଯେ, ଆସେମ୍ବ୍ଲିର ସମସ୍ତ ସଭ୍ୟଙ୍କ ଆଖି ଛଳ ଛଳ ହୋଇ ଆସିଲା । ନିଜେ ଛୋଟଲାଟ୍ ସାହେବ ଅବସ୍ଥା ଦେଖିବାକୁ ଓଡ଼ିଶା ଆସିଲେ । ଦୁର୍ଭିକ୍ଷ ଅବସ୍ଥା ଦେଖି ସରକାର ଠିକ୍ ବ୍ୟବସ୍ଥା କରି ନାହାନ୍ତି ବୋଲି ମାନିଲେ । କିନ୍ତୁ ସେଥିପାଇଁ କିଛି ପ୍ରତିକାର ବ୍ୟବସ୍ଥା କଲେ ନାହିଁ । ଫଳରେ ସରକାରଙ୍କ ଉପରୁ ଗୋପବନ୍ଧୁଙ୍କ ଆସ୍ଥା ତୁଟିଗଲା ।

ସାଧାରଣ ଲୋକଙ୍କଠାରୁ ଚାନ୍ଦା ଉଠାଇ ସେ ଦୁର୍ଭିକ୍ଷରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟ କଲେ । ତାଙ୍କ ଡାକରେ ମହାତ୍ମା ଗାନ୍ଧି, ଠକ୍କରବାପା ପ୍ରମୁଖ ମଧ୍ୟ ସାହାଯ୍ୟ ପଠାଇଥିଲେ । ଦୁର୍ଭିକ୍ଷ ଅବସ୍ଥା ସୁଧୁରିଲା । କିନ୍ତୁ ସରକାରଙ୍କ ଅବହେଳା କଥା ସେ ଭୁଲି ପାରିଲେ ନାହିଁ । ଅସେମ୍ବ୍ଲି ସଦସ୍ୟପଦରୁ ସେ ଇସ୍ତଫା ଦେଇଦେଲେ ।

ଗୋପବନ୍ଧୁଙ୍କ ମନରେ ଭାବନା ହେଲା, ଓଡ଼ିଶା ବାହାରେ ଯେଉଁ ଓଡ଼ିଆମାନେ ଅଣହେଳାରେ ପଡ଼ିଛନ୍ତି ତାଙ୍କୁ ସଂଗଠିତ କରିବାକୁ ହେବ । ସେଥିପାଇଁ ସେ କଲିକତାରେ ଥିବା ଓଡ଼ିଆ ଶ୍ରମିକମାନଙ୍କ ମଧ୍ୟରେ ଏକତା ଆଣିବା ପାଇଁ କାମ କରିଥିଲେ । ସିଂହଭୂମି ଇତ୍ୟାଦି ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳରେ ଓଡ଼ିଆ ଭାଷାର ପ୍ରସାର ପାଇଁ ସେ ବିଦ୍ୟାଳୟ ସ୍ଥାପନ କରିଥିଲେ । ଓଡ଼ିଶା ବାହାରେ ଥିବା ଓଡ଼ିଆ ଅଞ୍ଚଳକୁ ଓଡ଼ିଶାରେ ମିଶାଇବା ପାଇଁ ତାଙ୍କ ପ୍ରାଣ ସବୁବେଳେ କାନ୍ଦୁଥିଲା ।

କଂଗ୍ରେସ ଆନ୍ଦୋଳନ ସହ ସଂପୃକ୍ତ

ଗୋପବନ୍ଧୁ ଲାଟ୍ ସଭାରୁ ଇସ୍ତଫା ଦେଇ ଆସିଲା ବେଳକୁ କଲିକତାରେ କଂଗ୍ରେସ ସଭାର ଏକ ବୈଠକ ବସିଥାଏ । ଏହି ବୈଠକରେ ମହାତ୍ମା ଗାନ୍ଧି ଇଂରେଜମାନଙ୍କୁ ଦେଶରୁ ତଡ଼ିବା ପାଇଁ ଅସହଯୋଗ ଆନ୍ଦୋଳନ କରିବାକୁ ପ୍ରସ୍ତାବ ଦେଇଥାଆନ୍ତି । ଗୋପବନ୍ଧୁ ଏହି ବୈଠକରେ ଯୋଗଦେଇ ଆସି ଓଡ଼ିଶାରେ କଂଗ୍ରେସ ସଙ୍ଗଠନର ମୂଳଦୁଆ ପକାଇଲେ । ଭଗୀରଥ ଗଙ୍ଗାଙ୍କୁ ପୃଥିବୀକୁ ଆଣିଲା ଭଳି କଂଗ୍ରେସକୁ ସେ ପ୍ରଥମେ ଓଡ଼ିଶାକୁ ଆଣିଲେ ।

ତା ପୂର୍ବରୁ ଓଡ଼ିଶାରେ କଂଗ୍ରେସ ଆନ୍ଦୋଳନର କିଛି ଚିହ୍ନ ନ ଥିଲା । ଗୋପବନ୍ଧୁ ମନପ୍ରାଣ ଦେଇ ଲାଗିଗଲେ କଂଗ୍ରେସ ସଙ୍ଗଠନ ଆରମ୍ଭ କରିଦେଲେ । ତାଙ୍କ କଥାରେ ଶହ ଶହ ଯୁବକ ଏହି ଅନୁଷ୍ଠାନରେ ଯୋଗଦେଲେ । ଓଡ଼ିଶାରେ ଏକ କଂଗ୍ରେସ କମିଟି ଗଠିତ ହେଲା । ଏ କମିଟିର ସଭାପତି ହେଲେ ନିଜେ ଗୋପବନ୍ଧୁ । ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା । ଏହାର ଆଗୁଆ ହେଲେ 'ଦାସ ଆପଣେ' । ସରକାର ତାଙ୍କ ବିରୁଦ୍ଧରେ ଲାଗିଲା । ଫଳରେ ତାଙ୍କୁ ଜେଲ ଯିବାକୁ ପଡ଼ିଲା ।

ଭଗବାନ ଯାହା କରନ୍ତି, ତା ସବୁ ମଣିଷର ମଙ୍ଗଳ ପାଇଁ । ଜେଲ ଭିତରେ ଗୋପବନ୍ଧୁ ଯେଉଁ କାବ୍ୟ କବିତା ସବୁ ଲେଖିଥିଲେ, ଓଡ଼ିଆ ସାହିତ୍ୟରେ ସେ ଗୋଟିଏ ଗୋଟିଏ ଅମୂଲ୍ୟ ସମ୍ପଦ ହୋଇ ରହିଲା । 'କାରା କବିତା', 'ବନ୍ଦୀର ଆତ୍ମକଥା' ଇତ୍ୟାଦି କବିତା ବହି ସେ ଏହି ଜେଲ ଭିତରେ ଥାଇ ରଚନା କରିଥିଲେ ।

ଜେଲରୁ ଫେରିବା ପରେ ମଧ୍ୟ ସେ ଦେଶସେବାରେ ଲାଗି-ପଡ଼ିଥିଲେ । ସରକାରଙ୍କ ଦମନ ତାଙ୍କ ହିମ୍ମତକୁ ଭାଙ୍ଗି ଦେଇ ପାରି ନ ଥିଲା । ନିଜର ସବୁ ସୁଖ, ସମ୍ଭୋଗକୁ ଦେଶପାଇଁ ସେ ତ୍ୟାଗ କରିଥିଲେ । ଦେଶର ଦୁଃଖୀ, ଦରିଦ୍ର ଲୋକଙ୍କ ଆଖିରୁ ଅନ୍ଧକାରର କଳା ପରଦା ଉଠାଇ ଦେବା ପାଇଁ ଉପର ସଳିତା ଭଳି ନିଜକୁ ସେ ଜାଳିଦେଇ ଯାଇଥିଲେ । ତାଙ୍କ ଜୀବନର ଲକ୍ଷ୍ୟ ଥିଲା,

"ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ,
ଦେଶର ସ୍ୱରାଜ୍ୟ-ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ-ହାଡ଼ ।"





[ଉତ୍କଳମଣି ଗୋପବନ୍ଧୁ] [ଉତ୍କଳଗୌରବ ମଧୁସୂଦନ]



ସରୋଜିନୀ ନାଇଡୁ

୧୯୨୮ ମସିହା ଜୁନ୍ ୧୭ ତାରିଖରେ ପଞ୍ଚଭୂତ ଗଢ଼ା ତାଙ୍କ ଦେହ ଏ ଦେଶର ମାଟିରେ ମିଶିଗଲା। ତାଙ୍କ ମୃତ୍ୟୁର ଅନେକ ବର୍ଷ ପରେ ଭାରତ ଛଟରେ ଦେଶରେ ଗାନ୍ଧି ଆସି, ସବୁ ହୃଦୟ ହୋଇଗଲେ। ୧୯୪୭ ଅଗଷ୍ଟ ୧୫ ତାରିଖରେ ଦେଶ ଯେଉଁ ସ୍ୱାଧୀନତାର ସ୍ୱପ୍ନ ଦେଖୁଥିଲା, ତାହା ଆସି ମିଳିଲା।

ତ୍ୟାଗୀ ଗୋପବନ୍ଧୁ

ଗୋପବନ୍ଧୁଙ୍କ ଜୀବନ ଯାପନ ପ୍ରଣାଳୀ ଅତି ସରଳ। ସେ ଖୁବ୍ କମ୍ ଦାମ ଜାମିକ ପିନ୍ଧୁଥିଲେ। ଖଦଡ଼ ଧୋତି, ଚଦର ତାଙ୍କ ଦେହରେ ସବୁଦିନିଆ ପୋଷାକ ଥିଲା। ସେ ଥିଲେ ଭାରତବର୍ଷର ପ୍ରକୃତ ସନ୍ତ। 'ତ୍ୟାଗ ଆଦର୍ଶ' ବୋଲି ତାଙ୍କୁ ସମସ୍ତେ ଜାଣୁଥିଲେ।

ମଣିଷମାନଙ୍କୁ ନେଇ ତାଙ୍କର ଅନେକ ଚିନ୍ତା। 'ସତ୍ୟବାଦୀ ବନ' ଓ 'ସମାଜ' ପତ୍ରିକାକୁ ଦେଶବାସୀଙ୍କ ପାଇଁ ଲୋକମତର ସ୍ତମ୍ଭରେ ଶକ୍ତିଶାଳୀ କରିବାକୁ ଚାହୁଁଥିଲେ। ଆଜି ଯେଉଁ ଓଡ଼ିଆ 'ସମାଜ' ଦୈନିକ ଦେଖାଯାଉଛି, ସେ ତାଙ୍କର ଦାନ। ସେ ନିଜର ଜୀବନଧାରା ପୂର୍ଣ୍ଣ ଦେଇ ଏ ଦେଶ ଓ ଜାତିକୁ ଉଠାଇବାକୁ ଚେଷ୍ଟା କରୁଥିଲେ। ସେଥିପାଇଁ ଆଜି ପୂଜା ଲୋକେ ତାଙ୍କୁ ଭକ୍ତି କରୁଛନ୍ତି। ତାଙ୍କର ଆଦର୍ଶ, ତ୍ୟାଗ, ଦେଶସେବା ଏ ଦେଶର ଲୋକଙ୍କ ମନରେ ପ୍ରେରଣା ସୃଷ୍ଟି କରୁଛି।

କୋଟିଏ ଭିତରେ ଗୋଟିଏ

ଆଜିଠାରୁ [illegible] [illegible] [illegible] [illegible] [illegible] [illegible] [illegible] ପଢ଼ୁଥିଲି, [illegible] ମୋତେ ପଢ଼ାଉଥିଲେ, [illegible] [illegible] । ସେ ଅନେକ ଦିନ ତଳର କଥା । ବର୍ଷ [illegible] ଜଟିଳ [illegible] [illegible] [illegible] [illegible] ଆସି [illegible] [illegible] [illegible] [illegible] ଉଠାଇଥିଲେ । [illegible] ଥିଲା ଯେ କୋଟିଏ [illegible] ଲେଖିବା [illegible] ! ତାଙ୍କ କବିତା ବୁଝା [illegible] [illegible] [illegible] ଗୋଟିଏ [illegible] [illegible] [illegible] [illegible] [illegible] ବୁଝାଇଦେବାକୁ, କବିତାଟିର ଅର୍ଥ ଠିକ୍ ଜାଣି ନାହିଁ । [illegible] [illegible] [illegible] [illegible] ହୋଇଗଲେ । ଶିକ୍ଷକଙ୍କ ମୁହଁ [illegible] । [illegible] । [illegible] [illegible] ବନ୍ଧୁମାନେ [illegible] ତାଙ୍କ [illegible] [illegible] [illegible] [illegible] [illegible] [illegible] [illegible] । [illegible] [illegible] [illegible] [illegible] [illegible] [illegible] । ତାଙ୍କୁ [illegible] [illegible] [illegible] [illegible] [illegible] !

[illegible] କିନ୍ତୁ [illegible] [illegible] ନୁହେଁ । [illegible] [illegible] [illegible] [illegible] [illegible] ଶିକ୍ଷାବିଧାନରେ ଥାଏ । [illegible] [illegible] [illegible] । ତାଙ୍କୁ [illegible] [illegible] । କିନ୍ତୁ [illegible] [illegible] [illegible] ବନ୍ଧୁବର୍ଗଙ୍କ [illegible] ଦେଖିଲା । [illegible] କଥା [illegible] [illegible] । [illegible] କବିତାକୁ ଶିକ୍ଷକ ଯାହା ବୁଝାଇଥିଲେ ତା [illegible] [illegible] [illegible] [illegible] ବୁଝିଛନ୍ତି ତା [illegible] ଛାତ୍ରଙ୍କୁ ବୁଝାଇଦେଲି । [illegible] [illegible] [illegible] ଠିକ୍ କହୁଛି । ଶିକ୍ଷକ [illegible] [illegible] [illegible] [illegible] । [illegible] [illegible] [illegible] [illegible] ଛାଡ଼ିବା ବ୍ୟବସ୍ଥା କରିଦେଲେ ।

ପିଲାଦିନ

ଯେଉଁ ମିଲାଟିର ଇଂରେଜ ଜନ ମିଲାନ୍‌ଙ୍କୁ ଏତେ ପ୍ରକର, ମତ ନହିବାର ସାହସ ଏବେ ଥିଲା, ସେ ସେହିଭଳି ଆମର ଦେଶର ମଧୁବାବୁ । ତାଙ୍କ ପୂରା ନାମ ମଧୁସୂଦନ ଦାସ । କଟକ ଜିଲା ସତ୍ୟଭାମାପୁର ଗ୍ରାମରେ ତାଙ୍କର ଜନ୍ମ । ତାଙ୍କର ଜନ୍ମ ତାରିଖ ଇଂରାଜୀ ୧୮୪୮ ମସିହା ଅପ୍ରେଲ ମାସ ୨୮ ତାରିଖ । ତାଙ୍କ ବାପାଙ୍କ ନାମ ରଘୁନାଥ ଦାସ ।

ପିଲାଦିନୁ ମଧୁସୂଦନ ଖୁବ ଦୃଷ୍ଟ, କିନ୍ତୁ ତାଙ୍କର ଦୁଷ୍ଟାମି ଯେତିକି ଥିଲା ତାଠାରୁ ବେଶୀ ଥିଲା ବୁଦ୍ଧିର ପ୍ରଖରତା । ସେଥିପାଇଁ ଗ୍ରାମ ପାଠଶାଳାର ଅବଧାନଙ୍କଠାରୁ ଆରମ୍ଭ କରି ସ୍କୁଲ, କଲେଜର ଶିକ୍ଷକ, ଅଧ୍ୟାପକମାନେ ତାଙ୍କୁ ସ୍ନେହ କରୁଥିଲେ ।

ପାଠପଢ଼ା

ସେ ୧୮୬୪ ମସିହାରେ ଏଣ୍ଟ୍ରାନ୍ସ ପରୀକ୍ଷାରେ ପାସ କରିଥିଲେ । କିନ୍ତୁ ଯାହାକୁ ପୁଣି କଲେଜରେ ପଢ଼ିବା ସୁବିଧା ତାଙ୍କର ହେବାର ପାଇଁ ନ ଥିଲା । ଆଜିକାଲି ଭଳି ସେତେବେଳେ ଓଡ଼ିଶାରେ କଲେଜ ନ ଥିଲା । କଲେଜରେ ପଢ଼ିବାକୁ ହେଲେ କଲିକତା ଯିବାକୁ ହେଉଥିଲା । ଲୋକମାନେ କଲିକତାକୁ ଜାହାଜରେ କିମ୍ବା ସଡ଼କରେ ଚାଲି ଚାଲି ଯାଉଥିଲେ । ମଧୁସୂଦନଙ୍କ ବାପା ତାଙ୍କୁ ଏତେଦୂର ପଠାଇବା ପାଇଁ ରାଜି ହୋଇ ନ ଥିଲେ ।

ତେଣୁ ଏଣ୍ଟ୍ରାନ୍ସ ପାସ୍ କଲାପରେ ମଧୁସୂଦନଙ୍କୁ ବାଲେଶ୍ୱରଠାରେ ଚାକିରି କରିବାକୁ ହୋଇଥିଲା । ଏଣେ ସେ ଚାନ୍ଦବାଲିରୁ ଷ୍ଟିମରରେ ବସି କଲିକତା ଚାଲିଗଲେ । କଲିକତାରେ

ରହି ବି.ଏ., ଏମ୍.ଏ. ଓ ପରେ ଓକିଲାତି ପାସ୍ କଲେ । ପାଠ ପଢ଼ିଲାବେଳେ ମଧୁସୂଦନ କଲିକତାରେ ଗୋଟିଏ ଜୈନ ବିଦ୍ୟାଳୟ ବସାଇଥିଲେ ଏବଂ ନିଜେ ଶିକ୍ଷା ଦେଉଥିଲେ ।

କଲିକତାରେ ପାଠ ପଢ଼ିବାକୁ ତାଙ୍କୁ ବହୁତ କଷ୍ଟ ସହିବାକୁ ପଡ଼ିଥିଲା । ଖ୍ରୀଷ୍ଟିୟାନ୍ ମିଶନ୍‌ଠାରୁ ମାସିକ ଆଠଟଙ୍କା ସାହାଯ୍ୟ ନେଇ ସେ ପାଠ ପଢୁଥିଲେ । ଏ ଟଙ୍କା ତାଙ୍କ ପାଇଁ ଯଥେଷ୍ଟ ହେଉ ନ ଥିଲା ।

ଏହି କଲିକତାରେ ତାଙ୍କ ମନ ଖ୍ରୀଷ୍ଟିୟାନ୍ ଧର୍ମ ଆଡ଼କୁ ଢଳିଥିଲା । ସେ ନିଜେ ଏହି ଧର୍ମ ଗ୍ରହଣ କରିଥିଲେ । ବାପ, ମା ତାଙ୍କ ନାମ ଦେଇଥିଲେ ଗୋପାଳ ବଲ୍ଲଭ ଦାସ । କିନ୍ତୁ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କଲାପରେ ସେ ନିଜ ନାମ ବଦଳାଇ ମଧୁସୂଦନ ଦାସ ବୋଲି ରଖିଥିଲେ । ସେହି ନାମରେ ପରବର୍ତ୍ତୀ କାଳରେ ସେ ଲୋକମାନଙ୍କ ମାଝରେ ସମ୍ମାନ ଜିଣିଥିଲେ ।

ସବୁ ବିଷୟରେ ପାରଙ୍ଗମ

ଓକିଲାତି ପାସ୍ କରିବା ପରେ କଲିକତା ଶ୍ରୀରାମପୁର କଲେଜରେ ମଧୁସୂଦନ ଅଧ୍ୟାପକ ହେଲେ । କଲେଜର ଅଧ୍ୟକ୍ଷ ମଧୁସୂଦନଙ୍କୁ ପଚାରିଲେ, "ଆପଣ କେଉଁ ବିଷୟରେ ପଢ଼ାଇବେ ?"

ମଧୁସୂଦନ ଉତ୍ତର ଦେଲେ, "ଆପଣ ଯେଉଁ ବିଷୟରେ କହିବେ, ମୁଁ ସେ ବିଷୟରେ ପଢ଼ାଇ ପାରିବି ।"

ମଧୁସୂଦନଙ୍କୁ ପରୀକ୍ଷା କରିବା ପରେ ଜଣା ପଡ଼ିଲା ସେ ସବୁ ବିଷୟରେ ପାରଙ୍ଗମ । ତାଙ୍କର ଏପରି କୃତିତ୍ୱ ଦେଖି ସାର୍ ଆଶୁତୋଷ ତାଙ୍କୁ ୟୁନିଭର୍ସିଟିର ଫେଲୋ ରୂପେ ନିଯୁକ୍ତ କରିଥିଲେ ।

କଲିକତାରେ ଥିବାବେଳେ ସେ ଗୋଟିଏ ଗ୍ଲାଡ୍‌ଷ୍ଟୋନ୍ ବ୍ୟାଗକୁ ବ୍ୟବହାର କରୁଥିଲେ । ୧୮୭୮ ମସିହାରେ କିନ୍ତୁ ତାଙ୍କର ସ୍ତ୍ରୀ-ବିୟୋଗ ଘଟିଲା । ସେ ଆଉ ତା'ପରେ ବିବାହ କଲେ ନାହିଁ । ୧୮୮୦ ମସିହାରେ କଲିକତାରେ ଓକିଲାତି ଗ୍ରହଣ ସେ ଓଡ଼ିଶା ଫେରି ଆସିଥିଲେ ।

ଓକିଲାତି କରି ସେ ବହୁତ ପଇସା ରୋଜଗାର କରିଥିଲେ; କିନ୍ତୁ ସେ ସବୁ ପଇସା ଦେଶର ଶିଳ୍ପ ଉନ୍ନୟନ ଏବଂ ଅନ୍ୟାନ୍ୟ ହିତରେ ଖର୍ଚ୍ଚ କରି ଦେଇଥିଲେ । ଓକିଲାତି କଲାବେଳେ ଗରିବ ଲୋକଙ୍କ ପକ୍ଷ ନେଇ ସେ ମୋକଦ୍ଦମା ଚଳାଉଥିଲେ ।

ଗରିବ ଲୋକଙ୍କ ସାହା ଭରସା

ଥରେ ପୁରୀ ମହନ୍ତ ଗୋଟିଏ ଗରିବ ଲୋକ ବିରୁଦ୍ଧରେ ମୋକଦ୍ଦମା କରୁଥାନ୍ତି । ଗରିବ ଲୋକଟି ସେପରି ଓକିଲ ନ ପାଇ ମୋକଦ୍ଦମା ଚଳାଇ ନ ପାରିବ ସେଥିପାଇଁ ମହନ୍ତ ମହାଶୟ କଟକର ସବୁ ବଡ଼ ବଡ଼ ଓକିଲଙ୍କୁ ଟଙ୍କା ଦେଇ ହାତ କରି ନେଇଥାନ୍ତି । ସେତେବେଳେ ଓକିଲଙ୍କ ସଂଖ୍ୟା ଅତି କମ୍ । ମହନ୍ତ ପ୍ରତ୍ୟେକ ଓକିଲଙ୍କୁ ଦଶ ଟଙ୍କା ଲେଖାଏଁ ଦେଇ ସେମାନେ ଆଉ ଗରିବ ଲୋକଟି ପାଇଁ ମୋକଦ୍ଦମା ଲଢ଼ିବେ ନାହିଁ ବୋଲି ଲେଖାଇ ନେଇଥାନ୍ତି । ଅନ୍ୟ ଓକିଲମାନଙ୍କଠାରୁ ଲେଖାଇନେବା ପରେ ସେ ଆସି ମଧୁବାବୁଙ୍କ ପାଖରେ ପହଞ୍ଚିଲେ ।

ମଧୁବାବୁ ପଚାରିଲେ "ଆପଣ କେତେ ଜଣ ଓକିଲଙ୍କଠାରୁ ଏମିତି ଦସ୍ତଖତ ଆଣିଲେଣି ?"

ମହନ୍ତ କହିଲେ, "ଏତେ ଜଣ ବଡ଼ ଓକିଲ ମୋ ଲୋକ ସପକ୍ଷରେ ଲଢ଼ିବେ ନାହିଁ ବୋଲି କହିଦେଲେଣି ।"

ମଧୁବାବୁ ହସି ହସି କହିଲେ, "ତାହାହେଲେ ଏକା ବାକି ଜଣେ ମୁଁ ମୋ ଗାଡ଼ିର ଲୋକଙ୍କ ପାଇଁ ଲଢ଼ିବାକୁ ଅଛି । ତେବେ ଆପଣଙ୍କ ଏହା ଦେଖା ଯୋଗାଇ ଦିଅନ୍ତୁ ।"

ପ୍ରକୃତ ପକ୍ଷେ ମହାନ୍ତଙ୍କ ଟଙ୍କା ଯୋଗୁଁ ଏହି ମାମଲାରେ ସେ ଉଚିତ ନ୍ୟାୟ ପାଇଁ ମଧୁବାବୁ ମୋକଦ୍ଦମା ଚଳାଇଲେ । ସେ ମୋକଦ୍ଦମାରେ ସେ ନ୍ୟାୟ ମଧ୍ୟ ମିଳିଲା । ମଧୁବାବୁଙ୍କ ନାମ ଚାରିଆଡ଼େ ବ୍ୟାପିଗଲା ।

ସ୍ୱତନ୍ତ୍ର ପ୍ରଦେଶ ପାଇଁ ଲଢ଼େଇ

ମଧୁବାବୁଙ୍କ ସମୟରେ ଓଡ଼ିଶା ଭିନ୍ନ, ଭିନ୍ନ ଅଞ୍ଚଳରେ ମିଶିକରି ଥିଲା । ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରିବା ପାଇଁ ମଧୁବାବୁ ଲଢ଼େଇ କରୁଥିଲେ । ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବିଚ୍ଛିନ୍ନ ହୋଇ ପଡ଼ିଥିଲା । 'ଉତ୍କଳ ସମ୍ମିଳନୀ' ନାମକ ଏକ ଅନୁଷ୍ଠାନ ଜରିଆରେ ଏହି ବିଚ୍ଛିନ୍ନ ଅଞ୍ଚଳକୁ ଯୋଡ଼ି କରି ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ମଧୁବାବୁ ଲଢ଼େଇ କରୁଥିଲେ । 'ଉତ୍କଳ ସମ୍ମିଳନୀ'ର ସେ ପ୍ରାଣଦାତା ଥିଲେ । ଉତ୍କଳ ସମ୍ମିଳନୀର ଅନେକଗୁଡ଼ିଏ ଅଧିବେଶନ ବସାଇ ମଧୁବାବୁ ଲୋକମାନଙ୍କ ମଧ୍ୟରେ ଜାତୀୟ ଭାବ ସୃଷ୍ଟି କରୁଥିଲେ । ୧୯୩୬ ଏପ୍ରିଲ ପହିଲାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବା ପଛରେ ମଧୁବାବୁଙ୍କର ଅବଦାନ ଖୁବ୍ ବେଶୀ ।

ସେଥିପାଇଁ ସ୍ତ୍ରୀ ଲୋକଙ୍କ ପାଇଁ ମଧ୍ୟ ମଧୁସୂଦନ ନାନା ଚିନ୍ତା କରୁଥିଲେ। ତାଙ୍କର ଉଦ୍ୟମରେ ୧୮୯୭ ମସିହାରେ ଓଡ଼ିଶା ସ୍ତ୍ରୀକଳା କାରଖାନା ଓ ୧୯୦୩ ମସିହାରେ ଉତ୍କଳ ଟ୍ୟାନେରୀ ବସିଥିଲା।

ଟଙ୍କା ଯାଉ ମହତ ରହୁ

ଉତ୍କଳ ଟ୍ୟାନେରୀରେ ଯେଉଁ ଜୋତା ତିଆରି ହେଉଥିଲା, ସେ ଜୋତା ସେତେବେଳେ ଅନ୍ୟ ବିଦେଶରୁ ଆସୁଥିବା ଜୋତାଠାରୁ ଅଧିକ ସୁନ୍ଦର, ମଜବୁତ ହୁଏ, ସେଥିପ୍ରତି ମଧୁବାବୁ ନିଜେ ଦୃଷ୍ଟି ଦେଉଥିଲେ। କଟକସ୍ଥ ବହୁ ଲୋକ ଜୋତା କାରଖାନାକୁ ଯାଉଥିଲେ ଏବଂ କାରଖାନାରେ ଏପରି ଉନ୍ନତି ଦେଖିଲେ ତାଙ୍କୁ ସାଟେଁ ଯାଟେଁ ପୋଷାକ ଦେଉଥିଲେ। ଏହା ହେଲେ ତାଙ୍କର ଅନେକ ଆର୍ଥିକ କ୍ଷତି ହେଉଥିଲା। କିନ୍ତୁ ଟଙ୍କା ନଷ୍ଟ ହେଉ ପଛକେ, ଖରାପ ଜୋତା ବଜାରକୁ ଯାଇ ସେମାନଙ୍କ ଓଡ଼ିଶାର ଦୁର୍ନାମ ନ ହୁଏ, ସେଥିପ୍ରତି ମଧୁବାବୁ ସବୁବେଳେ ସଚେତନ ଥିଲେ। ଦେଶର ସୁନାମ ଆଗରେ ଟଙ୍କା ପଇସା ତାଙ୍କ ଆଖିରେ ତୁଚ୍ଛ ମନେ ହେଉଥିଲା। ଏଭଳି ଶିଳ୍ପ ଅନୁଷ୍ଠାନ ବସାଇବା ଦ୍ୱାରା ଦେଶର ଉନ୍ନତି ହେଉଥିଲା ଏବଂ ଓଡ଼ିଶା ଲୋକେ ଅନ୍ୟ ଦେଶରେ ମୂଲ ଲାଗି ନ ଯାଇ ନିଜ ଦେଶରେ କାମ ପାଉଥିଲେ। ଏଥିପାଇଁ କିନ୍ତୁ ମଧୁବାବୁଙ୍କୁ ବହୁ ଆର୍ଥିକ କ୍ଷତି ସହିବାକୁ ହେଉଥିଲା। ଏହି ଉତ୍କଳ ଟ୍ୟାନେରୀର ସୁନାମ ଦେଶ ଦେଶାନ୍ତରରେ ବ୍ୟାପି ଯାଇଥିଲା।

ଆଇନ ସଭା ଭିତରେ

ନିଜ ଯୋଗ୍ୟତା ବଳରେ ମଧୁସୂଦନ ୧୮୯୬ ମସିହାରୁ ୧୯୧୧ ମସିହାଯାଏ ବଙ୍ଗ ଆଇନ ସଭାରେ ଓଡ଼ିଶା ଜନତାଙ୍କ ପକ୍ଷ

ଥିଲେ । [illegible] ୧୯୧୧ ମସିହାରୁ ୧୯୨୩ ମସିହାଯାଏ ବିହାର ଓଡ଼ିଶା ବ୍ୟବସ୍ଥାପକ ସଭାର ସଦସ୍ୟ ହୋଇଥିଲେ । [illegible] ସ୍ୱାର୍ଥ-ବୁଦ୍ଧି [illegible] ଆଜି ସେ ସଭା ଆଗରେ ଉପସ୍ଥାପିତ କରୁଥିଲେ । [illegible] ଜୀବନରେ [illegible] ଦାବୀ [illegible] ପାଇଁ ଆନ୍ଦୋଳନ [illegible] ଆସୁଥିଲେ । ସେ [illegible] ଥିଲେ । ତାଙ୍କ [illegible] ଉଦ୍ଦିଷ୍ଟ ହୋଇ ଯାଉଥିଲା । [illegible] ସରକାରଙ୍କ ନିକଟରୁ [illegible] ଉତ୍ତରରେ [illegible] ନ ଥିଲା ।

ମନ୍ତ୍ରୀ ମଧୁସୂଦନ

[illegible] ମନ୍ତ୍ରୀ ପଦ ଗ୍ରହଣ କରିଥିଲେ । ମନ୍ତ୍ରୀ [illegible] । [illegible] କଥା କେବଳ [illegible] ସେ [illegible] ହୋଇଥିଲେ ।

କିନ୍ତୁ ମନ୍ତ୍ରୀ ଗାଦିରେ ସେ ବେଶୀ ଦିନ ତିଷ୍ଠି ପାରି ନ ଥିଲେ । କାରଣ, ସେ ଚାହୁଁଥିଲେ ଜନସାଧାରଣ ସରକାରୀ କର୍ମଚାରୀଙ୍କ ଭଳି [illegible] । [illegible] ଅନୁଚିତ । ତାଙ୍କ [illegible] ମନ୍ତ୍ରୀ ଆଉ ଜନସାଧାରଣ [illegible] କର୍ମଚାରୀଙ୍କ ମଧ୍ୟରେ କିଛି ପାର୍ଥକ୍ୟ ରହିବ ନାହିଁ । ସେଥିପାଇଁ [illegible] ସରକାରଙ୍କୁ ସେ ପ୍ରସ୍ତାବ ଦେଲେ । [illegible] ମତଭେଦ ଘଟିଲା । ଶେଷରେ ୧୯୨୩ ମସିହା [illegible] ଇସ୍ତଫା ଦେଇଦେଲେ ।

ଦେଶ ମାତୃମାଟିଙ୍କ ଦୁଃଖ ଦୁର୍ଦ୍ଦଶା ସମୟରେ ଅନେକ ଦୁଃଖ, କଷ୍ଟ ସହିବାକୁ ପଡ଼ିଥିଲା । ଉତ୍କଳ ସମ୍ମିଳନୀ ଗଢ଼ିଲେ । ଶିଳ୍ପ ବାଣିଜ୍ୟ ପାଇଁ ଦେଶ ବିଦେଶ ଯାଇ କରିଥିଲେ, ଦେଶର ମଙ୍ଗଳ ପାଇଁ ଜୀବନ ଉତ୍ସର୍ଗ କରିଦେଇଥିଲେ । ଦେଶବାସୀ ଲୋକେ ତାଙ୍କୁ ଦେବତା ପରି ଭକ୍ତି କରୁଥିଲେ ।

ମଧୁବାବୁଙ୍କୁ ଆମେମାନେ ଜଣେ ବାରିଷ୍ଟର ବୋଲି ଜାଣୁ । ମାତ୍ର ହାଇକୋର୍ଟରେ ସେ ଯେତେ ମକଦ୍ଦମା କରି ନ ଥିଲେ । ହାକିମ ହେବାକୁ ଯାଉଥିବା ଲୋକଙ୍କର ସାହସ ଥିଲା, ସେ ସେଠାରୁ ବାହାରିଯାଇ ଆସିଥିଲେ । କିନ୍ତୁ ବାରିଷ୍ଟର ନ ହେଲେ ବି ତାଙ୍କର ବୁଦ୍ଧି ଦକ୍ଷତା ବାରିଷ୍ଟରଙ୍କଠାରୁ ଅଧିକ ଥିଲା । ସେହି ବୁଦ୍ଧିକୁ ସେ ଜାତି ପ୍ରାଣ ପାଇଁ ନ ଲଗାଇ ଦେଶସେବା ଦିଗ ପାଇଁ ଲଗାଇଥିଲେ । ତାଙ୍କ ମୁଖରେ ଟିକିଏ ଗର୍ବ ନ ଥିଲେ ! ସେ ଯେବେ ଯାଉଥିଲେ ମଧ୍ୟ ସେଥିପାଇଁ ପିଲାମାନେ ଏପରି ଗୀତ ବୋଲନ୍ତି—

"ଜାଗ ଓଡ଼ିଆ ଭୋଗ୍ୟାଙ୍କରେ ଚଢ଼ିବ
ମଧୁବାବୁ ସାଙ୍ଗ ଲଢ଼ିବ ।"

ଉତ୍କଳମାତାର ଯୋଗ୍ୟ ପୁତ୍ରଙ୍କ ମଧ୍ୟରେ ମଧୁବାବୁ ଥିଲେ ଯୋଗ୍ୟ ମୁକୁଟ ମଣି ।

ଏ ଯୁଗର ମହାନ୍ ବିପ୍ଳବୀ

ଚୁଲି ଜଳୁଥାଏ । ପିଲାଟି ବସିଥାଏ ମାଆଙ୍କ ପାଖରେ । ଚୁଲି ଜାଳିଦେବା ପରେ ମାଆ ଚୁଲି ଭିତରକୁ ଡାଳ ମୁହାଇଁଦେଲା ବେଳକୁ ପୁଳାଏ କାଗଜ ପିଲାଟି ନେଇ ଚୁଲି ଭିତରେ ମୁହାଇଁ ଦେଲା । ଚୁଲି ହୁଳୁ ହୁଳୁ ହୋଇ ଜଳି ଉଠିଲା । ମା ପଚାରିଲେ, "ବାବୁଆ, ତୁ ଏ କଅଣ କରୁଛୁ ?"

ପିଲାଟି ସାଙ୍ଗେ ସାଙ୍ଗେ ଉତ୍ତର ଦେଲା, "ସାର୍ଟିଫିକେଟ୍‌ଗୁଡ଼ାକ ପୋଡ଼ିଦେଉଛି ।"

ମା ବଡ଼ ବ୍ୟସ୍ତ ହୋଇ ପଡ଼ିଲେ । ସ୍କୁଲ, କଲେଜରେ ଏତେ କଷ୍ଟରେ ପଢ଼ି, ପାସ୍ କରି ଯେଉଁ ସାର୍ଟିଫିକେଟ୍ ମିଳିଲା, ତାକୁ ସିନା ପିଲାଏ ସାଇତି ରଖନ୍ତି ! ଏ ତାକୁ ପିଲାଟି ପୋଡ଼ିଦେଉଛି କଅଣ ?

ସେ ବିରକ୍ତ ହୋଇ କହିଲେ, "ଏ ସାର୍ଟିଫିକେଟ୍‌ଗୁଡ଼ାକ ତ ଭବିଷ୍ୟତକୁ ଦରକାରରେ ଆସିଥାଆନ୍ତା । ତାକୁ ପୋଡ଼ିଦେଲୁ କାହିଁକି ?"

ପିଲାଟି ବିଚଳିତ ନ ହୋଇ ଉତ୍ତର ଦେଲା, "ଏ ସାର୍ଟିଫିକେଟ ବାଟରେ ଯାଇ ଭବିଷ୍ୟତ ନ ଗଢ଼ିବାକୁ ମୁଁ ଠିକ୍ କରିଛି । ଏଗୁଡ଼ାକ ଘରେ ରହିଲେ ମିଛରେ ମୋହ, ଲୋଭ ବଢ଼ିବ ।"

ମାଆ ଆଉ କିଛି କହିଲେ ନାହିଁ । ପିଲାଟି ମୁହଁରେ ସନ୍ତୋଷର ହସ ଦେଖାଗଲା । ସତେ ଯେପରି ସେ ପରୀକ୍ଷାରେ ପାସ୍ କରିଥିବା ସାର୍ଟିଫିକେଟଗୁଡ଼ାକ ପୋଡ଼ିଦେଇ ଖୁବ୍ ଗୋଟାଏ ବଡ଼ ବୋଝ ନିଜ ମୁଣ୍ଡରୁ ଓହ୍ଲାଇ ଦେଇଛି !

ପରୀକ୍ଷାରେ ପାଶ୍ କରିଥିବା ସାର୍ଟିଫିକେଟ୍ ଭବିଷ୍ୟତରେ ଚାକିରି କରିବା ପାଇଁ ସାହାଯ୍ୟ କରେ । ପିଲାଟି କିନ୍ତୁ ପିଲାଦିନୁ ଏହି ଚାକିରି କରିବା ବାଟରେ ଯିବ ନାହିଁ ବୋଲି ସ୍ଥିର କରିଥିଲା । ସେ ପିଲାଟିର ନାଆଁ ହେଉଛି ଶ୍ରୀ ବିନାୟକ ନରହରି ଭାବେ । ମାଆ ସ୍ନେହରେ ତାଙ୍କୁ ବିନ୍ୟା ବୋଲି ଡାକୁଥିଲେ । ଲୋକେ ତାଙ୍କୁ ବିନୋବା ଭାବେ ବୋଲି ଜାଣନ୍ତି । ବିନୋବା ଭାବେ ନାଆଁଟି ଏବେ ଘରେ ଘରେ ଶୁଣାଯାଉଛି । ୭୦ ବର୍ଷ ତଳେ ତାଙ୍କୁ ବେଶୀ କେହି ଜାଣି ନ ଥିଲେ । ଭୂଦାନଯଜ୍ଞର ପୁରୋଧା ହିସାବରେ ବର୍ତ୍ତମାନ ସମସ୍ତେ ତାଙ୍କୁ ସମ୍ମାନ ଦେଖାଉଛନ୍ତି ।

ବାପା ଓ ମାଆଙ୍କ ପ୍ରଭାବ

ବମ୍ବେ ପ୍ରଦେଶରେ କଲ୍ଲେବା ବୋଲି ଗୋଟିଏ ଜିଲ୍ଲା । ସେହି ଜିଲ୍ଲାର ଗାଗୋଡ଼ ନାମକ ଏକ ଗ୍ରାମରେ ତାଙ୍କର ଘର । ୧୮୯୫ ମସିହା ସେପ୍ଟେମ୍ବର ମାସ ୧୧ ତାରିଖ ଦିନ ଗୋଟିଏ ମହାରାଷ୍ଟ୍ରୀୟ ବ୍ରାହ୍ମଣ ପରିବାରରେ ସେ ଜନ୍ମ ହୋଇଥିଲେ । ତାଙ୍କ ବାପା ନରହରି ଶମ୍ଭୁରାଓ ଭାବେ ଖୁବ ଧର୍ମପରାୟଣ ଲୋକ । ବାପାଙ୍କୁ ବଳି ତାଙ୍କ ମାଆଙ୍କର ମଧ୍ୟ ଧର୍ମରେ ଅଧିକ ମନ । ବୁଢ଼ୀଦିନେ ବି ସେ କୋହଲା ପାଗରେ ବଡ଼ ସକାଳୁ ଉଠି, ଗାଧୋଇ ଘରକାମରେ ଲାଗି ଯାଆନ୍ତି । କାମ କରୁଥିବା ବେଳେ ଗୁଣୁ ଗୁଣୁ ହୋଇ ଭଜନ ଗାଉ ଥାଆନ୍ତି । ଭଜନ ଗାଉ ଗାଉ ସେ ଏତେ ଭୋଳ ହୋଇଯାଆନ୍ତି ଯେ ତରକାରିରେ ୩।୪ ଥର ଲେଖାଏଁ ଲୁଣ ଦିନେ ଦିନେ ପକାଇ ଦିଅନ୍ତି । ମାଆଙ୍କର ଏଇ ଧର୍ମଭାବ ବିନୋବାଙ୍କ ମନକୁ ଖୁବ୍ ପିଲାଦିନୁ ଛୁଇଁଥିଲା । ମାଆଙ୍କ ଭଳି ଭବିଷ୍ୟତରେ ସେ ଧର୍ମପଥରେ ଚାଲିବେ ବୋଲି ମନେ ମନେ ଭାବୁଥିଲେ ।

[illegible] ନୈତିକତାରା ଶାସ୍ତ୍ରଜ୍ଞ ବାବୁଙ୍କ ପ୍ରଭାବ ମଧ୍ୟ ତାଙ୍କ ଜୀବନ [illegible] ଅନେକାଂଶରେ ପଡ଼ିଥିଲା । ଶାସ୍ତ୍ରଜ୍ଞ ବାବୁ [illegible] [illegible] [illegible] [illegible] । ସେଠାରେ ସେ [illegible] [illegible] [illegible] [illegible] ଉପରେ ତାଙ୍କର ଘର ଥିଲା । [illegible] [illegible] ଥିଲେ । ମଣ୍ଡପରେ ଭାଗବତ ପାଠ [illegible] [illegible] [illegible] [illegible] ଦର୍ଶନ କରୁଥିଲେ । [illegible] [illegible] । [illegible] ଜନୈକ ମୁସଲମାନ [illegible] [illegible] [illegible] । [illegible] ଭିତରେ [illegible] [illegible] । ଗୀତ ବୋଲିବା [illegible] ସେ ମୁସଲମାନ [illegible] [illegible] [illegible] । ଫଳରେ ହିନ୍ଦୁମାନେ ଉତ୍ତ୍ୟକ୍ତ ହୋଇ [illegible] । [illegible] [illegible] ଶାନ୍ତିର [illegible] । [illegible] ଏହି ମନୋଭାବ [illegible] ମନ ଉପରେ [illegible] ପ୍ରଭାବ ପକାଇଥିଲା । ସେ ହିନ୍ଦୁ ମୁସଲମାନ ଭେଦଭାବ [illegible] । ସେ [illegible] [illegible] ପ୍ରବଳ [illegible] ।

ଛୁଟି [illegible] କରିବା [illegible] [illegible] ଥିଲେ । ଧର୍ମଭାବ ତାଙ୍କ ମନରୁ ପିଲାବେଳେ ଆରମ୍ଭ କରିଥିଲା । ସେ କେତେବେଳେ ଏତେ ଭାବବିହ୍ୱଳ ହେଉଥିଲେ, ଯେ [illegible] ନ [illegible] ଖାଇବା ଥାଳି [illegible] [illegible] । [illegible] ଲୁଣିଆ ହେଲା କି [illegible] [illegible] ତାଙ୍କର [illegible] ନ ଥିଲା ।

ଶିକ୍ଷା ଗ୍ରହଣ

୧୯୦୭ ମସିହାରେ [illegible] [illegible] ତାଙ୍କ ନାମ ଲେଖା ହେଲା [illegible] [illegible] [illegible] । [illegible] [illegible]

ଅନ୍ୟ ଲୋକେ ଯେଉଁ ପ୍ରଶ୍ନର ଉତ୍ତର ଦେବାକୁ କୁଣ୍ଠାବୋଧ କରୁଥିଲେ ପିଲାଟି ସେ ସବୁ ପ୍ରଶ୍ନର ଉତ୍ତର ଦେଇ ଆସୁଥିଲେ । କଠିନ ପ୍ରଶ୍ନମାନ ତାଙ୍କଠୁଁ ବୁଝିବା ପାଇଁ ପିଲାମାନେ ସୁଯୋଗ ଖୋଜି ତାଙ୍କ ପାଖରେ ଭିଡ଼ ଲଗାନ୍ତି । ଅନ୍ୟ ବ୍ୟକ୍ତିଙ୍କ ସେବାରେ ମଧ୍ୟ ତାଙ୍କର ଖୁବ ଆନନ୍ଦ । ଯେଉଁଦିନ ସେ କାହାରିକୁ ଅଙ୍କ ନ ବୁଝାଇଥାନ୍ତି, ସେ ଦିନ ପେଟ-ଭରି ଖାଇଥିଲେ ମଧ୍ୟ ପେଟ ଭରି ନ ଥିଲା ଭଳି ତାଙ୍କୁ ଜଣାପଡ଼େ ।

ତାଙ୍କର ବୁଦ୍ଧି ଓ ସ୍ମରଣ ଶକ୍ତି ଅତି ପ୍ରବଳ । ଏପରି ଶାସ୍ତ୍ରଗ୍ରନ୍ଥରେ ତାଙ୍କର ଅସାଧାରଣ ଜ୍ଞାନ । ତାଙ୍କ ସାହିତ୍ୟ ଯେତେ ଯେଉଁ ପରୀକ୍ଷକମାନେ ଦେଖନ୍ତି, ତାଙ୍କର ମୌଳିକ ପ୍ରତିଭା ଦ୍ୱାରା ସେ ସେଉଁମାନେ ବିନୋବାଙ୍କ ଉତ୍ତରକୁ ଶହେ ନମ୍ବର ଦେଇଦେବେ ! କେବଳ ମରାଠି ଭାଷା ନୁହେଁ, ଅନେକ ବଙ୍ଗଳା, ଗୁଜରାଟୀ ଭାଷାରେ ତାଙ୍କର ଦଖଲ ଅଛି । ସେ ଦେଶରେ ଭାଷା ଶିଖନ୍ତି, ତାଙ୍କ ପରି ଆଜି ଅନେକ ଭାଷା ଜାଣିଥିବା ଲୋକ ଭାରତରେ କମ୍ କଣ ।

୧୯୧୩ ମସିହାରେ ସ୍କୁଲ ପାଠ ସାରି ୧୯୧୬ରେ ସେ ବରୋଦା କଲେଜରେ ନାମ ଲେଖାଇଲେ । କଲେଜରେ ପଢ଼ିଲାବେଳକୁ ଦେଶସେବା କରିବା ପାଇଁ ତାଙ୍କ ମନରେ ଇଚ୍ଛା ହେଲାଣି । ଜ୍ଞାନ ଅର୍ଜନ କରିବାରେ ମଧ୍ୟ ତାଙ୍କର ପ୍ରବଳ ଇଚ୍ଛା । ସେଥିପାଇଁ ତାଙ୍କ ସଙ୍ଗରେ କେତେଜଣ ସାଥୀ ମଧ୍ୟ ଜୁଟିଗଲେ । ସେହି ସାଥୀମାନଙ୍କୁ ନେଇ ସେ 'ବିଦ୍ୟାର୍ଥୀ ମଣ୍ଡଳ' ନାମରେ ଏକ ଅନୁଷ୍ଠାନ ଗଢ଼ିଲେ । ସେ ଅନୁଷ୍ଠାନରେ ନାନା ବିଷୟରେ ଆଲୋଚନା ହୁଏ । ସେ ଆଲୋଚନାରେ ସବୁଠୁଁ ବେଶି ବକ୍ତୃତା ଦିଅନ୍ତି ନିଜେ ବିନୋବା । ଏହି ଅନୁଷ୍ଠାନ ତରଫରୁ ଗୋଟିଏ ପାଠାଗାର ମଧ୍ୟ ଖୋଲାହେଲା । ମାଗିଯାଚି ୧୬.ଶହ ଭଲ ବହି ସେମାନେ ଏହି ପାଠାଗାରରେ

ରଖିଥିଲେ । ଏଥିରୁ ଜ୍ଞାନ ଅର୍ଜ୍ଜନ କରିବା ପାଇଁ ବିନୋବାଙ୍କର କେମିତି ପିପ୍‌ ଥିଲ ସହଜରେ ଜଣାପଡ଼ିବ ।

ହିମାଳୟରେ ତପସ୍ୟା କଥା ହେଲା ନାହିଁ

କିନ୍ତୁ କଲେଜରେ ବେଶୀ ଦିନ ପଢ଼ିବା ବିନୋବାଙ୍କ ପକ୍ଷରେ ସମ୍ଭବ ହେଲା ନାହିଁ । କଲେଜରେ ପୂରା ଦୁଇ ବର୍ଷ ପଢ଼ା ଶେଷ କରିବ ଆଗରୁ ମନେ ମନେ ସେ ଘର ଛାଡ଼ି ହିମାଳୟକୁ ତପସ୍ୟା କରିବାକୁ ଯିବା ସ୍ଥିର କଲେ । ସେ ହେଉଛି ୧୯୧୬ ମସିହା କଥା । ଆଇ, ଏ, ପରୀକ୍ଷା ଦେବା ପାଇଁ ସେ ବରୋଦାରୁ ବମ୍ବେ ଆସିଲେ । କିନ୍ତୁ ବମ୍ବେ ନ ଯାଇ ବାଟରୁ ମଝି ଷ୍ଟେସନରେ ଓହ୍ଲାଇ ସେ ବନାରସ ଚାଲିଗଲେ । ତାଙ୍କର ଇଚ୍ଛା ଥିଲା, ପ୍ରଥମେ ସଂସ୍କୃତରେ ବିଶେଷ ଜ୍ଞାନ ଅର୍ଜ୍ଜନ କରି ସାରିବା ପରେ ହିମାଳୟରେ ଯାଇ ତପସ୍ୟା କରିବେ । ସଂସ୍କୃତ ଜ୍ଞାନ ବଢ଼ାଇବା ପାଇଁ କାଶୀର ସେଣ୍ଟ୍ରାଲ ଲାଇବ୍ରେରୀରେ ବସି ସେ ଅନେକ ସଂସ୍କୃତ ଧର୍ମଗ୍ରନ୍ଥ ପଢ଼ିବାକୁ ଲାଗିଲେ । ପ୍ରାଣାୟାମ ଇତ୍ୟାଦି ଯୋଗ ମଧ୍ୟ ସାଧନ କଲେ । ମଝିରେ ମଝିରେ ସେ ହିମାଳୟ ଯାଇ ମଧ୍ୟ ବୁଲି ଦେଖି ଆସୁଥିଲେ ।

ବିନୋବା କାଶୀରେ ଥିବାବେଳେ ହିନ୍ଦୁବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ ଉତ୍ସବ ହେଲା । ଭାରତର ବହୁ ମାନ୍ୟ, ଗଣ୍ୟ ବ୍ୟକ୍ତି ଏହି ଉତ୍ସବରେ ଯୋଗ ଦେଇଥିଲେ । ସେଇ ବ୍ୟକ୍ତିମାନଙ୍କ ମଧ୍ୟରେ ମହାତ୍ମାଗାନ୍ଧି ମଧ୍ୟ ଥିଲେ । ମହାତ୍ମାଗାନ୍ଧିଙ୍କ ଭାଷଣ ସେଇ ସଭାରେ ଥାଇ ମନଦେଇ ବିନୋବା ଶୁଣିଲେ । ମହାତ୍ମାଗାନ୍ଧି ବିଦେଶୀ ଶାସକ ଆଉ ଦେଶୀ ଧନୀ ଲୋକମାନଙ୍କୁ ସମାଲୋଚନା କରି ଭାଷଣ ଦେଉଥିଲେ । ଗାନ୍ଧିଜୀଙ୍କର ପ୍ରତି କଥା ବିନୋବାଙ୍କର ମନକୁ ପାଇଲା । ଏହା ପରେ ସେ ମହାତ୍ମାଗାନ୍ଧିଙ୍କୁ ଅହମଦାବାଦଠାରେ

ହେଉଥିଲେ । ତାଙ୍କ ଆଶ୍ରମରେ ରହିଲେ । ହିମାଳୟକୁ ଯାଇ ତପସ୍ୟା କରିବା କଥା ମନଭିତରେ ରହିଗଲା । ଗାନ୍ଧିଜୀଙ୍କର ଗୋଟିଏ ଭାଷଣ ତାଙ୍କ ଜୀବନର ଗତିକୁ ସମ୍ପୂର୍ଣ୍ଣ ବଦଳାଇ ଦେଲା ।

ଗାନ୍ଧିଜୀଙ୍କ ପ୍ରଧାନ ଭକ୍ତ

ଆଶ୍ରମରେ ରହି ବିନୋବା ଗଠନାତ୍ମକ କାର୍ଯ୍ୟ କରୁଥିଲେ । ସୂତାକଟା ତାଙ୍କର ପ୍ରଧାନ କାମ ଥିଲା । 'ହରିଜନ' ପତ୍ରିକାରେ ଗାନ୍ଧିଜୀ ତାଙ୍କ ସମ୍ପର୍କରେ ଲେଖିଥିଲେ, "ସେ ଆଶ୍ରମରେ ରୋଷେଇ-ଠାରୁ ଆରମ୍ଭ କରି ପାଇଖାନା ସଫା ପର୍ଯ୍ୟନ୍ତ ସବୁ କାମରେ ଭାଗ ନେଇଛନ୍ତି । ତାଙ୍କ ହୃଦୟରେ ଛୁଆଁଛୁଇଁର ଗନ୍ଧ ବି ନାହିଁ ।"

ସେ ଦେଢ଼ ବର୍ଷ ସକାଶେ ଓ୍ୱାର୍ଦ୍ଧା ମହିଳାଶ୍ରମର ପରିଚାଳକ ଥିଲେ । ସେବା ତାଙ୍କ ଜୀବନର ପ୍ରଧାନ ଲକ୍ଷ୍ୟ ।

ଅନ୍ୟାୟ, କୁସଂସ୍କାରର ପ୍ରତିରୋଧ କରି ବିନୋବା ଅନେକ ଥର ଜେଲ୍ ଯାଇଛନ୍ତି । ୧୯୨୩ ମସିହାରେ ନାଗପୁରରେ ସରଣୀରୁ ଜାତୀୟ ପତାକା ଉଡ଼ାଇବା ଅପରାଧରେ ସେ ପ୍ରଥମେ ଜେଲ୍ ଯାଇଥିଲେ । ତା'ପରେ କେରଳ ରାଜ୍ୟରେ ମନ୍ଦିରମାନଙ୍କରେ ହରିଜନମାନଙ୍କୁ ପୂରାଇବା ଚେଷ୍ଟା କରି ସେ ଦ୍ୱିତୀୟ ଥର ଜେଲ୍ ଗଲେ । ତୃତୀୟ ଥର ୧୯୩୨ ମସିହାରେ ଲୁଣମରା ଆନ୍ଦୋଳନରେ ତାଙ୍କୁ ଗିରଫ୍ କରାଯାଇଥିଲା ।

ମହାତ୍ମାଗାନ୍ଧି ଯେଉଁ ବ୍ୟକ୍ତିଗତ ସତ୍ୟାଗ୍ରହ ଆନ୍ଦୋଳନ ଚଳାଇ-ଥିଲେ ତାର ପ୍ରଥମ ସତ୍ୟାଗ୍ରହୀ ରୂପେ ବିନୋବାଙ୍କୁ ବଛା ଯାଇଥିଲା । ସେଥର ମଧ୍ୟ ସେ ଜେଲ୍ ଗଲେ । କିନ୍ତୁ ଏହି ଜେଲ୍ ଯିବା ପରେ ତାଙ୍କର ସମ୍ମାନ ଚାରିଆଡ଼େ ବ୍ୟାପିଗଲା ।

ଜେଲ୍‌ରେ ସେ ବରାବର 'ଗୀତା' ପାଠ କରୁଥିଲେ ଏବଂ ଏହି ଗୀତାର ମାହାତ୍ମ୍ୟ ଜେଲ୍‌ରେ ଥିବା ଅନ୍ୟାନ୍ୟ ସାଙ୍ଗମାନଙ୍କୁ ବୁଝାଉଥିଲେ । ଜେଲ୍‌ରେ କଟକଣା ଥିଲା ଯେ ଜେଲ୍‌ରେ ଥିବା ଲୋକମାନେ କେବଳ ନିଜ ଆତ୍ମୀୟ ସ୍ୱଜନମାନଙ୍କୁ ଚିଠି ଲେଖିପାରିବେ । ବିନୋବା ମହାତ୍ମାଗାନ୍ଧୀଙ୍କୁ କେବଳ ଚିଠି ଲେଖୁଥିଲେ । ଗାନ୍ଧୀ ଥିଲେ ତାଙ୍କର ଅତି ଆପଣାର । କିନ୍ତୁ ଗାନ୍ଧୀଜୀଙ୍କୁ କେହି ଜେଲ୍‌ରୁ ଚିଠି ଲେଖି ପାରିବେ ନାହିଁ ବୋଲି ସରକାର କଟକଣା କରିଦେବାରୁ ବିନୋବା ଚିଠି ଲେଖା ସମ୍ପୂର୍ଣ୍ଣ ବନ୍ଦ କରିଦେଲେ ।

୧୯୪୨ ମସିହାରେ ଇଂରେଜମାନଙ୍କୁ ଏ ଦେଶରୁ ତଡ଼ିବା ପାଇଁ ଯେତେବେଳେ ଗୁଣ୍ଡାଆଡ଼େ ଆନ୍ଦୋଳନ ଚାଲିଲା, ସେଥିରେ ବିନୋବା ମଧ୍ୟ ଭାଗ ନେଲେ । ତେଣୁ ମହାତ୍ମାଗାନ୍ଧି ପ୍ରମୁଖ ବଡ଼ ବଡ଼ ନେତାମାନଙ୍କ ସହ ତାଙ୍କୁ ମଧ୍ୟ ଜେଲ୍ ଭୋଗିବାକୁ ହେଲା । ତାଙ୍କ ସାଥିରେ ଆଶ୍ରମର ଅନ୍ୟାନ୍ୟ କର୍ମୀମାନେ ମଧ୍ୟ ଗିରଫ ହେଲେ ।

୧୯୪୫ ମସିହାରେ ବିନୋବା ଜେଲ୍‌ରୁ ଖଲାସ ହେଲେ । ୧୯୪୭ ଅଗଷ୍ଟ ପନ୍ଦରରେ ଭାରତ ସ୍ୱାଧୀନତା ପାଇଲା । ବିନୋବା ଗାନ୍ଧୀଜୀଙ୍କର ଅତି ନିକଟତମ ଲୋକ । ଦେଶ ଶାସନ କରିବା ପାଇଁ ବିନୋବାଙ୍କର ଯଥେଷ୍ଟ ଯୋଗ୍ୟତା ଥିଲା । ଇଚ୍ଛା କରିଥିଲେ ସେ ମଧ୍ୟ ଦେଶର ଶାସନ ପରିଚାଳନାରେ ଗୋଟାଏ ବଡ଼ ପାହାଆ ପାଇଥାନ୍ତେ ଏବଂ ଚାରିଆଡ଼େ ତାଙ୍କ ନାମ ବ୍ୟାପି ଯାଇଥାନ୍ତା । କିନ୍ତୁ କ୍ଷମତାର ମୋହ, ନାମ କମାଇବାର ଲାଳସା ତାଙ୍କର ମୂଳରୁ ନ ଥିଲା । ସେଥିପାଇଁ ଦେଶର ସ୍ୱାଧୀନତା ପ୍ରାପ୍ତି ପରେ ମନ୍ତ୍ରୀ କମ୍ବା ଲାଟ ନ ହୋଇ ଆଶ୍ରମରେ କୁଡ଼ିଆ ଭିତରେ ଜୀବନ କଟାଇବାକୁ ସେ ସ୍ଥିର କଲେ ।

୧୯୪୫ ମସିହାରେ ତାଙ୍କ ପୌନାର ଆଶ୍ରମଠାରୁ ୩ ମାଇଲ ଦୂରରେ ଥିବା ସୁରଗାଓଁ ଗାଁରେ ସେ ପ୍ରତିଦିନ ସଫାଇ କାମ କରୁଥିଲେ । ଏ କାମ ମେହେନ୍ତର କରିବା କଥା । କିନ୍ତୁ ବିନୋବା ଭାବୁଥିଲେ ଏ କାମ ସାଧାରଣ ଲୋକେ କଲେ ଏ କାମକୁ କେହି କରିବାକୁ ଅସୁଖ ପାଇବେ ନାହିଁ । ମେହେନ୍ତରମାନଙ୍କୁ ଆଉ ଘୃଣା କରିବେ ନାହିଁ

ଗାନ୍ଧିଜୀଙ୍କ ପରେ ଦେଶସେବା ପାଇଁ ଚିନ୍ତା

ଗାନ୍ଧିଜୀଙ୍କ ବଞ୍ଚିଥିବାଯାଏ ବିନୋବାଙ୍କୁ ବାହାର କଥାରେ ମୁଣ୍ଡ ଖେଳେଇବାକୁ ପଡ଼ି ନ ଥିଲା । କିନ୍ତୁ ଗାନ୍ଧିଜୀ ମରିଗଲା ପରେ ତାଙ୍କ ଅସମ୍ପୂର୍ଣ୍ଣ କାମ ସମ୍ପୂର୍ଣ୍ଣ କରିବା ଦାୟିତ୍ୱ ପଡ଼ିଲା ବିନୋବାଙ୍କ ଉପରେ । ଗାନ୍ଧିଜୀ ଜାଣିଥିଲେ କେବଳ ଇଂରେଜ ସରକାରଙ୍କଠାରୁ ଶାସନ ଛଡ଼ାଇ ଆଣିଲେ ଦେଶର ଉନ୍ନତି ହୋଇଯିବ ନାହିଁ । ଗଠନମୂଳକ, ରଚନାତ୍ମକ କାମ ଦ୍ୱାରା ଦେଶକୁ ତଳୁ ଉପରକୁ ଉଠାଇବାକୁ ପଡ଼ିବ । ଆଇନ କରିଦେଲେ କାମ ହୋଇଯିବ ନାହିଁ । ଲୋକଙ୍କ ହୃଦୟ ପରିବର୍ତ୍ତନ ଦ୍ୱାରା ଯାଇ କାମ ହେବ । ସେଥିପାଇଁ ସେ ନିଜେ ଶାସନ ପରିଚାଳନା ଦାୟିତ୍ୱରୁ ଅଲଗା ରହି ଏହି କାମ କରିବାକୁ ସ୍ଥିର କରିଥିଲେ । କିନ୍ତୁ ଏ କାମକୁ ପୂରା କରିବା ଆଗରୁ ୧୯୩ ଜାନୁୟାରୀ ୩୦ ତାରିଖ ଦିନ ତାଙ୍କର ମୃତ୍ୟୁ ହୋଇଗଲା ।

ଗାନ୍ଧିଜୀ ଯାହା କହୁଥିଲେ, ସେକଥା ପ୍ରତି ଅନ୍ୟ କେହି ବିଶେଷ ଦୃଷ୍ଟି ନ ଦେଉଥିବା ଦେଖି ବିନୋବା ଏଥିପାଇଁ ଅଣ୍ଟା ଭିଡ଼ିଲେ । ସେ କହିଲେ, "ଯଦି ଗାନ୍ଧିଜୀ ଥାଆନ୍ତେ, ମୁଁ ଆପଣଙ୍କ ଆଗକୁ ଆସି ନ ଥାନ୍ତି । ମୁଁ ତ ତାଙ୍କର ଚାକର, ସେବକ । ସେ ତମୋତେ

ସେଉଁ କାମ ଦେଉଥିଲେ, ମୁଁ କରୁଥିଲି । କାରଣ ସେ ମାଲିକ ଥିଲେ ତାଙ୍କ ଇଚ୍ଛା ଅନୁସାରେ ଚାଲିବାହିଁ ଆମର କାମ ଥିଲା ।”

ଏକ ସର୍ବୋଦୟ ସମାଜ ଗଠନ କରିବା ଗାନ୍ଧିଜୀଙ୍କର ଲକ୍ଷ୍ୟ ଥିଲା । କେବଳ କେତେକ ଲୋକଙ୍କର ଉନ୍ନତି ନ ହୋଇ, ସମସ୍ତଙ୍କର ଉନ୍ନତି ହେଉ, ଏହାହିଁ ଥିଲା ସର୍ବୋଦୟ ସମାଜ ଗଠନର ଲକ୍ଷ୍ୟ । ବିନୋବା ସେଇ କାମ ପାଇଁ ଲାଗି ପଡ଼ିଲେ ।

ଭୂଦାନ ଯଜ୍ଞର ଆରମ୍ଭ

ଏହିସମୟରେ ଦାକ୍ଷିଣାତ୍ୟର ତେଲେଙ୍ଗାନା ରାଜ୍ୟରେ ଜମି ନେଇ ଗୋଟାଏ ଭାରି ଗଣ୍ଡଗୋଳ ହେଲା । ବଡ଼ ବଡ଼ ଜମିମାଲିକଙ୍କ ଜମି ଜମିହୀନ କୃଷୀମାନେ ମାଡ଼ିବସି ଫସଲ ଛଡ଼ାଇ ନେଲେ । ଜମି ମାଲିକ ଓ ଜମି କୃଷୀଙ୍କ ଭିତରେ ଏହି ଗଣ୍ଡଗୋଳ ଫଳରେ ମାରକାଟ, ମାରପିଟ ହେଲା । ଅଶାନ୍ତି, ଆତଙ୍କ ଦେଖାଦେଲା ସେଠାରେ । ସେଠାରେ ଶାନ୍ତି ଫେରାଇ ଆଣିବା ପାଇଁ ବିନୋବା ସଭା ସମିତି, ପ୍ରାର୍ଥନା ଇତ୍ୟାଦି କରିବାକୁ ଗଲେ

ତା ୧୮-୪-୫୧ ରିଖ ଦିନ ପୋଚମପଲ୍ଲୀ ନାମକ ଏକ ଗ୍ରାମରେ ପ୍ରାର୍ଥନା ସଭାରେ ଜଣେ ହରିଜନ ପଚାରିଲା, “ଆପଣ ଆମକୁ ଜବରଦସ୍ତି ଦଖଲ କରିବାକୁ ମନା କରୁଛନ୍ତି, ଆମର ଜମି ନାହିଁ ! ଆମେ ଖାଇବୁ କ’ଣ ? ତେବେ ଆପଣ ଯଦି ମନା କରୁଛନ୍ତି ଜବରଦସ୍ତି ଜମି ଦଖଲ ନ କରିବାକୁ, ତେବେ ଆମକୁ ଜମି ଦିଅନ୍ତୁ—ଆମେ ଚାଷ କରିବୁ ?”

ବିନୋବା ଲୋକଟିର କହିବା କଥାର ମର୍ମ ବୁଝିଲେ । ତାର ଯେ ଜମି ଦରକାର ସେ କଥା ତାଙ୍କ ମନକୁ ପାଇଲା । କିନ୍ତୁ ସେ ଜମି ପାଇବେ କେଉଁଠୁ ଯେ ଲୋକଟିକୁ ଦେବେ ?

ତାଙ୍କ ମୁଣ୍ଡରେ ହଠାତ୍ ଗୋଟାଏ ବୁଦ୍ଧି ଖେଳିଲା । ଯେଉଁ ଜମି ମାଲିକଙ୍କ ପାଖରେ ଅଧିକା ଜମି ଥିଲା, ତାଙ୍କୁ ସେଥିରୁ ସେ କିଛି ଦାନ ମାଗିଲେ । ସେ ବୁଝାଇଲେ ପାଣି, ପବନ, ଆଲୁଅ ଯେମିତି ଭଗବାନ ସମସ୍ତଙ୍କୁ ଦେଇଛନ୍ତି, ଜମି ବି ତାଙ୍କର ସେମିତି ସମସ୍ତଙ୍କୁ ଦାନ । ଜମି କେହି ନିଜେ ତିଆରି କରିନାହାନ୍ତି । ତାହା ଭଗବାନଙ୍କ ସୃଷ୍ଟି । ଯାହା ପାଖରେ ଅଧିକା ଜମି ଅଛି ସେମାନେ ରାଜି ହୋଇ ଅନ୍ୟ ଜମିହୀନ ଲୋକଙ୍କୁ ଦେଇ ଦେବା ଉଚିତ । ତାହାହେଲେ କଳି, କଜିଆ ତୁଟିଯିବ । ଶାନ୍ତି ଭ୍ରାତୃଭାବ ବଢ଼ିବ ।

ପ୍ରଥମେ ପ୍ରଥମେ କେହି ଏଥିରେ କାନ ଦେଉ ନ ଥିଲେ । କିନ୍ତୁ ବିନୋବାଙ୍କ ଅଦ୍ଭୁତ ବୁଝାଇବା ଶକ୍ତିରେ ମୁଗ୍ଧ ହୋଇ ଶେଷରେ ଶ୍ରୀ ରାମଚନ୍ଦ୍ର ରେଡ୍ଡି ନାମରେ ଜଣେ ଜମିମାଲିକ ଶହେ ମାଣ ଜମି ଦାନ ଦେଇଦେଲେ । ବିନୋବାଙ୍କୁ ବାଟ ମିଳିଗଲା । ଲୋକଙ୍କୁ ବୁଝାଇ ଦେଲେ ଯେ ସେମାନେ ଜମି ଦାନ ଦେବେ, ସେ କଥା ତାଙ୍କର ଦୃଢ଼ ଧାରଣା ହୋଇଗଲା । ତେଣୁ ଜମି ସମସ୍ୟା ସମାଧାନ ପାଇଁ ସେ ଚାରିଆଡ଼େ ବୁଲି ଭୂମି ଦାନ ମାଗିଲେ । ଏହାକୁ 'ଭୂଦାନ ଯଜ୍ଞ' କୁହାଗଲା ।

ସେହି ଦିନଠାରୁ ସେ ଚାରିଆଡ଼େ ବୁଲି 'ଭୂମିଦାନ' ମାଗିଲେ । କେବଳ ଭୂମି ଦାନ ନୁହେଁ, ଆଜି ଏହା କ୍ରମେ କ୍ରମେ ସମ୍ପତ୍ତି ଦାନ ଏବଂ ଗ୍ରାମଦାନ ମାଗିବାରେ ପରିଣତ ହେଲାଣି । ବିନୋବାଙ୍କ ଯୁକ୍ତିପୂର୍ଣ୍ଣ କଥାଶୁଣି ଲୋକେ ନିଜ ଗ୍ରାମ, ସମ୍ପତ୍ତି ସବୁ ଦେଇ ଦେଉଛନ୍ତି । ବିନୋବା ପୁଣି ସେ ଜମି ସମସ୍ତଙ୍କ ହାତରେ ବାଣ୍ଟି ଦେଉଛନ୍ତି । ଫଳରେ କେହି ଜମିହୀନ ହୋଇ ରହୁନାହାନ୍ତି । ଗରିବ,

ବଡ଼ଲୋକ ଭେଦଭାବ ଭୁଲି ଯାଉଛନ୍ତି । ପରସ୍ପର ଭିତରେ ସ୍ନେହ ଶ୍ରଦ୍ଧା ବଢ଼ୁଛି । ସମାଜରୁ ଶୋଷଣ ଲୋପ କରି ଏକ ସୁଖୀ ସମାଜ ଗଠନ କରିବା ଗାନ୍ଧିଜୀଙ୍କ ପରିକଳ୍ପିତ ସର୍ବୋଦୟ ସମାଜର ଲକ୍ଷ୍ୟ ଥିଲା । ବିନୋବା ଗାନ୍ଧିଜୀଙ୍କ ମୃତ୍ୟୁପରେ ତାଙ୍କର ସେହି କଳ୍ପନାକୁ ବାସ୍ତବରେ ପରିଣତ କରୁଛନ୍ତି ।

ଓଡ଼ିଶାରେ ବିନୋବା

୧୯୫୫ ମସିହା ଜାନୁୟାରୀ ମାସ ୨୬ ତାରିଖ ଦିନ ଭୂମିବିପ୍ଳବର ବାର୍ତ୍ତା ଓଡ଼ିଶାରେ ପ୍ରଚାର କରିବା ପାଇଁ ବିନୋବାଜୀ ଓଡ଼ିଶା ଆସିଥିଲେ । ତାଙ୍କର ଇଚ୍ଛାଥିଲା ଜଗନ୍ନାଥଙ୍କ ଦେଶ ଓଡ଼ିଶାରେ ସେ ଅହିଂସା ବିପ୍ଳବର ମହାନାଦ ଶୁଣାଇଦେବେ । ତାଙ୍କ କଥା ମଧ୍ୟ ମିଛ ହେଲା ନାହିଁ । ତାଙ୍କ ଚାରିମାସଭିତରେ ସେ ଓଡ଼ିଶାରେ ବିଭିନ୍ନ ସ୍ଥାନରେ ସଭା ସମିତି କରି ସେ ସର୍ବୋଦୟ ଆନ୍ଦୋଳନ ସପକ୍ଷରେ ବହୁ ଲୋକଙ୍କ ମନ ଆକର୍ଷଣ କଲେ । ଫଳରେ ଓଡ଼ିଶାରୁ ଶହ ଶହ ଗ୍ରାମର ଲୋକେ ନିଜ ଜମିର ମାଲିକାନା ଛାଡ଼ିଦେଇଛନ୍ତି । ଶହ ଶହ ଏକର ଜମି ଦାନ ମିଳିଛି । ଓଡ଼ିଶାରେ ଏକ ନୂଆ ବୈପ୍ଳବିକ ଚିନ୍ତାଧାରାର ବିକାଶ ହୋଇଛି ।

ବିନୋବାଜୀଙ୍କର ଏହି ଯାତ୍ରା ଶେଷ ହୋଇ ନାହିଁ । ରେଲଗାଡ଼ି କିମ୍ବା ମୋଟର ଗାଡ଼ିରେ ନ ଯାଇ ଖାଲି ପାଦରେ ବୁଲି ବୁଲି ସେ ସାରା ଭାରତଯାକ ବୁଲୁଛନ୍ତି । ସମାଜରୁ ଶୋଷଣ, ମାଲିକାନା-ଅଧିକାର, ହିଂସା ଭାବ ଘୁଞ୍ଚାଇବା ପାଇଁ ଲୋକଙ୍କୁ ବୁଝାଉଛନ୍ତି । ତେଲେଙ୍ଗାନାରୁ ସେ ଯେଉଁ ବିପ୍ଳବ ଆରମ୍ଭ କରିଥିଲେ ତାହା ଆଜି ସାରା ଭାରତଯାକ ପ୍ରସାରିତ ହୋଇଗଲାଣି । ଭାରତବାହାରର

ଅନ୍ୟ ଦେଶର ଲୋକମାନେ ମଧ୍ୟ କ୍ରମେ କ୍ରମେ ଏହାକୁ ଅଧିକ ସମର୍ଥନ କରିବାର ଦେଖାଯାଉଛି ।

ମହାତ୍ମାଗାନ୍ଧିଙ୍କ ମୃତ୍ୟୁପରେ ଦେଶ ଯେତେବେଳେ ଅନ୍ଧକାର ମଧ୍ୟରେ ବଡ଼ ଅସ୍ଥିର ହେଉଥିଲା, ଏ ଯୁଗର ମହାନ୍‌ବିପ୍ଳବୀ ସନ୍ଥ ବିନୋବା ସେ ଅନ୍ଧାରରେ ଆଲୋକର ବାଟ ଦେଖାଇଛନ୍ତି ।

ବିପ୍ଳବୀ-ଜୟପ୍ରକାଶ

୧୯୪୨ ମସିହା ନଭେମ୍ବର ୯ ତାରିଖ । ଦୀପାବଳି ଅମାବାସ୍ୟା ରାତ୍ରି । ଘୂରିଆଡ଼େ କଟିକଟି କଳା ଅନ୍ଧକାର । ମୁହଁକୁ ମୁହଁ ଦିଶୁନାହିଁ । ହଜାରିବାଗ ଜେଲ୍ ଭିତର ମୋଟେ ଛଅ ଜଣ ବନ୍ଦୀ କେବଳ ଜାଗୁଛନ୍ତି, କେମିତି ଜେଲ ପାଚେରୀ ଡେଇଁ ପଳାଇ ଆସିବେ ।

କିନ୍ତୁ ସମୟପରେ ଛଅଜଣଯାକ ନିଜ ଲୁଗାକାନିକୁ ସବୁ ଗଣ୍ଠିଏଇ ଦେଲେ । ତାପରେ ପାଚେରୀକୁ ଧରି ଜଣକ ଉପରେ ଜଣେ ଠିଆହୋଇ ଜେଲ୍ କାନ୍ଥକୁ ଡେଇଁ ଆସିଲେ । କିନ୍ତୁ ଜେଲ ପାଚେରୀ ଡେଇଁ ଆସିଲେ ବି ବିପଦ ଗଲା ନାହିଁ । ପାଚେରୀ ଆରପଟେ ଅମଡ଼ାବାଟ । ଛୋଟନାଗପୁର ଜଙ୍ଗଲ । ଯଦି ପୋଲିସ ହାତରେ ଧରା ପଡ଼ିଗଲେ ସର୍ବନାଶ ! ରାତିରେ କଣ୍ଟାଝଣ୍ଟା ଦେଖି ହେଉନାହିଁ । ତଥାପି ଜୀବନକୁ ପାଣି ଛଡ଼ାଇଦେଇ ଛଅଜଣଯାକ ଦୌଡ଼ିବାକୁ ଲାଗିଲେ । ତା ଭିତରୁ ଜଣେ କଣ୍ଟାବାଟ ଆସିଲାପରେ ଦୌଡ଼ି ଆଉ ଚାଲିପାରିଲା ନାହିଁ । କିନ୍ତୁ ଅଟକିବାକୁ ଆଉ

ଉପାୟ ନାହିଁ । ଅନ୍ୟ ସାଥିମାନେ ସେ ଜଣଙ୍କୁ ଟେକ ଟେକ୍ ଡାକିମାଇକି ବାଟ ନେଇଗଲେ । ଅଖିଆ ଅପିଆ ୬୦ ମାଇଲ ବାଟ ଚାଲିଯିବା ପରେ ସେମାନେ ଗୋଟିଏ ଗାଁରେ ପହଞ୍ଚିଲେ । ଯାହା କିଛି ମିଳିଲା ତାକୁ ଖାଇ କିଛି ଆରାମ ମାରିଲେ । ଧରାପଡ଼ିବାର ବିପଦ କଟିଗଲା । ସେମାନେ ଜେଲ୍‌ରୁ ପଳାଇ ଆସିବା କଥା ତା ପରଦିନ ପର୍ଯ୍ୟନ୍ତ ଜେଲ ଅଫିସରେ କେହି ଜାଣିପାରି ନ ଥିଲେ ।

ଯେଉଁ ପିଲାଟିକୁ ବାଟରୁ ତା ସାଥିମାନେ ଟେକ ଟେକ ଆଣିଥିଲେ ସେ ହେଉଛନ୍ତି ବନ୍ଧୁବର ଜୟପ୍ରକାଶ ନାରାୟଣ । ତାଙ୍କର ନିର୍ଦ୍ଦେଶରେ ଅନ୍ୟ ସାଥିମାନେ ଜେଲ୍ ପାଚେରି ଡେଇଁ ପଳାଇ ଆସିଥିଲେ ।

ଭାରତରୁ ଇଂରେଜମାନଙ୍କୁ ତଡ଼ିବାପାଇଁ ଆନ୍ଦୋଳନ କରୁଥିବାରୁ ଜୟପ୍ରକାଶଙ୍କୁ ଜେଲଦଣ୍ଡ ମିଳିଥିଲା । କିନ୍ତୁ ସେ ଯେତେବେଳେ ଜେଲ ଭିତରେ ଶୁଣିଲେ ଯେ ଇଂରେଜ ସରକାର ମହାତ୍ମା ଗାନ୍ଧି ପ୍ରମୁଖ ବଡ଼ ବଡ଼ ନେତାଙ୍କୁ ଧରିଆଣି ଜେଲ ଭିତରେ ପୂରାଇ ଦେଲେଣି, ସେତେବେଳେ ବନ୍ଧୁ ବନ୍ଧୁ ସାଥିମାନଙ୍କ ସହ ଜେଲ ଡେଇଁ ପଳାଇ ଆସିବାକୁ ସେ ଠିକ୍ କଲେ । କାରଣ ସବୁ ନେତାମାନଙ୍କୁ ଜେଲ୍‌ରେ ପୂରାଇଦେବା ହେତୁ ସ୍ୱାଧୀନତା ଆନ୍ଦୋଳନ ବନ୍ଦ ହୋଇଥିଲା । ବାହାରକୁ ଆସି ପୁଣି ସେହି ଆନ୍ଦୋଳନକୁ ଚାଲୁ ରଖିବା ପାଇଁ ସେ ମରଣକୁ ଖାତିର ନ କରି ପାଚେରି ଡେଇଁ ପଳାଇ ଆସିଥିଲେ ।

ସତକୁ ସତ ଜୟପ୍ରକାଶ ଯେବେ ସେତେବେଳେ ଜେଲରୁ ପଳାଇ ନ ଆସି ସ୍ୱାଧୀନତା ଆନ୍ଦୋଳନ ଚଳାଇ ନ ଥାନ୍ତେ, ତେବେ ଆମ ସ୍ୱାଧୀନତା ପାଇବା କଥା ଆହୁରି ଅନେକ ଦିନ ପଛେଇ

ଯାଉଥାଆନ୍ତି । କାରଣ ସେତେବେଳକୁ ମହାତ୍ମା ଗାନ୍ଧି ଇଂରେଜ-ମାନଙ୍କୁ 'ଭାରତ ଛାଡ଼' ଡାକରା ଦେଇ ଅସହଯୋଗ ଆନ୍ଦୋଳନ ଚଳାଇବା ଫଳରେ, ଇଂରେଜ ସରକାର ତାଙ୍କୁ ଓ ଅନ୍ୟାନ୍ୟ ବଡ଼ ବଡ଼ କଂଗ୍ରେସ ନେତାଙ୍କୁ ନେଇ ଜେଲ ଭିତରେ ପୂରାଇ ଦେଇଥିଲେ । ନେତା ଅଭାବରୁ ଲୋକମାନେ ଆନ୍ଦୋଳନକୁ ଠିକ୍ ଭାବରେ ଚଳାଇ ପାରୁ ନ ଥିଲେ । ଜୟପ୍ରକାଶ ଜେଲରୁ ଖସିଆସି ଏହି ଆନ୍ଦୋଳନର ନେତୃତ୍ୱ ନେବା ଫଳରେ ଲୋକଙ୍କ ଭିତରେ ନୂଆ ଜୀବନ ପଶିଲା । ଆଗ ଅପେକ୍ଷା ଶତଗୁଣ ଅଧିକ ଉତ୍ସାହରେ ଲୋକମାନେ ଆନ୍ଦୋଳନ ଚଳାଇଲେ ।

ତାପରେ ଇଂରେଜ ସରକାରଙ୍କ ଆଖି ପଡ଼ିଲା ଜୟପ୍ରକାଶଙ୍କ ଉପରେ । ତାଙ୍କୁ ଧରିବାର ଅନ୍ୟ କିଛି ବାଟ ନ ପାଇ ସରକାର ଘୋଷଣା କଲେ ଯେ ଜୟପ୍ରକାଶଙ୍କୁ ଯିଏ ଧରିଦେବ, ତାଙ୍କୁ ୫ ହଜାର ଟଙ୍କା ପୁରସ୍କାର ଦିଆଯିବ । ସେତେବେଳେ ଜୟପ୍ରକାଶ ଛଦ୍ମବେଶରେ ରହି ଆନ୍ଦୋଳନ ଚଳାଉଥାନ୍ତି । ସେଥିପାଇଁ ତାଙ୍କୁ ଚିହ୍ନଟ କରିବା ସକାଶେ ସରକାର ଘରଆଡ଼େ ତାଙ୍କ ଫଟୋ ଲଗାଇ ଯାଉଥାଏ । ତାଙ୍କ ଚେହେରା ସହିତ ଯାହାର ଚେହେରାର ସାମଞ୍ଜସ୍ୟ ଦେଖା ଯାଉଥାଏ, ତାକୁ ମଧ୍ୟ ଗିରଫ କରାଯାଉଥାଏ । ଜୟପ୍ରକାଶଙ୍କୁ ଧରିବା ପାଇଁ ଇଂରେଜ ସରକାର ଏକ ପ୍ରକାର ପାଗଳ ହୋଇ ଉଠିଥିଲେ ।

କିନ୍ତୁ ଜନତାର ସେବା କରିବା ପାଇଁ ଯେ ଜୀବନକୁ ଦାଣ୍ଡି ଛଡ଼ାଇ ଦେଇଛନ୍ତି ; ସେ ଜନନେତାଙ୍କୁ ଧରିବା କଣ ଏତେ ସାହଜ କଥା ! ସରକାରଙ୍କୁ ସେଥିପାଇଁ ମାସ ମାସ ଧରି ଲୁଆଁ

ବୁଝିବାକୁ ଚାହୁଁଥିଲା । ଜୟପ୍ରକାଶ ଲୁଚିରହି ଆନ୍ଦୋଳନ ଚଳାଇଲେ। ଇଂରେଜ ସରକାରଙ୍କ ଶାସନର ମୂଳଦୁଆ ଦୋହଲି ଗଲା ।

ଇଂରେଜ ସରକାରଙ୍କ ସୁଦୃଢ଼ ଶାସନର ମୂଳଦୁଆକୁ ଯିଏ ମାତ୍ର କେତେ ଦିନରେ ଦୋହଲାଇ ଦେଇଥିଲେ ସେହି ଜୟପ୍ରକାଶ ଥିଲାବାଲା ଘରର ପିଲା ନୁହନ୍ତି, ଗୋଟିଏ ଗରିବ ନିମ୍ନ ମଧ୍ୟବିତ୍ତ ପରିବାରରେ ତାଙ୍କର ଜନ୍ମ ।

ପିଲାଦିନ ଓ ପାଠପଢ଼ା

ବିହାର ପ୍ରଦେଶର ସାରନ ଜିଲ୍ଲାରେ ସିତାବ-ଦିୟାରା ନାମକ ଗୋଟିଏ ଗାଁ । ୧୯୦୨ ମସିହା ଅକ୍ଟୋବର ୧୧ ତାରିଖ ବିଜୟା ଦଶମୀ ଦିନ ସେହି ଗାଁରେ ସେ ଜନ୍ମ ହୋଇଥିଲେ । ତାଙ୍କ ବାପା ହରସୂଦର୍ ଦୟାଲ୍ ନାରାୟଣ କେନାଲ ବିଭାଗର ଜଣେ ସାଧାରଣ ଚାକିରିଆ । ଅଳ୍ପ କିଛି ଧୂପ ଜମି । ସେତିକି ବୋଲି ସମ୍ବଳ । ଆର୍ଥିକ ଅବସ୍ଥା ନିହାତି ଖରାପ ।

ଗାଁ ପ୍ରାଇମେରୀ ସ୍କୁଲରେ ଜୟପ୍ରକାଶଙ୍କ ବିଦ୍ୟା ଆରମ୍ଭ । ପିଲାଦିନୁ ସେ ଅତି ସାଧା ସିଧା, ନରମ ପ୍ରକୃତିର ପିଲା । ପିଲାମାନଙ୍କଠାରେ ସାଧାରଣତଃ ଯେଉଁ ଚଗଲାମି ଦେଖାଯାଏ, ଜୟପ୍ରକାଶଙ୍କଠାରେ ତାହାର ଅଭାବ ଦେଖାଯାଉଥିଲା । ସେ ସବୁବେଳେ ଗମ୍ଭୀର ରହୁଥିଲେ । ଚୁପ୍‌ଚାପ୍ ଘରେ ରହି ସବୁବେଳେ ପଢ଼ାପଢ଼ି କରୁଥିଲେ । ତାଙ୍କର ଏଭଳି ଧୀର ସ୍ଥିର ସ୍ୱଭାବ ଦେଖି ସମସ୍ତେ ତାଙ୍କୁ 'ବୁଢ଼ା' 'ବୁଢ଼ା' ବୋଲି କହୁଥିଲେ ।

ବିଦ୍ୟାଳୟରେ ଖେଳ, କସରତ, ଦୌଡ଼ା ଦୌଡ଼ିରେ ଜୟପ୍ରକାଶ ଢେରେ ଚଢ଼ ଯାଉଥିଲେ, କିନ୍ତୁ ପାଠ ପଢ଼ାରେ ସେ

ଥିଲେ ଖୁବ୍ ଆଗ୍ରହୀ । ସେ ଏତେ ମନଦେଇ ଧରି ବସି ପଢ଼ି ପାରୁଥିଲେ ଯେ ଅନ୍ୟ କେହି ତାଙ୍କ ସାଙ୍ଗରେ ପ୍ରତିଯୋଗିତା କରିପାରୁ ନ ଥିଲେ । ତାଙ୍କ ବାପାଙ୍କ ଆର୍ଥିକ ଅସୁବିଧା ହେତୁ ମାଇନର କିମ୍ବା ମାଟ୍ରିକରୁ ସେ ବେଶୀ ପଢ଼ାଇ ପାରିବେ ବୋଲି ଆଶା କରି ପାରୁ ନ ଥିଲେ । କିନ୍ତୁ ନିଜ ଅଧ୍ୟବସାୟ ବଳରେ ଜୟପ୍ରକାଶ ମାଟ୍ରିକ ପରୀକ୍ଷାରେ ବୃତ୍ତି ପାଇଲେ । ଫଳରେ ସେହି ଟଙ୍କାରେ ତାଙ୍କୁ କଲେଜରେ ପଢ଼ିବା ସୁବିଧା ମିଳିଗଲା ।

ମାଟ୍ରିକ୍ ପାସ୍ କରି ସାରିବା ପରେ ଜୟପ୍ରକାଶଙ୍କ ନାମ ପାଟନା କଲେଜରେ ଲେଖା ହେଲା । ଜୟପ୍ରକାଶ ବିଜ୍ଞାନ ଶ୍ରେଣୀରେ ନାମ ଲେଖାଇଲେ । ସେ ରାଜନୀତି କିମ୍ବା ଅର୍ଥନୀତି ଇତ୍ୟାଦି ବିଷୟରେ ନ ପଢ଼ି ବିଜ୍ଞାନ ପଢ଼ିବାର ଗୋଟିଏ କାରଣ ଥିଲା । ପିଲାଦିନୁ ସେ ଦୁଃଖ, କଷ୍ଟ ଭିତରେ ବଢ଼ି ଆସିଥିଲେ । ତାଙ୍କର ଧାରଣା ହୋଇଥିଲା ବିଜ୍ଞାନର ଉନ୍ନତି ଦ୍ୱାରା ଦେଶର ଉନ୍ନତି ହେବ, ଦାରିଦ୍ର୍ୟ ଦୂର ହୋଇଯିବ ; କେହି ଦୁଃଖରେ ରହିବେ ନାହିଁ ।

ଗାନ୍ଧିଜୀଙ୍କ ଡାକରାରେ କଲେଜ ତ୍ୟାଗ

ହଠାତ୍ ୧୯୨୧ ମସିହାରେ ଗାନ୍ଧିଜୀ ଇଂରେଜ ସରକାରଙ୍କ ସଙ୍ଗେ ଅସହଯୋଗ ଆନ୍ଦୋଳନ ଆରମ୍ଭ କଲେ । ସ୍କୁଲ, କଲେଜର ଛାତ୍ରମାନଙ୍କୁ ପଢ଼ାପଢ଼ି ଛାଡ଼ିଦେଇ ଏହି ଆନ୍ଦୋଳନରେ ଯୋଗ ଦେବାକୁ ସେ ଆହ୍ୱାନ କଲେ । ଜୟପ୍ରକାଶଙ୍କ ଭଳି ପିଲା କ'ଣ ଏଥିରେ ଥିରୁ ଧରି ରହିପାରେ ! ବାପାଙ୍କର କଡ଼ା ତାଗିଦା ଥାଏ ସେ ପାଠପଢ଼ାରେ ଯେପରି ହେଳା ନ ହୁଏ । ସେ ସେତେବେଳକୁ [illegible] ପରୀକ୍ଷା ଫିସ ଦାଖଲ କରି ସାରିଲେଣି । କିନ୍ତୁ ଦେଶରେ

ଯେତେବେଳେ ଆନ୍ଦୋଳନର ନିଆଁ ଜଳୁଛି, ସେତେବେଳେ ଜୟପ୍ରକାଶ ପାଟନାରେ ପରୀକ୍ଷା ଦେବା ଆଉ ଉଚିତ ମନେ କଲେ ନାହିଁ । ବାପାଙ୍କ କଟକଣା, ପରୀକ୍ଷା ଦେଇ ପାସ୍ କରିବାର ଲୋଭକୁ ଜଳାଞ୍ଜଳି ଦେଇ ସେ ଆନ୍ଦୋଳନରେ ଯୋଗ ଦେଲେ ।

କିନ୍ତୁ ଅସହଯୋଗ ଆନ୍ଦୋଳନର ନିଆଁ କ୍ରମଶଃ ଜଳି ଉଠି ପୁଣି ନିଭିଗଲା । ଦେଶର ସାଧାରଣ ଅବସ୍ଥା ଫେରି ଆସିଲା । ଯେଉଁମାନେ ସ୍କୁଲ କଲେଜ ଛାଡ଼ି ଆନ୍ଦୋଳନରେ ଯୋଗ ଦେଇଥିଲେ, ସେମାନେ ପୁଣି ପାଠ ଶୁରୁ କଲେ । ସ୍କୁଲ, କଲେଜ ଛାଡ଼ି ଆସିଥିବା ପିଲାଏ ପୁଣି ପାଠ ପଢ଼ିବାକୁ ଗଲେ । ଯେଉଁ ଛାତ୍ରମାନେ ଆନ୍ଦୋଳନ ବେଳେ ପାଠପଢ଼ା ଛାଡ଼ି ଦେଇଥିବାରୁ ସ୍କୁଲ କଲେଜରୁ ତଡ଼ା ଖାଇଥାନ୍ତି, ସେମାନଙ୍କ ପାଇଁ ଅନେକ ସ୍ଥାନରେ ଦେଶବାସୀଙ୍କ ଚେଷ୍ଟାରୁ ଜାତୀୟ ବିଦ୍ୟାପୀଠ ପ୍ରତିଷ୍ଠା ହୋଇଥାଏ । ସେହିପରି ବିହାରରେ ରାଜେନ୍ଦ୍ର ପ୍ରସାଦଙ୍କ ଚେଷ୍ଟାରେ ବିହାରରେ 'ବିହାର ବିଦ୍ୟାପୀଠ' ସ୍ଥାପିତ ହୋଇଥାଏ । ସେହି ବିଦ୍ୟାପୀଠରୁ ଜୟପ୍ରକାଶ କୃତିତ୍ୱର ସହିତ ଆଇ. ଏସ୍.ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ବି. ଏସ୍‌ସି. ପଢ଼ିବାକୁ ଆଉ 'ବିହାର ବିଦ୍ୟାପୀଠ'ରେ ସୁବିଧା ନ ଥିଲା । ବି. ଏସ୍‌ସି. ପଢ଼ିବାକୁ ହେଲେ ତାଙ୍କୁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟକୁ ଯିବାକୁ ହୋଇଥାନ୍ତା । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଇଂରେଜ ସରକାରଙ୍କ ଟଙ୍କାରେ ଚାଲୁଥାଏ । ଯେଉଁ ଇଂରେଜ ସରକାରଙ୍କ ବିରୁଦ୍ଧରେ ସେ ଆନ୍ଦୋଳନ କରିଥିଲେ, ସେହି ସରକାରୀ ସ୍କୁଲରେ ପଢ଼ିବାକୁ ଜୟପ୍ରକାଶଙ୍କ ମନ ହେଲା ନାହିଁ । ନିଜର ସୁବିଧା ପାଇଁ ସେ ନିଜ ବାଟରୁ ହଟିଲେ ନାହିଁ ।

ଏବେଶ ଅଧିକା ପଢ଼ିବାକୁ ତାଙ୍କର ଘୋର ଇଚ୍ଛା । ଦେଶରେ ଅନ୍ୟ କୌଣସିଠାରେ ସେ ସୁବିଧା ମିଳୁ ନ ଥିଲା । ତେଣୁ ସେ ବିଦେଶ ଯିବାକୁ ଠିକ୍ କଲେ ।

ବିଦେଶର କେଉଁ ଦେଶକୁ ଯିବେ ? ସେତେବେଳେ ଭାରତୀୟ ଛାତ୍ରମାନେ ସାଧାରଣତଃ ବିଲାତ ପଢ଼ିବାକୁ ଯାଉଥିଲେ । ବିଲାତ ଇଂରେଜମାନଙ୍କ ଘର । ସେଠାକୁ ଯିବାକୁ ଜୟପ୍ରକାଶଙ୍କୁ ଭଲ ଲାଗିଲା ନାହିଁ ।

ସେତିକିବେଳେ ସେ ଗୋଟିଏ ବହିରୁ ପଢ଼ିଲେ, ଆମେରିକା ପିଲାମାନେ ନିଜେ ପରିଶ୍ରମ କରି ନିଜ ପଇସାରେ ପାଠ ପଢ଼ନ୍ତି । ପର ଉପରେ ନିର୍ଭର କରନ୍ତି ନାହିଁ । ଏକଥା ପଢ଼ି ଆମେରିକା ଯିବାକୁ ଜୟପ୍ରକାଶଙ୍କ ମନ ବଳିଲା । ସେ ସେଠାକୁ ଯାଇ ପଢ଼ିବାକୁ ସ୍ଥିର କରି ଯିବା ଯୋଗାଡ଼ରେ ଲାଗିଗଲେ ।

କଲେଜରେ ପଢ଼ିଲାବେଳେ ଜୟପ୍ରକାଶ ବିବାହ କରି ସାରିଥିଲେ । ତାଙ୍କ ସ୍ତ୍ରୀଙ୍କ ନାମ ପ୍ରଭାବତୀ ଦେବୀ । ଜୟପ୍ରକାଶଙ୍କଠୁଁ ବଳି ପ୍ରଭାବତୀ ଆହୁରି ସାଧାସିଧା । କିନ୍ତୁ ପଇସାପତ୍ର ଯୋଗାଡ଼ କରି ଜୟପ୍ରକାଶ ଯେତେବେଳେ ଆମେରିକା ବାହାରିଲେ, ପ୍ରଭାବତୀଙ୍କ ବ୍ୟତୀତ ଏକଥା ଆଉ କେହି ଜାଣି ନ ଥିଲେ । କିନ୍ତୁ ସ୍ୱାମୀଙ୍କ ବିଦେଶ ଯିବାରେ ବାଧାଦେବା ତାଙ୍କର ଆଦୌ ଇଚ୍ଛା ନ ଥିଲା । ଆମେରିକା ଗଲାବେଳେ ଜୟପ୍ରକାଶ ତାଙ୍କୁ ଚରଖାରେ ସୂତା କାଟିବାକୁ ଉପଦେଶ ଦେଇ ଯାଇଥିଲେ । ସେଇ ଉପଦେଶ ଆଜିଯାଏ ପ୍ରଭାବତୀ ପାଳି ଆସୁଛନ୍ତି । ଚରଖାରେ ସୂତା କାଟିବା ତାଙ୍କର ନିତିଦିନିଆ କାମ । ବିଭିନ୍ନ ଘରର ହିସାବ ରଖିବା ଓ

ତାଙ୍କର ଟିକିଏ ହେଲେ ଅହଙ୍କାର ନାହିଁ । ଯେମିତି ସ୍ୱାମୀଙ୍କୁ ସେମିତି ସ୍ତ୍ରୀ !

ଦୁଃଖ କଷ୍ଟ ଭିତରେ ଆମେରିକା ଜୀବନ

୧୯୨୨ ମସିହା ମେ' ୧୨ ତାରିଖ ଦିନ ଜୟପ୍ରକାଶଙ୍କ ଆମେରିକା ଯାତ୍ରା ଆରମ୍ଭ ହେଲା । ଆମେରିକାର ସାନ୍‌ଫ୍ରାନ୍‌ସିସ୍କୋରେ ପହଞ୍ଚିଲେ ବେଳକୁ ଅକ୍ଟୋବର ଆଠ ତାରିଖ । ସେତେବେଳକୁ ବିଶ୍ୱବିଦ୍ୟାଳୟରେ ଭର୍ତ୍ତି ହେବା ଦିନ ଗତ ହୋଇଗଲାଣି । ପୁଣି ପାଠପଢ଼ିବା ପାଇଁ କଲେଜରେ ନାମ ଲେଖିବାକୁ ଆଉରି ଛଅ ମାସ ଡେରି ।

ବସି ଖାଇଲେ ନଈବାଲି ସରେ । ଜୟପ୍ରକାଶଙ୍କ ହାତରେ ପଇସା ଅଳ୍ପ । ଛ' ମାସ କାଳ ସେ ବସି ରହିଲେ । ପାଠ ପଢ଼ିବାକୁ ପଇସା ପାଇବେ କେଉଁଠୁ ?

ତାଙ୍କ ମୁଣ୍ଡରେ ଗୋଟିଏ ବୁଦ୍ଧି ପଶିଲା । କିଛିଦିନ କାମ କରି କିଛି ଟଙ୍କା ରୋଜଗାର କରିବାକୁ ସ୍ଥିର କଲେ । ସାନଫ୍ରାନ୍‌ସିସ୍କୋରୁ ସେ କାଲିଫର୍ଣ୍ଣିଆ ଗଲେ । ସେଠାରେ କାମର ଅଭାବ ହେଲା ନାହିଁ । କାରଣ ସେଠାରେ ଅନେକ ଭାରତୀୟ ଲୋକ ସ୍ଥାୟୀ ବାସିନ୍ଦା ଭାବରେ ଅଛନ୍ତି । ସେମାନଙ୍କ ଭିତରୁ ଅଧିକାଂଶ ପଞ୍ଜାବ ଓ ସୀମାନ୍ତ ପ୍ରଦେଶର ଲୋକ । ଶେର ଖାଁ ନାମରେ ଜଣେ ସୀମାନ୍ତ ପ୍ରଦେଶର ଲୋକଙ୍କ ସାଙ୍ଗରେ ତାଙ୍କର ପରିଚୟ ହେଲା । ଶେରଖାଁ ଜୟପ୍ରକାଶଙ୍କ ପାଇଁ କ୍ଷେତ୍ର କାମ ଠିକ୍ କରି ଦେଲେ ।

କାମଟି ଆଉ କିଛି ନୁହେଁ, ଫଳ ବଗିଚା କାମ । ଘଣ୍ଟାକୁ ମଜୁରି ୪୦ ସେଣ୍ଟ । ଜୟପ୍ରକାଶ ପ୍ରାୟ ଦିନକୁ ଦଶଘଣ୍ଟା

କାମ କରନ୍ତି । ମଜୁରି ମିଳେ ୪ ଡଲାର, ଅର୍ଥାତ୍ ସେତେବେଳର ଭାରତୀୟ ମୁଦ୍ରା ହିସାବରେ ପ୍ରାୟ ସତର ଟଙ୍କା । କାମ ହେଉଛି ଯନ୍ତ୍ର ସାହାଯ୍ୟ ଗଛରୁ ଫଳ ତୋଳିବା, ପଚାଫଳ ବାହାର କରି ଦେଇ ଭଲ ଫଳକୁ ବାକ୍ସ ଭିତରେ ସଜାଡ଼ି ରଖି ବନ୍ଦୋବସ୍ତ କରିବା । ତିନୋଟି ମାସ ଖୁବ୍ ପରିଶ୍ରମ କରି ସେ ଛ'ଟି ମାସ ସ୍କୁଲଖର୍ଚ୍ଚରେ ଚଳିଯିବା ଭଳି ଟଙ୍କା କମେଇଲେ । ଫଳ ବଗିଚାରୁ କାମ ସରିବା ପରେ ପରେ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବା ବେଳ ଆସି ଯାଇଥାଏ । ସେ କଲେଜରେ ନାମ ଲେଖାଇଲେ ।

କାଲିଫର୍ଣ୍ଣିଆ ଫଳ ବଗିଚାରେ କାମ କଲାବେଳେ ମୂଲିଆମାନେ କେମିତି କଷ୍ଟ ପାଆନ୍ତି, ସେ କଥା ଜୟପ୍ରକାଶ ନିଜ ଆଖିରେ ଦେଖିଥିଲେ । କଲେଜରେ ପଢ଼ିଲାବେଳେ ସେ ଯେଉଁଠି ରହୁଥିଲେ, ସେଠି ପୁଞ୍ଜିବାଦର ଅନୁଭୂତି ତାଙ୍କୁ ହାସଲ କରିବାକୁ ହେଲା । ସେ ହୋଟେଲରେ ରୋଷେଇ କରୁଥିଲେ ।

କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ଗୋଟିଏ ବର୍ଷ ପଢ଼ି ଜୟପ୍ରକାଶ ଦେଖିଲେ ସେଠି ଯାହା ଖର୍ଚ୍ଚ ପଡ଼ୁଛି, ସେ ତାହା ତୁଲାଇ ପାରିବେ ନାହିଁ । ତେଣୁ ତାଙ୍କୁ ସେ ବିଶ୍ୱବିଦ୍ୟାଳୟ ଛାଡ଼ି ଆଇୱା ନାମକ ଅନ୍ୟ ଏକ ବିଶ୍ୱବିଦ୍ୟାଳୟକୁ ଯିବାକୁ ହେଲା । ସେଠାରେ ଖର୍ଚ୍ଚ କମ୍ । ଆଇୱା ବିଶ୍ୱବିଦ୍ୟାଳୟରେ ସେ ବର୍ଷକ ପାଇଁ ରାସାୟନିକ ଇଞ୍ଜିନିୟରିଂ ପଢ଼ିଲେ । ପଢ଼ିବା ଭିତରେ ନିଜ ଖର୍ଚ୍ଚ ଉଠାଇବା ପାଇଁ ତାଙ୍କୁ ବରଫ କାଟି ରାସ୍ତା ସଫା କରିବା, କାଠରେ ବାର୍ଣ୍ଣିଶ ଦେବା ଇତ୍ୟାଦି କାମ କରିବାକୁ ପଡ଼ୁଥିଲା ।

ଆଇୱା ବିଶ୍ୱବିଦ୍ୟାଳୟରୁ ପଢ଼ା ସାରି ଜୟପ୍ରକାଶ ପୁଣି ସିକାଗୋ ବିଶ୍ୱବିଦ୍ୟାଳୟରେ ପଢ଼ିଲେ । ଏଠାରେ ସେ ପ [illegible] ବର୍ଷ

ଅର୍ଥକଷ୍ଟ ଭୋଗିଲେ । ସେଥିପାଇଁ ତାଙ୍କୁ ଅନେକ ଦିନ ଗୋଟିଏ ହୋଟେଲରେ ପାଇଖାନା ସଫା କରିବାକୁ ହୋଇଥିଲା ।

ଏହିଭଳି ଦୁଃଖ କଷ୍ଟ ଭିତରେ ଆମେରିକାରେ ସାତବର୍ଷ ତାଙ୍କୁ ପାଠ ପଢ଼ିବାକୁ ହୋଇଥିଲା । ବିଜ୍ଞାନ ଛଡ଼ା ସମାଜ ଶାସ୍ତ୍ର, ଗଣିତ, ଅର୍ଥଶାସ୍ତ୍ର, ଇତିହାସ, ମନୋବିଜ୍ଞାନ, ଶରୀର ବିଜ୍ଞାନ ଇତ୍ୟାଦି ବିଷୟରେ ଜୟପ୍ରକାଶ ପାଣ୍ଡିତ୍ୟ ଲାଭ କରିଥିଲେ ।

ସ୍ୱାଧୀନତା ଆନ୍ଦୋଳନର ପ୍ରଧାନ ସେନାପତି

୧୯୨୯ ମସିହାରେ ମା'ଙ୍କ ବେମାର ଖବର ପାଇ ଜୟପ୍ରକାଶ ଭାରତ ଫେରି ଆସିଲେ । ସେହି ସାତବର୍ଷ ଭିତରେ ଭାରତର ଚେହେରା ଆସ୍ତେ ଆସ୍ତେ ବଦଳିବାକୁ ଆରମ୍ଭ କରିଥାଏ । ଧୀରିଆସ୍ତେ ସ୍ୱାଧୀନତା ଆନ୍ଦୋଳନ ଘନେଇ ଆସୁଥାଏ ।

ଜୟପ୍ରକାଶ ଭାରତରେ ପହଞ୍ଚି ସାଙ୍ଗେ ସାଙ୍ଗେ ୱାର୍ଦ୍ଧାରେ ଗାନ୍ଧିଜୀଙ୍କୁ ଭେଟିଲେ । ସେତେବେଳେ ଲାହୋରଠାରେ ଜାତୀୟ କଂଗ୍ରେସର ଅଧିବେଶନ ବସୁଥାଏ । ସଭାପତି ହୋଇଥାନ୍ତି ଜବାହରଲାଲ ନେହେରୁ । ନେହେରୁଙ୍କ ସହିତ ଜୟପ୍ରକାଶଙ୍କର ସେଇଠି ପ୍ରଥମ ପରିଚୟ । ନେହେରୁ ଜୟପ୍ରକାଶଙ୍କ ଉପରେ କଂଗ୍ରେସର ଶ୍ରମିକ ବିଭାଗ ଦାୟିତ୍ୱ ଦେଲେ ।

ତା ପରଠାରୁ ଜୟପ୍ରକାଶ ଦେଶ ସ୍ୱାଧୀନତା ଆନ୍ଦୋଳନର ଜଣେ ପ୍ରଧାନ ସେନାପତି ହେଲେ । ଗାନ୍ଧିଜୀ ବିଲାତରେ ହୋଇଥିବା ଗୋଲ୍‌ଟେବୁଲ ବୈଠକରୁ ନିରାଶ ହୋଇ ଫେରିବା ପରେ ଭାରତରେ ଇଂରେଜ ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନ ଚାଲିଲା

ବନ୍ଧୁ ବଡ଼ ବଡ଼ କଂଗ୍ରେସ ନେତାଙ୍କୁ ସରକାର ଜେଲ ଭିତରେ ପୂରାଇ ଦେଲେ । ସେତେବେଳେ ଜୟପ୍ରକାଶଙ୍କ ଉପରେ ସବୁ ଦାୟିତ୍ୱ ପଡ଼ିଲା । ଗୋପନରେ ଲୁଚି ସେ ଆନ୍ଦୋଳନ ଚଳାଇଲେ । ଅସ୍ଥାୟୀ ଭାବରେ ତାଙ୍କୁ ନିଖିଳ ଭାରତ କଂଗ୍ରେସକମିଟି ସାଧାରଣ ସମ୍ପାଦକ ଦାୟିତ୍ୱ ତୁଲାଇବାକୁ ପଡୁଥିଲା । ତାଙ୍କୁ ଧରିବା ପାଇଁ ସରକାର ଅନେକ ଚେଷ୍ଟା କରି ଶେଷରେ ମାନ୍ଦ୍ରାଜରେ ଗିରଫ କଲେ । ତାଙ୍କୁ ନାସିକ୍ ଜେଲରେ ରଖାଗଲା ।

ସମାଜବାଦର ସ୍ୱପ୍ନ

ଏହି ନାସିକ୍ ଜେଲ୍‌ରେ ଜୟପ୍ରକାଶଙ୍କ ଜୀବନରେ ଆଉ ଗୋଟିଏ ନୂଆ ଅଧ୍ୟାୟ ଖୋଲିଲା । ସେ ଭାବିଲେ କେବଳ ଇଂରେଜ ସରକାରଙ୍କୁ ତଡ଼ିଦେଲେ ଦେଶର ଲୋକେ ସୁଖରେ ରହିବେ ନାହିଁ । ଲୋକେ ସୁଖରେ ନ ରହିଲେ ସ୍ୱାଧୀନତା ପାଇବାର କିଛି ଲାଭ ନାହିଁ । ଆମେରିକାରେ ପାଠପଢୁଥିବା ବେଳେ ସେ ପୃଥିବୀର ବିଭିନ୍ନ ଦେଶରେ କିଭଳି ସମାଜବାଦୀ ଆନ୍ଦୋଳନ ଚାଲିଥିଲା ତାହା ଲକ୍ଷ୍ୟ କରିଥିଲେ । ଭାରତରେ ସେହିଭଳି ସମାଜବାଦ ସ୍ଥାପନ କରିବାକୁ ସେ ମନେ ମନେ ସ୍ଥିର କଲେ ।

କଂଗ୍ରେସ ସମାଜବାଦୀ ଦଳ ଗଠନ

ସେତେବେଳେ ଦେଶର ସବୁ ବଡ଼ ବଡ଼ ନେତାଙ୍କ ଦୃଷ୍ଟିଥିଲା କିପରି ଦେଶ ସ୍ୱାଧୀନ ହେବ । ଜୟପ୍ରକାଶ ସେମାନଙ୍କ ଦୃଷ୍ଟି ଲୋକଙ୍କ ଦାରିଦ୍ର୍ୟ ଦୂରୀକରଣ କରିବା ଆଡ଼କୁ ଆଣିବା ପାଇଁ କଂଗ୍ରେସ-ସମାଜବାଦୀ ଦଳ ବୋଲି ଏକ ଦଳ ଗଢିଲେ । ତାଙ୍କ

ଘଟଣରେ ଆଚାର୍ଯ୍ୟ ନରେନ୍ଦ୍ର ଦେବ, ଅଶୋକ ମେହେଟା ପ୍ରମୁଖ ଅନ୍ୟତମ ଜେ. ପି. ଙ୍କ ସହ ନେତା ମଧ୍ୟ ଯୋଗ ଦେଲେ । ନାସିକ୍ ଜେଲ୍ ଭିତରେ ପ୍ରଥମେ କଂଗ୍ରେସ ସମାଜବାଦୀ ଦଳର ମୂଳଦୁଆ ପଡ଼ିଲା । ଜୟପ୍ରକାଶ ଏହାର ସାଧାରଣ ସମ୍ପାଦକ ହେଲେ । ଦେଶର ଚାଷୀ, ମୂଲିଆଙ୍କ ଏବଂ ଗରିବ ଲୋକମାନଙ୍କ ସ୍ୱାର୍ଥ ସାମନାକୁ ଆଣି ଲଢ଼େଇ କରିବା ଏହାର ମୂଳ ଲକ୍ଷ୍ୟ । ଦେଶରୁ ଶୋଷଣ, ଅତ୍ୟାଚାର ଦୂର କରିବା ଏହି ଦଳର ଲକ୍ଷ୍ୟ ଥିଲା । ଦେଶ ସ୍ୱାଧୀନତା ଆନ୍ଦୋଳନକୁ ଏହା ମଳଚେଲ କଧ୍ୟସ୍ଥାନ ଯାଏ ଦେଇଥିଲେ ଦୃଷ୍ଟି ନଥିଲେ । ସନ୍ ୧୯୪୨ ମସିହାରେ ଯେତେବେଳେ କଂଗ୍ରେସ ନେତାମାନେ ସବୁ ଜେଲ୍ ଭିତରେ, ଜୟପ୍ରକାଶ ବାହାରେ ରହି ଆନ୍ଦୋଳନ ଚଳାଉଥିଲେ । ହଜାରିବାଗ ଜେଲ୍‌ରୁ ପଳାଇ ଆସି ପ୍ରଚେଷ୍ଟା କରି ଲୋକଙ୍କୁ ଆନ୍ଦୋଳନ କରିବାକୁ ଡାକୁଥିଲେ । ସେଥିପାଇଁ ଇଂରେଜମାନେ ସେ ଧରା ପଡ଼ିଲେ, ଇଂରେଜ ସରକାର ତାଙ୍କୁ କଠିନ ଦଣ୍ଡ ଦେଲେ । ଜେଲ୍ ଭିତରେ ସେ ଅନେକ ଥର ବରଫ ଖଣ୍ଡ ଉପରେ ତାଙ୍କୁ ଠିଆହୋଇ ରହିବାକୁ ପଡ଼ୁଥିଲା । କିନ୍ତୁ ଦେଶ ସେବାର ନିଶା ତାଙ୍କୁ ଏତେ ଜୋରରେ ଘାରିଥିଲା ଯେ ଏ ସବୁ କଷ୍ଟକୁ ସେ ତୁଚ୍ଛ ଭଳି ମନେ କରୁଥିଲେ ।

ସମାଜବାଦୀ ଆନ୍ଦୋଳନର ବିପ୍ଲବୀ ନେତା

୧୯୪୭ ମସିହାରେ ଦେଶ ସ୍ୱାଧୀନ ହେଲା । ଜୟପ୍ରକାଶ ଇଚ୍ଛା କରିଥିଲେ ଭାରତରେ ମନ୍ତ୍ରୀ ହୋଇ ପାରିଥାନ୍ତେ । ସେଥିପାଇଁ ତାଙ୍କୁ ଅନେକ ଥର ଡାକରା ଆସିଲା । କିନ୍ତୁ କ୍ଷମତାର ଲୋଭ ତାଙ୍କ ମନକୁ କେବେ ଛୁଇଁଲା ନାହିଁ ।

୧୯୪୮ ମସିହାରେ କଂଗ୍ରେସ ଦଳରୁ ଅଲଗା ହୋଇ ସମାଜବାଦୀ ଦଳ ବୋଲି ଆଉ ଏକ ନୂଆ ରାଜନୈତିକ ଦଳ ସେ ଗଠନ କରିଥିଲେ । ଏହି ଦଳର ନେତା ହିସାବରେ ଦେଶରେ ସମାଜବାଦ ପ୍ରତିଷ୍ଠା ପାଇଁ ସେ ଅନେକ ବର୍ଷ ଲଢ଼େଇ କରିଛନ୍ତି ।

ଦେଶରୁ କପରି ଧନୀ, ଗରିବ ଭେଦଭାବ ଘୁଞ୍ଚିବ, ଏଥିପାଇଁ ଜୟପ୍ରକାଶ ପିଲାଦିନରୁ ଚେଷ୍ଟା କରି ଆସିଛନ୍ତି । ତାଙ୍କର ଧାରଣା ଥିଲା ସମାଜବାଦୀ ଦଳ ସଂଗଠନ ଜରିଆରେ ଦେଶର ଶାସନ କ୍ଷମତା ଦଖଲ କରି ଆଇନ ଦ୍ୱାରା ଏହି ପ୍ରଭେଦକୁ ଘୁଞ୍ଚାଇ ହେବ । ଧନୀ ଲୋକମାନେ ଯେଉଁ ସମ୍ପତ୍ତି ମାଡ଼ି ବସିଛନ୍ତି ତାହା ସମସ୍ତଙ୍କ ଭିତରେ ବାଣ୍ଟି ଦେଲେ ଗରିବ ଲୋକମାନଙ୍କ ଅବସ୍ଥାର ଉନ୍ନତି ହେବ, ଧନୀମାନଙ୍କର ଶୋଷଣ କମିଯିବ । ସେମାନେ ସାଧାରଣ ଲୋକଙ୍କ ଅବସ୍ଥାକୁ ଫେରି ଆସିବେ । ଦେଶରେ ସମାଜବାଦ ପ୍ରତିଷ୍ଠା ହୋଇଯିବ ।

କିନ୍ତୁ ଋଷିଆ ପ୍ରଭୃତିର ସାମ୍ୟବାଦୀ ଦେଶର ଅବସ୍ଥାରୁ ସେ ଭାବିଲେ, ଏ କଥା ମଧ୍ୟ ସମ୍ଭବ ନୁହେଁ । ଆଇନ ଜରିଆରେ ସମାଜବାଦ ଆସିବ ନାହିଁ । ଏହାଦ୍ୱାରା ହିଂସା ବଢ଼ିବ । ଭିନ୍ନ ଭିନ୍ନ ରାଜନୈତିକ ଦଳ ରହିବା ଫଳରେ ପରସ୍ପର ଭିତରେ ସବୁବେଳେ ଲଢ଼େଇ ହେବ । ସେଥିପାଇଁ ସେ କୌଣସି ରାଜନୈତିକ ଦଳ ସହିତ ସମ୍ପର୍କ ରଖିବେ ନାହିଁ ବୋଲି ସ୍ଥିର କଲେ । ସେ ସମାଜବାଦୀ ଦଳରୁ ଇସ୍ତଫା ଦେଲେ ।

ସମାଜବାଦରୁ ସର୍ବୋଦୟ

ସର୍ବୋଦୟ ସମାଜ ପ୍ରତିଷ୍ଠା ପାଇଁ ବିନୋବା ଭାବେ ଯେଉଁ ଭୂଦାନଯଜ୍ଞ ଆନ୍ଦୋଳନ ଆରମ୍ଭ କରିଥିଲେ, ସେହି ଯଜ୍ଞକୁ

ସଫଳ କରିବା ପାଇଁ ସେ ଜୀବନ ଦାନ କରିଛନ୍ତି । ସର୍ବୋଦୟ ବାଟରେ ସମାଜବାଦ ଆସିବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଆସିଛି । ଜୟପ୍ରକାଶ ସର୍ବୋଦୟ ଆନ୍ଦୋଳନରେ ଯୋଗ ଦେବା ଫଳରେ ଏହି ଆନ୍ଦୋଳନ ନୂଆ ଜୀବନ ପାଇଛି । କ୍ରମେ କ୍ରମେ ଏହା ଚାରିଆଡ଼େ ଦ୍ରୁତ ଗତିରେ ପ୍ରସାରିତ ହେଉଛି ।

ଥରେ ପଣ୍ଡିତ ନେହେରୁ ଲୁଇ ଫିସର୍ ନାମକ ଜଣେ ବିଦେଶୀ ଲୋକଙ୍କୁ କହିଥିଲେ, ଜୟପ୍ରକାଶ ଭବିଷ୍ୟତରେ ଭାରତର ପ୍ରଧାନ ମନ୍ତ୍ରୀ ହେବେ । କିନ୍ତୁ ଜୟପ୍ରକାଶ ମନ୍ତ୍ରୀ ହେବାକୁ କେବେ ମନ ବଳାଇ ନାହାନ୍ତି ।

ଜୟପ୍ରକାଶ ପିଲାଦିନୁ ଗରିବ ଥିଲେ । ଗରିବ ଲୋକଙ୍କ ଦୁଃଖ କଷ୍ଟ ତାଙ୍କୁ ବେଶୀ ଜଣା । ସେମାନଙ୍କ ଦୁଃଖ କଷ୍ଟ ଦୂର କରିବା ପାଇଁ ସେ ଜୀବନ ପଣ କରି ଲଢ଼େଇ କରୁଛନ୍ତି । କୌଣସି ରାଜନୈତିକ ଦଳ ସହିତ ସେ ବର୍ତ୍ତମାନ ସମ୍ପୃକ୍ତ ନୁହନ୍ତି । ନେତା ହୋଇ ନାମ କମାଇବାର ଇଚ୍ଛା ତାଙ୍କର ନାହିଁ । ମନ୍ତ୍ରୀ ହୋଇ ସୁଖରେ ରହିବାକୁ ଲାଳସା ତାଙ୍କର ମୂଳରୁ ନ ଥିଲା । ବର୍ତ୍ତମାନ ସେ ସର୍ବୋଦୟ ଆନ୍ଦୋଳନର ବାର୍ତ୍ତା ଚାରିଆଡ଼େ ପ୍ରଚାର କରୁଅଛନ୍ତି ।

ପ୍ରିଣ୍ଟର—ଶ୍ରୀ ଜୟନ୍ତ ପାଣିଗ୍ରାହୀ,
ଶ୍ରୀ ରାଧାନାଥ କୋ-ଅପରେଟିଭ ପ୍ରେସ,—କଟକ—୨


ଧର୍ମଗ୍ରନ୍ଥ ପୁସ୍ତକ ଭଣ୍ଡାର
କଟକ